# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଜୁଲାଇ ୨/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, July 2/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 217 | ମୂଲ୍ୟ ₹୭/-




## ଅଶୋକ ଦଣ୍ଡସେନାଙ୍କୁ ସ୍ୱର୍ଣ୍ଣ ପଦକ

ବର୍ମିଂହାମରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସର ପୁରୁଷ ୮୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ଅଶୋକ ଦଣ୍ଡସେନା।

୧୪

୧୦

## ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ନିଲମ୍ବିତ

ଥାଇଲାଣ୍ଡର ସାମ୍ବିଧାନିକ ଅଦାଲତ ମଙ୍ଗଳବାର ଦେଶର ପ୍ରଧାନମନ୍ତ୍ରୀ ପାଏଟୋଙ୍ଗଟାର୍ନ ଶିନାୱାତ୍ରାଙ୍କୁ କର୍ତ୍ତବ୍ୟରୁ ନିଲମ୍ବନ କରିଛନ୍ତି।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

## ୧୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର,୧।୭(ସୁନିତ୍ ମିଶ୍ର)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୪ ତାରିଖରେ ଓଡ଼ିଶା ଆସିବେ। ୨ ଦିନିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେବେ ବୋଲି ଜଣାପଡ଼ିଛି। ୧୪ରେ ଭୁବନେଶ୍ୱର ଏମ୍ସ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ଏବଂ ୧୫ରେ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ରେଭେନ୍ସା ବାଳିକା ବିଦ୍ୟାଳୟର ଶିଳାନ୍ୟାସ କରିବେ। ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବେ। କଟକରେ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ☞ପୃଷ୍ଠା-୪

## ୧୧ରେ ଆସୁଛନ୍ତି ରାହୁଲ, ଖାର୍ଗେ

ଭୁବନେଶ୍ୱର,୧।୭(ରବିନାରାୟଣ ଜେନା)

ରାଜ୍ୟ କଂଗ୍ରେସକୁ ମଜଭୁତ୍ କରିବା ଲାଗି ଚଳିତମାସ ୧୧ ତାରିଖରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓଡ଼ିଶା ଗସ୍ତରେ ଆସିବେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏ ନେଇ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କାଡାମ କହିଛନ୍ତି, ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ହେବାକୁଥିବା ସମ୍ବିଧାନ ବଞ୍ଚାଅ ସମାବେଶରେ ରାହୁଲଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାର ପ୍ରସ୍ତୁତି ପାଇଁ କଂଗ୍ରେସ ଭବନରେ ଏକ ବୈଠକ ଶେଷହୋଇଛି। ବୈଠକରେ ପିସିସି ସଭାପତିଙ୍କ ସହ ଦଳର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।



ଜଳକା ନଦୀର ଉଛୁଳା ପାଣିରେ ବାଲେଶ୍ୱର ଜିଲା ବସ୍ତା ବ୍ଲକର ତଳିଆ ଅଞ୍ଚଳ ଜଳମଗ୍ନ ହୋଇଯାଇଛି।

**ବିପଦସଙ୍କେତ ଉପରେ ସୁବର୍ଣ୍ଣରେଖା**

# ପାଣିଘେରରେ ଶତାଧିକ ଗାଁ

- ଜଳକା ସ୍ଥିର, କମୁଛି ବୁଢ଼ାବଳଙ୍ଗ
- ବନ୍ୟା ସ୍ରୋତରେ ଭାସିଗଲେ ୨
- ୪ ବ୍ଲକ୍‌ର ୩୬୫୬ ଲୋକଙ୍କୁ ସ୍ଥାନାନ୍ତର

**ଲଘୁଚାପଜନିତ ପ୍ରବଳ ବର୍ଷା ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟା ଆଣିଛି। ବିଶେଷକରି ଉତ୍ତର ଓଡ଼ିଶାରେ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକାରେ ପୁଣି ବନ୍ୟା ଆସି ଉତ୍ତର ବାଲେଶ୍ୱର ଉବୁଟୁବୁ ହେଉଛି। ଏଥିରେ ଶତାଧିକ ଗ୍ରାମର ଲୋକେ ପ୍ରଭାବିତ ହୋଇଛନ୍ତି। ସେହିପରି ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀରେ ଜଳପତ୍ତନ ବୃଦ୍ଧି ଘଟିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀସ୍ଥିତ ଆଖୁଆପଦାରେ ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି। ଆଗାମୀ ୨୪ ଘଣ୍ଟା ଭିତରେ ଏହି ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେଣୁ ବନ୍ୟା ସ୍ଥିତି ଆହୁରି ସଙ୍ଗିନ ହେବା ଆଶଙ୍କା କରାଯାଉଛି।**

ବାଲେଶ୍ୱର,୧।୭(ବାଞ୍ଛାନିଧି ଦେ)

ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକାରେ ପୁଣି ବନ୍ୟା ଆସି ଉତ୍ତର ବାଲେଶ୍ୱର ଉବୁଟୁବୁ ହେଉଛି। ମଙ୍ଗଳବାର ସୁବର୍ଣ୍ଣରେଖା ନଦୀରେ ବନ୍ୟାଜଳ ବିପଦସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ଜଳକାର ଜଳସ୍ତର ସ୍ଥିର ରହିଛି। ଅପରପକ୍ଷରେ ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ହ୍ରାସ ପାଉଥିଲେ ମଧ୍ୟ ବିପଦ ଟଳିନି। ଶତାଧିକ ଗାଁ ଜଳଘେରରେ ଥିବାବେଳେ ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକ୍‌ର ୩୬୫୬ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବିପଦସଙ୍କେତ ୧୦.୩୬ ମିଟର ଥିବାବେଳେ ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା ୧୦.୪୨ମିଟରରେ ପ୍ରବାହିତ ହେଉଛି। ବନ୍ୟାଜଳରେ ୨ଜଣ ଭାସିଯାଇଥିବା ଜଣାପଡ଼ିଛି। ବାଲିଆପାଳ ବ୍ଲକ ବିଷ୍ଣୁପୁର ଗ୍ରାମ ୩ ନମ୍ବର ୱାର୍ଡର ରାକେଶ ସି (୩୨) ମଙ୍ଗଳବାର ବନ୍ୟାପାଣିରେ ପଶି ଘରକୁ ଯାଉଥିବା ବେଳେ ଏକ ପୋଲରୁ ଖସି ଭାସିଯାଇଛନ୍ତି। ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ୪ଟି ପାୱାର ବୋଟ୍ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ସେହିପରି ସିଂଲା ଥାନା ଅଧୀନ କାଳନ୍ଦା ଗ୍ରାମର ଶତ୍ରୁଘ୍ନ ବିନ୍ଧାଣି(୫୦) ସୋମବାର ବାସୁଚକୁରି ହାଟକୁ ସଉଦା ଆଣିବାକୁ ଯାଉଥିବା ବେଳେ ପେଜଗଳା ନଦୀରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ମଙ୍ଗଳବାର ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ତାଙ୍କୁ ପାଣିରୁ ଉଦ୍ଧାରକରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

ବନ୍ୟା ସ୍ଥିତି ଗମ୍ଭୀର ଥିବାରୁ ସମସ୍ତ ବ୍ଲକରେ ୨୪ ଘଣ୍ଟିଆ ହେଲ୍ପଲାଇନ ଖୋଲା ଯାଇଛି। ଜିଲା ପ୍ରଶାସନ ସ୍ଥିତି ☞ପୃଷ୍ଠା-୪

## ୧୪ ଜିଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,୧।୭ (ଅନୁରାଧା ମହାରଣା)

ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି। ଉତ୍ତର ଓଡ଼ିଶା ଏବଂ ଏହାର ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ବଙ୍ଗୋପସାଗର ନିକଟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଉପରମୁଣ୍ଡରେ ଲଗାଣ ବର୍ଷା ଫଳରେ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବୁଧବାର ୩ ଜିଲା ପାଇଁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି ହୋଇଥିବାବେଳେ ୧୪ ଜିଲାରେ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ବଜ୍ରପାତ ସହ ବର୍ଷା ହେବାକୁ ଥିବା ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ କେତେକ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି।

## ସୁପ୍ରିମକୋର୍ଟରେ ସଂରକ୍ଷଣ

ନୂଆଦିଲ୍ଲୀ,୧।୭(ପି.ଟି.)

ସୁପ୍ରିମକୋର୍ଟ ଇତିହାସରେ ପ୍ରଥମ ଥର ପାଇଁ ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ବର୍ଗର କର୍ମଚାରୀଙ୍କ ସକାଶେ ଆନୁଷ୍ଠାନିକ ଭାବେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ଏ ସଂକ୍ରାନ୍ତ ନିଷ୍ପତ୍ତିର ସର୍କୁଲାର ଜୁନ୍ ୨୪ରେ ସୁପ୍ରିମକୋର୍ଟର ସମସ୍ତ କର୍ମଚାରୀଙ୍କ ନିକଟକୁ ପଠାଯାଇଛି। ତଦନୁଯାୟୀ, ସର୍ବୋଚ୍ଚ ଅଦାଲତରେ କାର୍ଯ୍ୟରତ କର୍ମଚାରୀମାନଙ୍କ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଏହି ସଂରକ୍ଷଣ ନୀତି କାର୍ଯ୍ୟକାରୀ ହେବ। ଏନେଇ ମଡେଲ ରିଜର୍ଭେଶନ ରୋଷ୍ଟର ଆଣ୍ଡ ରେଜିଷ୍ଟରକୁ ସୁପରନେଟ୍ (ଇଣ୍ଟରନାଲ ଇମେଲ୍ ନେଟ୍‌ୱର୍କ)ରେ ଅପ୍‌ଲୋଡ୍ କରାଯାଇଛି, ଯାହାକି ୨୦୨୫ ଜୁନ୍ ୨୩ରୁ ପ୍ରଭାବକୁ ଆସିଛି। ଏହା ଉପରେ କୌଣସି କର୍ମଚାରୀଙ୍କ ଆପତ୍ତି ଥିଲେ ରେଜିଷ୍ଟ୍ରାରଙ୍କ ନିକଟରେ ଅଭିଯୋଗ କରିପାରିବେ। ସର୍କୁଲାର ଅନୁସାରେ ଏସ୍‌ସିଙ୍କୁ ୧୫% ଏବଂ ଏସ୍‌ଟି କର୍ମଚାରୀଙ୍କୁ ୭.୫% ସଂରକ୍ଷଣ ସୁବିଧା ମିଳିବ।

**ଆଜିର ସମ୍ପାଦକୀୟ**

ପାଣ୍ଡିରୁ ପ୍ରଭାବ

## ତ୍ରୁଟି ଏଡ଼ାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

- ବାହୁଡ଼ାରେ ଭୁଲ୍‌ର ପୁନରାବୃତ୍ତି ନ କରିବାକୁ ପରାମର୍ଶ
- ଶରଧାବାଲି ଅଘଟଣ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା



ପୁରୀ,୧।୭(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରାର ପ୍ରଥମ ଦୁଇ ଦିନରେ ଅପ୍ରତ୍ୟାଶିତ ଘଟଣା ଘଟିଥିଲା, ଯାହାକୁ ନେଇ ରାଜ୍ୟ ସରକାର ସମାଲୋଚନାର ଶିକାର ହୋଇଥିଲେ। ତେଣୁ ମହାପ୍ରଭୁଙ୍କ ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ସମାପନ ହେବ ସେ ନେଇ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ତ୍ରୁଟି ନ ହେବାକୁ ଗୁରୁତ୍ୱ ଦେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏନେଇ ରଥଯାତ୍ରା ସୁରକ୍ଷା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସର୍କିଟ୍ ହାଉସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ବରିଷ୍ଠ ଅଧିକାରୀ, ସେବାୟତ ଓ ସେବକମାନେ ଉପସ୍ଥିତ ଥିଲେ। ଶରଧାବାଲି ଅଘଟଣ ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ପ୍ରଥମ ଦୁଇ ଦିନରେ କିଛି ଅପ୍ରତ୍ୟାଶିତ ଘଟଣା ଘଟିଥିବାରୁ ମୁଁ ମର୍ମାହତ। ଏହି ଘଟଣାର ତଦନ୍ତ ପାଇଁ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆମର ମୂଳ ଲକ୍ଷ୍ୟ ହେଉଛି, ଆଗାମୀ ଦିନରେ ଥିବା ବାହୁଡ଼ା, ସୁନାବେଶ ଓ ନୀଳାଦ୍ରିବିଜେକୁ ସୁରୁଖୁରୁରେ ସମ୍ପନ୍ନ କରିବା। ଚତୁର୍ଦ୍ଧାମୂର୍ତ୍ତିଙ୍କ ସମସ୍ତ ନୀତିକାନ୍ତିଠାରୁ ଆରମ୍ଭ କରି ଜନସାଧାରଣଙ୍କ ଦର୍ଶନ କିପରି ସୁରୁଖୁରୁରେ କରାଯିବ ସେ ନେଇ ସମସ୍ତ ବ୍ୟବସ୍ଥା କରାଯାଉଛି। ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ପ୍ରଶାସନ ତତ୍ପର ଥିବା ନେଇ ଅବଗତ ହୋଇଛି ଏବଂ ଏହାର କାର୍ଯ୍ୟକାରିତା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ☞ପୃଷ୍ଠା-୪

# ସମୂହ ଛୁଟିରେ ଓଏଏସ୍ ଅଧିକାରୀ

ଭୁବନେଶ୍ୱର,୧।୭(ରବିନାରାୟଣ ଜେନା)

ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସୋମବାର ତାଙ୍କ କାର୍ଯ୍ୟାଳୟ ପରିସରରେ ଘୋଷାରି ଆକ୍ରମଣ କରିବା ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ଏହି ପ୍ରସଙ୍ଗରେ ମଙ୍ଗଳବାର ଦିନତମାମ୍ ଓଏଏସ୍ ସଂଘ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହେବା ସହିତ ସରକାରଙ୍କୁ ୨୪ ଘଣ୍ଟିଆ ମହଲତ ଦିଆଯାଇଛି। ଅନ୍ୟପକ୍ଷରେ ଜଣେ ବରିଷ୍ଠ ଅଧିକାରୀଙ୍କୁ ଏଭଳି ମରଣାନ୍ତକ ଆକ୍ରମଣକୁ ନେଇ ରାଜ୍ୟର ସମସ୍ତ ୩୦ ଜିଲାର ଓଏଏସ୍ ଅଫିସରମାନେ ସମୂହ ଛୁଟି ତଥା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ସୁଦ୍ଧା ଯଦି ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ସଂଘ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏନେଇ ସଂଘ ସଭାପତି ଜ୍ୟୋତିରଞ୍ଜନ ମିଶ୍ର କହିଛନ୍ତି, ସୋମବାର ରାତି ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ୩ ଦିନ ମଧ୍ୟରେ ସମସ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଂଘକୁ ଆଶ୍ୱାସନା ଦେଇଥିଲେ। ହେଲେ ମଙ୍ଗଳବାର ଅତିରିକ୍ତ ଆୟୁକ୍ତ ରତ୍ନାକର ସାହୁଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ମହିଳାଙ୍କୁ ଲଗାଇ ମିଥ୍ୟା ମାମଲା ରୁଜୁ କରାଯାଇଛି। ଏହାଦ୍ୱାରା ଅତିରିକ୍ତ ଆୟୁକ୍ତଙ୍କ ମନୋବଳ ଭାଙ୍ଗିବା ସହିତ ଓଏଏସ୍ ☞ପୃଷ୍ଠା-୪



ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କୁ ମଙ୍ଗଳବାର ସାମୂହିକ ଛୁଟି ଘୋଷଣାପତ୍ର ପ୍ରଦାନ କରୁଛନ୍ତି ଓଏଏସ୍ ଅଧିକାରୀ।

**ବିଏମ୍‌ସି ଅଧିକାରୀଙ୍କୁ ପାଡ଼ ପାରିବା ପ୍ରସଙ୍ଗ**

- ସରକାରଙ୍କୁ ୨୪ ଘଣ୍ଟିଆ ମହଲତ ଦେଲା ଓଏଏସ୍ ସଂଘ




ଓଡ଼ିଆ ସବୁଜ ସାହିତ୍ୟର ମହାରଥୀ କାଳିନ୍ଦୀଚରଣ ପାଣିଗ୍ରାହୀ ଏକାଧାରରେ ଥିଲେ କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର ଓ ପ୍ରାବନ୍ଧିକ। କାଳଜୟୀ ଉପନ୍ୟାସ 'ମାଟିର ମଣିଷ' ପାଇଁ ସେ ସୁବିଖ୍ୟାତ। ଭାରତୀୟ ସାହିତ୍ୟକୁ ନିଜର ଅବିସ୍ମରଣୀୟ ଅବଦାନ ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଫେଲୋଶିପ୍ ଓ 'ପଦ୍ମଭୂଷଣ' ସମ୍ମାନରେ ବିଭୂଷିତ। ଅବିଭକ୍ତ ପୁରୀ ଜିଲାର ବିଶ୍ୱନାଥପୁର ଗ୍ରାମରେ ୨ ଜୁଲାଇ ୧୯୦୧ରେ ଜନ୍ମିତ କାଳିନ୍ଦୀ ଥିଲେ ଜଣେ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ। ଏଠାରେ ତାଙ୍କ ସାହିତ୍ୟ ସୃଷ୍ଟିର କିୟଦଂଶ ଅବତାରଣା କରାଯାଉଛି ତାଙ୍କ ଜନ୍ମ ଦିବସ ଅବସରରେ...



କାଳିନ୍ଦୀଚରଣ ପାଣିଗ୍ରାହୀ (୨ ଜୁଲାଇ ୧୯୦୧ – ୧୫ ମେ ୧୯୯୧)

## ଉତ୍ତରାଧିକାର

ପ୍ରବନ୍ଧ

ଯେତେ ବଡ଼ ଶୋକ ଆସୁ ପଛକେ ସେଥିରେ କାତର, କ୍ଳୀବ ବା ଅଥର୍ବ ହୋଇ ରହିବା ଗାନ୍ଧି-ନୀତିର ବିରୋଧୀ। ସେ ନୀତି ସବୁ ଅବସ୍ଥାରେ ଆଶାବନ୍ତ ଓ ଅଗ୍ରଗାମୀ। ଗାନ୍ଧି-ହତ୍ୟାର ବିରାଟ କଠୋରତା ଆଗରେ ଆଶାବନ୍ତ ହୋଇ ଅଗ୍ରଗାମୀ ଚିନ୍ତା କରିବା ଏକ ଅସମ୍ଭବ ବ୍ୟାପାର ବୋଲି ମନେ ହୋଇପାରେ; କିନ୍ତୁ ଗାନ୍ଧି-ନୀତି ପୃଥିବୀର ଯେକୌଣସି ଅସମ୍ଭବକୁ ମଧ୍ୟ ଅସ୍ୱୀକାର କରେ। ତାହାର ଅନେକ ପ୍ରମାଣ ଆମେ ଗଲା ତିନିଟା ଦଶନ୍ଧି ଭିତରେ କେତେକ ଘଟଣାରେ ଦେଖିଆସିଛୁଁ।

ପୃଥିବୀର ରାଜନୀତିକ ଇତିହାସରେ ଯେତେଗୁଡ଼ିଏ ନୀତିର ପ୍ରଚଳନ ଦେଖାଯାଏ, ଗାନ୍ଧି-ନୀତି ତାହା ଭିତରେ ସମ୍ପୂର୍ଣ୍ଣ ଅଭିନବ। ଆନ୍ତର୍ଜାତିକ ରାଜନୀତି କ୍ଷେତ୍ରରେ କାର୍ଲ ମାର୍କସ୍ ବା ଲେନିନ୍ ଯାହା ଲୋଡ଼ିଥିଲେ, ଗାନ୍ଧି ମଧ୍ୟ ସେହିଭଳି ଚରମ-ପନ୍ଥୀ। ସବୁଠାରୁ ବେଶି ଲୋକଙ୍କର ହିତ ଦୃଷ୍ଟିରୁ ସେହିମାନଙ୍କ ସମ୍ମତି ଉପରେ ଶାସନ ପ୍ରତିଷ୍ଠା କରିବା, ସମାଜର ପ୍ରତି ଅବୟବକୁ ସୁସ୍ଥ ସ୍ୱାଧୀନ କରିବା କାର୍ଲ ମାର୍କସ୍ ବା ଲେନିନ୍‌ଙ୍କ ଭଳି ଗାନ୍ଧିଜୀଙ୍କର ମଧ୍ୟ ଚୂଡ଼ାନ୍ତ ଲକ୍ଷ୍ୟ ଥିଲା। କେବଳ କାର୍ଯ୍ୟ-ପନ୍ଥା ଫରକ। ମାର୍କସ-ବାଦର ଅସ୍ତ୍ର ହିଂସା, ଗାନ୍ଧି-ବାଦର ଅହିଂସା।

ଗାନ୍ଧି-ବାଦର ସମାଲୋଚକ କହନ୍ତି, ଅହିଂସା କେବଳ ଗାନ୍ଧିଜୀଙ୍କ ଛଡ଼ା ତାଙ୍କର କେହି ପଟ୍ଟଶିଷ୍ୟ ମଧ୍ୟ କାର୍ଯ୍ୟରେ ପରିଣତ କରୁଥିଲା ଭଳି ଅନେକ ସମୟରେ ଜଣାପଡ଼ନ୍ତି ନାହିଁ। ପୁଣି ଅହିଂସା ହେଉଛି ସଭ୍ୟତାର ଶେଷ ନିଦାନ। ରାଜନୀତି କ୍ଷେତ୍ରରେ ଏଭଳି ଏକ ନୀତିର ପ୍ରଚଳନ ଆଦୌ ସମ୍ଭବ ବୋଲି ମଧ୍ୟ ଅନେକଙ୍କ ମନରେ ବିଶ୍ୱାସ ଆସେ ନାହିଁ। ତଥାପି ରାଜନୀତି କ୍ଷେତ୍ରରେ ମଧ୍ୟ ଯଦି ଏହି ଅସ୍ତ୍ରବଳରେ ପୃଥିବୀର ସର୍ବଶ୍ରେଷ୍ଠ ଶକ୍ତିକୁ ହଟେଇ ଦିଆଯାଇପାରେ, ପୁଣି ଏହି ନୀତିକୁ ପୂର୍ଣ୍ଣ ରୂପେ ଅନୁସରଣ କରି ଯଦି ଜଣେ ଲୋକ ୭୮ ବର୍ଷ ପର୍ଯ୍ୟନ୍ତ ବହୁ ଶତ୍ରୁଙ୍କ ଭିତରେ ଏକାନ୍ତ ନିରସ୍ତ୍ର ଅସହାୟ ହୋଇ ବଞ୍ଚିରହିପାରେ, ତେବେ ଅନ୍ୟ ମନୁଷ୍ୟ ପକ୍ଷରେ ତାହା ଯେ ଏକାବେଳକେ ଅସମ୍ଭବ, ସେ କଥାକୁ କୌଣସି ନ୍ୟାୟଶାସ୍ତ୍ର ସମର୍ଥନ କରିବ ନାହିଁ। ସତକୁ ସତ ଆଜି ଗାନ୍ଧିହତ୍ୟା ଭିତରେ ଯେଉଁ ରହସ୍ୟ ନିହିତ ଅଛି, ତାହା ଅନୁସନ୍ଧାନ କଲେ ମନ ଭିତରେ ଆଗ ହୋଇ ଗୋଟିଏ ପ୍ରଶ୍ନ ପହଞ୍ଚେ, ୭୮ବର୍ଷ ବୟସ ପର୍ଯ୍ୟନ୍ତ ତାଙ୍କୁ ହତ୍ୟା କରା ନ ଯାଇ କିପରି ଛାଡ଼ି ଦିଆଗଲା? କିମ୍ବା ଭାରତ ସ୍ୱାଧୀନତା ପୀଠରେ ଏହା ହିଁ କ'ଣ ଶ୍ରେଷ୍ଠତମ ବଳି ରୂପେ ଆଗରୁ ରଖା ହୋଇଥିଲା।

ତାହାର କାରଣ, ରାଜନୀତିକ ବିଜୟ ହାସଲ କରିବା ଯେଉଁମାନଙ୍କ ଜୀବନର ବ୍ରତ ହୋଇଛି, ଦେଶଜୟୀ ସମ୍ରାଟ୍, ରାଜା, ସେନାପତି, ମନ୍ତ୍ରୀ, ଜନନାୟକ ବା ବିପ୍ଳବୀ ନେତା ରୂପେ ସବୁ ଯୁଗରେ ସବୁ ଦେଶର ଇତିହାସରେ ଯାହାଙ୍କ ନାମ ଲିପିବଦ୍ଧ ରହିଛି, ସବୁରି ଭିତରେ ହିଁ ଗାନ୍ଧିଜୀ ଯେପରି ଏକକ ଓ ସ୍ୱତନ୍ତ୍ର। ସବୁ ଯୁଗରେ ସବୁ ଦେଶର ଇତିହାସରେ ଯେଉଁମାନଙ୍କ ନାମ ଲିପିବଦ୍ଧ ରହିଛି, ସେମାନଙ୍କ କୃତିତ୍ୱ ମଧ୍ୟରେ କିଏ ନିଜ ପକ୍ଷରୁ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ପକ୍ଷରୁ କେତେ ହଜାର ବା କେତେ ଲକ୍ଷ ନରନାରୀଙ୍କ ରକ୍ତରେ ନିଜ ହାତକୁ ରଙ୍ଗାଇ ପାରିଛନ୍ତି। ପୁରାଣ ଯୁଗରୁ ଆରମ୍ଭ କରି ଆଜିଯାକେ କେବଳ ରକ୍ତାକ୍ତ ଲଢ଼େଇର କାହାଣୀ ହିଁ ଆମ୍ଭେମାନେ ଶୁଣି ଆସିଛୁଁ।

କେଉଁଠାରେ ନର ଓ ରାକ୍ଷସ ମଧ୍ୟରେ, କେଉଁଠାରେ ଭାଇ ଭାଇ ଭିତରେ କିମ୍ବା ଗୋଟିଏ ରାଜ୍ୟ ସଙ୍ଗେ ଅପର ରାଜ୍ୟର ସଂଘର୍ଷ ହୋଇ ଏକ ପକ୍ଷ ବିଜୟ ହାସଲ କରିଛନ୍ତି। ବର୍ତ୍ତମାନ ଯୁଗରେ ମଧ୍ୟ ରାଜନୀତିକ ବିଜୟ ଲାଭ ପାଇଁ ରକ୍ତାକ୍ତ ଯୁଦ୍ଧ ବିପ୍ଳବର ଉଦାହରଣ ସବୁଦିନର ଘଟନା ରୂପେ ଆମ ଆଖି ଆଗରେ ନାଚୁଛି। କେବଳ ରକ୍ତହୀନ ଯୁଦ୍ଧ ଓ ରକ୍ତହୀନ ବିପ୍ଳବର ନିଶାଣ ଧରି ସବୁରି ଊର୍ଦ୍ଧ୍ୱରେ ଭାରତବର୍ଷ ଠିଆହୋଇଛି ମଣିଷ ଜାତିର ହଜାର ହଜାର ବର୍ଷର ଇତିହାସକୁ ଉପହାସ କରି। ନବ ଭାରତର ସର୍ବଶ୍ରେଷ୍ଠ ଭାସ୍କର, ସବୁଠାରୁ ବଡ଼ ବିନ୍ଧାଣି ଗାନ୍ଧିଜୀ। ହିଟ୍‌ଲର, ମୁସୋଲିନି, ନେପୋଲିୟନ୍ ଆଲେକ୍‌ଜାଣ୍ଡର, ଲିଙ୍କନ୍, ୱାଶିଂଟନ୍, ରୋସୋ, ସକ୍ରେଟିସ୍‌ଙ୍କ କଥା ଆମେ ଅଳ୍ପବହୁତ ଜାଣୁ। ରାମ, କୃଷ୍ଣ, ଯୁଧିଷ୍ଠିର, ଶଙ୍କର ଚୈତନ୍ୟ, ନାନକ ପ୍ରଭୃତି ପ୍ରାଚ୍ୟ ବୀର ମନୀଷୀମାନଙ୍କ ଆଦର୍ଶରେ ଆମେ ଅନୁପ୍ରାଣିତ। ଯିଶୁ, ମହମ୍ମଦ, କନ୍‌ଫ୍ୟୁସିଅସ୍, ବୁଦ୍ଧ ପ୍ରଭୃତି ଧର୍ମ ସଂସ୍କାରକ ବା ଧର୍ମ ପ୍ରଚାରକ ମଧ୍ୟ ପୃଥିବୀରେ ଜନ୍ମଲାଭ କରିଥିଲେ। ଦର୍ଶନ, ବିଜ୍ଞାନ, କଳା, ସାହିତ୍ୟ ବା ଇତିହାସରେ ବହୁ ମନୀଷୀ ଦେଶ ଓ ସମାଜକୁ ବହୁ ଅମୂଲ୍ୟ ଦାନ ଦେଇଯାଇଛନ୍ତି।

କିନ୍ତୁ ରାଜନୀତି କ୍ଷେତ୍ରରେ ଗାନ୍ଧି ଯେଉଁ ଅହିଂସା ଅସ୍ତ୍ର ଧରାଇ ଦେଇଗଲେ, ପୃଥିବୀର ସୃଷ୍ଟିକାଳରୁ ଆଉ କେହି ତାହା ଦେଇ ନ ଥିଲେ। ଏହି ଅସ୍ତ୍ର ସାହାଯ୍ୟରେ ଯୁଦ୍ଧ କରି ମଧ୍ୟ ମନୁଷ୍ୟ ଯେ ପ୍ରବଳ ଶତ୍ରୁକୁ ଜୟ କରିପାରେ, ତାହା ଗାନ୍ଧି-ଜୀବନରେ ହିଁ ପ୍ରମାଣିତ ହେଲା।

ଅହିଂସାର ଅବତାର ରୂପେ, ଭାରତର ପୁଞ୍ଜୀଭୂତ ତପସ୍ୟା ରୂପେ ଯେଉଁ ଜୀବନ ଗଢ଼ା ହୋଇଥିଲା, ତାହାର ସମାପ୍ତି ହେଲା ପୁଣି ଗୁଳିଚୋଟରେ! ସେ ଚୋଟ ମୂଳରେ ଯେତେ ଷଡ଼ଯନ୍ତ୍ର ବା ରାଜନୀତିକ ଅଭିସନ୍ଧି ଥିଲେ ମଧ୍ୟ, ଯେତେ ହୀନତମ ସ୍ୱାର୍ଥ ଓ ବ୍ୟକ୍ତିଗତ ହିଂସା ଜଡ଼ିତ ଥିଲେ ମଧ୍ୟ, ତାହାର ଆବାଜ ଆଜି ପୃଥିବୀପୃଷ୍ଠରେ କେଉଁ ବାଣୀ ଶୁଣାଇଛି? ଗତ ମହାଯୁଦ୍ଧର ପ୍ରାରମ୍ଭରେ ଯେଉଁ ବିରାଟ ପୁରୁଷ ହିଟ୍‌ଲର ଓ ମୁସୋଲିନିଙ୍କୁ ମଧ୍ୟ ଅହିଂସା ନୀତିରେ ଦୀକ୍ଷିତ କରିବାକୁ ଦୁରାଶା ପୋଷଣ କରିଥିଲେ, ଅହିଂସା ବଳରେ ଇଂଲଣ୍ଡ ମଧ୍ୟ ଯୁଦ୍ଧଜୟୀ ହେବ ବୋଲି ଯେ ପରାମର୍ଶ ଦେଇଥିଲେ, ପୁଣି ଯାହାଙ୍କ ନୀତି ଓ ପରାମର୍ଶ ଆଜି ମଧ୍ୟ ରକ୍ତାକ୍ତ ଧରଣୀର ଲୋକ ବୁଝିବାକୁ ଅସମର୍ଥ, ମୃତ୍ୟୁର ଅଳ୍ପଦିନ ପୂର୍ବରୁ ଭାରତରେ ସାମ୍ପ୍ରଦାୟିକ ହତ୍ୟା ବିଭୀଷିକାର ଦମନ ପାଇଁ ଯେ ଆମରଣ ଅନଶନ କରି ଆଶ୍ଚର୍ଯ୍ୟ ରୂପେ କୃତକାର୍ଯ୍ୟ ହୋଇଥିଲେ; ଯାହାଙ୍କ ଜୀବନର ପ୍ରତି ଘଟଣା ଅସାଧାରଣ- ତାହାଙ୍କର ମୃତ୍ୟୁ ଆଉ ସାଧାରଣ ହୁଅନ୍ତା କିପରି?

ଆମରଣ ଅନଶନର ଯେଉଁ ପ୍ରଭାବ ଭାରତ ଉପରେ ପଡ଼ିଥିଲା, ଶେଷରେ ତାହାଙ୍କ ହତ୍ୟା ସମଗ୍ର ପୃଥିବୀର ରାଜନୀତି କ୍ଷେତ୍ରରେ ହିଂସା ଓ ରକ୍ତପାତ ପ୍ରତି ଅଙ୍ଗୁଳି ସଙ୍କେତ ଦେଲା। ଯଥାର୍ଥରେ ସେ ଗୁଳି ମାନବ ସଭ୍ୟତାର ଘୃଣ୍ୟତମ କଳଙ୍କ ପ୍ରତି ଆଜି ପୃଥିବୀର ଦୃଷ୍ଟି ଆକର୍ଷଣ କରିଛି। ତାହାର ଆବାଜ ବାଜିଛି ବହୁ ମାନବର ହୃଦୟରେ। ସର୍ବଶ୍ରେଷ୍ଠ ଅହିଂସ ପୁରୁଷ ବକ୍ଷରେ ଯେଉଁ ଗୁଳି ବାଜିଲା, ତାହା ଆଜି ଭାରତୀୟ ପ୍ରାଣକୁ ବିପନ୍ନ କରିନାହିଁ କି? ଆଜି କେବଳ ଭାରତ ତାହାର ସ୍ୱାଧୀନତା-ପୀଠରେ ଶ୍ରେଷ୍ଠତମ ବଳିଦାନ କରିନାହିଁ, ସମଗ୍ର ପୃଥିବୀର ମାନବସମାଜର ସ୍ୱାଧୀନତା ପାଇଁ ରକ୍ତହୀନ ସମରରେ ଡେଇଁ ପଡ଼ିବାକୁ ତାହା ଡାକଦେଇଛି। ଆଜୀବନ ସେ ଭାରତ ପାଇଁ ଆତ୍ମୋତ୍ସର୍ଗ କରିଥିଲେ; କିନ୍ତୁ ଶେଷରେ ସେ ଯେଉଁ ମୃତ୍ୟୁବରଣ କଲେ, ତାହା ଯେମିତି ସମଗ୍ର ପୃଥିବୀ ପାଇଁ।

ଗାନ୍ଧି-ଜୀବନଠାରୁ ଗାନ୍ଧି-ମରଣ ଅଳ୍ପ ଗୌରବମୟ ହୋଇ ନାହିଁ। ଗାନ୍ଧି-ଜୀବନର ଆଲୋକ ପ୍ରଧାନତଃ ଭାରତକୁ ଆଲୋକିତ କରୁଥିଲା। ଗାନ୍ଧି-ମରଣ ଆଜି ସମଗ୍ର ପୃଥିବୀକୁ ପ୍ରଭାବିତ କଲା। ସେ ଆଲୋକକୁ ଅଧିକ ସ୍ଥାୟୀ ଓ ଉଜ୍ଜ୍ୱଳତର କରିବାର ଭାର କୋଟି କୋଟି ଗାନ୍ଧି-ଦାୟାଦଙ୍କ ହାତରେ ଉତ୍ତରାଧିକାର ସୂତ୍ରେ ନ୍ୟସ୍ତ ରହିଲା।

**–କାଳିନ୍ଦୀଚରଣ ପାଣିଗ୍ରାହୀ**



କବିତା

## ଆସ୍ତିକର ଆକୃତି

ହେ ଦେବତା! ଏ ଜୀବନେ
ପଡ଼େ ଯେତେ ବେଦନାର ଦାଗ
ନିଏଁ ବରି ଅକାତରେ
ମଣି ତାହା ତବ ଅନୁରାଗ।

ନିଆଶାର ଦହନରେ
ଦଗଧ କରଇ ଯେହ୍ନୁ ପ୍ରାଣ,
ନ ଜନମୁ ତା'ର ଲାଗି
ଅନ୍ତରେ ମୋ ତିଳେ ଅଭିମାନ।
ଇଚ୍ଛଇ ମରଣ ମୋର
ଅହରହ ଏ ଜଗତେ ଯେହ୍ନୁ,
ତାହାରି ସେବାର ଲାଗି
ରକତ ନିଗାଡ଼ି ଦିଏଁ ଦେହୁଁ।

ଲାଞ୍ଛନାର ଶୈଳରାଶି
ଏ ଜୀବନେ ହାଣେ ଯେହ୍ନୁ ମୋର,
ଦୁଃଖେ ତା'ର ଝରିପଡୁ
ପ୍ରିୟତମ! ନୟନର ଲୋର।
ଜଗତର ଜରାରାଶି
ଫୁଟି ଉଠୁ କୁସୁମ ସମାନ,
ଜାଗି ଉଠୁ କଣ୍ଠେ ମୋର
ତବ ନବ ଗଉରବ ଗାନ।

ଅଶ୍ରୁ ଶତଦଳ ଘେନି
ପୂଜିବାକୁ ଲଭେଁ ଅଧିକାର
ଦେବାକୁ ତୁମରି ଅର୍ଘ୍ୟ
ଏ ଜୀବନ ରତୁ ଅଭିସାର।

ଶତ ଶତ କଷାଘାତ
ଅକାରଣ ପଡ଼ିଲେ ଏ ଦେହେ,
ଚନ୍ଦନ ସମାନ ତାହା
ସବୁ ଅଙ୍ଗେ ଲେପିଦିଏଁ ସ୍ନେହେ।

(କିନ୍ତୁ) ତବ ଅପମାନ ବନ୍ଧୁ!
ଶୁଣେଁ ଯେବେ ଜଗତର ମୁଖେ,
ବଧିର ହେଉ ଏ କର୍ଣ୍ଣ
ତୀର ସମ ବାଜୁ ତାହା ବୁକେ।
ତୁମ ଅପମାନ, ପ୍ରିୟ!
ମରଣହୁଁ ବଳି ଦେଉ ବ୍ୟଥା,
ମୁଖେ ତବ ଅପମାନ
ମୂକ କରୁ ମୋର ସବୁ କଥା!
ହେଉ ଅନ୍ଧ ଏ ନୟନ
କୁତ୍ସା ତବ ଦେଖେ ଯଦି ତାହା,
ସବୁ ଦରଶନ ମମ
ହେଉ ଦୂର, ଜୀବନର ନାହା!

ଏ ବଦନେ ତବ ନାମ
ଧରି ଯଦି କରେଁ ଅପମାନ,
ସେ ରସନା ଲଭୁ ମୋର
ସକଳ ରସର ଅବସାନ।
ସ୍ୱପନରେ ଯଦି କଦା
ତବ ଅପମାନ କରେଁ ପ୍ରିୟ,
ଚିର ନିଦ୍ରା ହେଉ ତାହା
ଏହି ଅବଦାନ ମୋତେ ଦିଅ!

**–କାଳିନ୍ଦୀଚରଣ ପାଣିଗ୍ରାହୀ**

## ଏକାକୀ ପଥରେ

ଏକାକୀ ପଥରେ ମୁଁ ଏକାକୀ ପଥରେ
ନାହିଁ ତ କେହି ପ୍ରାଣୀ ନାହିଁ ତ ଆଶା ବାଣୀ,
ମଉନ ବ୍ରତରେ ମୁଁ ଏକାକୀ ପଥରେ।

ଭୁବନେ ଉଚ୍ଛୁଳଇ ସୁଖ ଯେ ରହି ରହି
ହୃଦୟ ସୁଖହୀନ ଚାଲିଛି ମୁଁ ଯେ ବହି
ଜୀବନ ମ୍ଳାନ ମୋର ଆଘାତ ଶତରେ
ମୁଁ ଏକାକୀ ପଥରେ।

ଧାଇଁ ମୁଁ ସୁଖପାନେ କେବଳ ଦୁଃଖ ଆଣେ
ହୃଦୟ ମ୍ରିୟମାଣ ଛଳନା ଅପମାନେ
ସକଳ କ୍ରିୟାମୂଳେ ବେଦନା ହତ ରେ
ମୁଁ ଏକାକୀ ପଥରେ।

ପଛିମେ ଲୁଚେ ରବି ମୋ ହିଆ ପଡ଼େ ଦ୍ରବି
ବିକଳ ନୟନେ ମୁଁ ନିରେଖି ଦେଖେଁ ଛବି
ଅତିହିଁ ନିରିମାଖି ବିଜନ ରାତିରେ
ମୁଁ ଏକାକୀ ପଥରେ।

ତରୁଣ ମନ କଥା କରୁଣ ମର୍ମ ବ୍ୟଥା
କହିବି କାହା ଆଗେ ଦୁଃଖ ପ୍ରସଙ୍ଗ ପ୍ରଥା
ଶୀତ ଯେ ପରାସଇ ସୁଖ-ଶରତରେ
ମୁଁ ଏକାକୀ ପଥରେ।

ପ୍ରତିଜ୍ଞା ଶତ ମୋର ସପନ ଆଶା ଘୋର
ଇଚ୍ଛା ରାଶି ରାଶି ସନ୍ଧ୍ୟା କରେ ଦୂର
ଉଦୟ ହୁଏ ଯାହା ନିତି ପ୍ରଭାତରେ
ମୁଁ ଏକାକୀ ପଥରେ।

କେତେ ବିଦ୍ୟୁଚମକ କୁଳିଶର ଦମକ
ଆସଇ ଭୀମ ବେଶେ ଝଞ୍ଜା ବହି ଦକ
ପଦେ ଆଶ୍ୱାସ ପାଇଁ ନାହିଁ କେ ସାଥିରେ
ମୁଁ ଏକାକୀ ପଥରେ।

ଏ ମରୁପଥେ ଆଜି ହସର ତୃଣରାଜି
ନିଃସ୍ୱ ଲାଗି ତେବେ ବିଶ୍ୱ ଅଛି ସାଜି
ଏତିକି ସାନ୍ତ୍ୱନା ନା ହୃଦୟଗତରେ
ମୁଁ ଏକାକୀ ପଥରେ।

**–କାଳିନ୍ଦୀଚରଣ ପାଣିଗ୍ରାହୀ**

ରାଜ୍ୟ ଖବର

## ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍

### ୪୯ନଂ ଜାତୀୟ ରାଜପଥରେ ଯାତାୟାତ ବନ୍ଦ

ବାରିପଦା,୧୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତ ମୟୂରଭଞ୍ଜ ଜିଲା ୪୯ନଂ. ଜାତୀୟ ରାଜପଥ ଜାମଶୋଳା ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଟ୍ରାଙ୍କରରେ ଯାଉଥିବା ପ୍ରୋପିଲିନ ଗ୍ୟାସ ଲିକ୍ ହୋଇଛି । ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଝାଡ଼ଖଣ୍ଡ ଓ ମୟୂରଭଞ୍ଜ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, କୋଲକାତାରୁ ମୟୂରଭଞ୍ଜ ଜିଲା ଝାରପୋଖରିଆ ଅଭିମୁଖେ ଯାଉଥିବା ଏକ ପ୍ରୋପିଲିନ ଗ୍ୟାସ ଟ୍ୟାଙ୍କରରୁ ଗ୍ୟାସ ଲିକ୍ ହୋଇଥିଲା। ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂହଭୂମ ଜିଲା ବହଡ଼ାଗୋଡ଼ା ଥାନା ଅଧୀନ ପେଟ୍ରୋଲ ପମ୍ପ ନିକଟରେ ଟ୍ୟାଙ୍କରଟି ଅଟକି ରହିଥିଲା। ଫଳରେ ଏକ ବଡ଼ ଦୁର୍ଘଟଣାରୁ ସ୍ଥାନୀୟ ଅଞ୍ଚଳବାସୀ ବର୍ତ୍ତି ଯାଇଛନ୍ତି। ବହଡ଼ାଗୋଡ଼ାରୁ ଜାମଶୋଳା ମଧ୍ୟରେ ଥିବା ଗମ୍ଭାରିଆ ନିକଟସ୍ଥ ବେଲଛକ ନିକଟରେ ଟାଙ୍କିର ଭାଲଭ୍ ଲିକ୍ ହୋଇଯିବାରୁ ଦହନଶୀଳ ଭଳି ଅଶାଙ୍କା କରାଯାଉଥିବା ଗ୍ୟାସ ନିର୍ଗତ ହେବାକୁ ଲାଗିଥିଲା। ଖବରପାଇ ବହଡ଼ାଗୋଡ଼ା ଥାନା ପୋଲିସ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ପହଞ୍ଚି ଅଞ୍ଚଳକୁ ଘେରାବନ୍ଦୀ କରିଥିଲେ। ଲିକେଜର ନିୟନ୍ତ୍ରଣ କାର୍ଯ୍ୟ ଚାଲିଥିବା ବେଳେ ବିଶେଷଜ୍ଞମାନଙ୍କ ସାହାଯ୍ୟ ନିଆଯାଇଛି। ଏହି ଗ୍ୟାସ ବିଷାକ୍ତ କି ତାହା ଜାଣିବା ପାଇଁ ବାଲେଶ୍ୱରରୁ ବିଶେଷଜ୍ଞ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଦମକଳ ବାହିନୀ ଉପସ୍ଥିତ ରହିଥିବା ବେଳେ ୨କିମି ପରିଧି ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇଛି। ଲୋକମାନଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ତେବେ ସହଯୋଗ ବଜାୟ ରଖିବା ସହ ଗୁଜବରେ ଧ୍ୟାନ ନ ଦେବାକୁ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ କହିଛନ୍ତି।



ଗ୍ୟାସ୍ ଲିକ୍ ହୋଇଥିବା ଟ୍ୟାଙ୍କର।

## ୩ ରଥ ଯାଞ୍ଚକଲା ରଥ ନିର୍ମାଣ କମିଟି

ପୁରୀ,୧୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ରଥଯାତ୍ରାର ପଞ୍ଚମ ଦିନକୁ ହେରାପଞ୍ଚମୀ ଭାବରେ ପାଳନ କରାଯାଇଥାଏ। ହେରାପଞ୍ଚମୀର ପରଦିନ ଅର୍ଥାତ୍ ରଥଯାତ୍ରାର ଷଷ୍ଠ ଦିବସରେ ବାହୁଡ଼ାଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବାହୁଡ଼ାଯାତ୍ରା ନିମନ୍ତେ ହେରାପଞ୍ଚମୀର ପରଦିନ ତିନିରଥର ଦକ୍ଷିଣ ମୋଡ଼ ହେବ। ଏଥିନିମନ୍ତେ ରଥ ନିର୍ମାଣ କମିଟି ପକ୍ଷରୁ ରଥର ଯାଞ୍ଚ କରାଯାଇଥାଏ। ଏହି କ୍ରମରେ ମଙ୍ଗଳବାର କମିଟି ପକ୍ଷରୁ ଯାଞ୍ଚ କରାଯାଇଛି। ପୂର୍ତ୍ତ ବିଭାଗ ଇଞ୍ଜିନିୟର, କମିଟି ସଦସ୍ୟ, ମହାରଣା, ଇଞ୍ଜିନିୟର, ରଥ ଅମିନ ଏବଂ ରଥ ତତ୍ତ୍ୱାବଧାରକ ଉପସ୍ଥିତ ରହି ତିନିରଥର ଟିକିନିଖି ଯାଞ୍ଚ କରିଛନ୍ତି। ବଡ଼ଦାଣ୍ଡରେ ୨.୬ କି.ମି. ଗଡ଼ିବା ପରେ ରଥର ଯାଞ୍ଚ ଆବଶ୍ୟକ ପଡ଼ିଥାଏ। ବୈଷୟିକ ଟିମ୍ ଦ୍ୱାରା ଏହି ଯାଞ୍ଚ ହୋଇଛି। ପ୍ରତିବର୍ଷ ଦକ୍ଷିଣ ମୋଡ଼ ପୂର୍ବରୁ ତିନିରଥର ଯାଞ୍ଚ କରାଯାଇ ଯାହା ସମସ୍ୟା ରହିଥାଏ ତାହାର ମରାମତି କରାଯାଇଥାଏ। ମଙ୍ଗଳବାର ଯାଞ୍ଚ ସମୟରେ ତିନିରଥରେ ଯାହା ବି ସମସ୍ୟା ଥିଲା ତାହାର ମରାମତି କରାଯାଇଛି।

କମିଟି ପକ୍ଷରୁ କହାଯାଇଛି, ଶ୍ରୀବିଗ୍ରହମାନଙ୍କ ତିନିରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ରଥଗୁଡ଼ିକରେ କ'ଣ ତ୍ରୁଟି ରହିଛି କି ନାହିଁ, ତାହାର ଯାଞ୍ଚ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥାଏ। ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ରଥ ନିର୍ମାଣରେ ନିୟୋଜିତ ଥିବା କାରିଗର ଆସି ରଥର ଯାଞ୍ଚ କରୁଛୁ। ୩ଟି ରଥରେ ସେତେକିଛି ତ୍ରୁଟି ନାହିଁ। ରଥ ଗଡ଼ିବା ସମୟରେ କିଛି କଣ୍ଟା ଘଷିହୋଇ ଢିଲା ହୋଇଯାଇଥାଏ, ସେଥିପାଇଁ ସେଗୁଡ଼ିକର ମରାମତି କରାଯାଏ। ଦକ୍ଷିଣ ମୋଡ଼ ପରେ ଯଦି କିଛି ସମସ୍ୟା ଦେଖାଦେବ ପୁଣି ମରାମତି କରାଯିବ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ ସୂଚନା ଦେଇଛନ୍ତି। ବୁଧବାର ତିନି ରଥର ଦକ୍ଷିଣ ମୋଡ଼ କରାଯିବ। ଦକ୍ଷିଣ ମୋଡ଼ ପରେ ପୁଣି ୩ ରଥର ଯାଞ୍ଚ କରାଯିବ।



ରଥ ନିର୍ମାଣ କମିଟି ପକ୍ଷରୁ ରଥର ଯାଞ୍ଚ କରାଯାଉଛି।

## ଘସିପୁରା ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ

### ବାହାରେ ଚପଲ ରଖି ଅଫିସ ଆସିବାକୁ କହୁଥିବା ଅଭିଯୋଗ

ଆନନ୍ଦପୁର,୧୭(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ତହସିଲଦାର ଅଭୟ କୁମାର ସ୍ୱାଇଁଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ରାଜସ୍ୱ ବିଭାଗ କାରଣ ଦର୍ଶାଅ ନୋଟିସ (ନଂ.୨୩୩୯୪/୩୦।୬।୨୦୨୫) ଜାରି କରିଛି। ଲୋକଙ୍କୁ ବାହାରେ ଚପଲ ରଖି ତହସିଲ ଭିତରକୁ ପ୍ରବେଶ କରିବାକୁ ଅଫିସ ବାହାରେ ନୋଟିସ ଲଗାଇଥିବା, ଲୋକଙ୍କୁ ବସାଇବାକୁ ଚୌକି ଦେଉ ନ ଥିବା ଏବଂ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ୧୫ ଦିନ ଭିତରେ କାରଣ ଦର୍ଶାଇବା ପାଇଁ ରାଜସ୍ୱ ବିଭାଗ ନୋଟିସରେ ଉଲ୍ଲେଖ ରହିଛି।

## ଆଜି ତିନିରଥର ହେବ ଦକ୍ଷିଣ ମୋଡ଼

ପୁରୀ,୧୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଭାଇ, ଭଉଣୀଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ଆସି ଏବେ ଜନ୍ମବେଦିରେ ଲୀଳା କରୁଛନ୍ତି। ଆଡ଼ପ ମଣ୍ଡପରେ ଲୀଳାଖେଳା ସାରି ବାହୁଡ଼ାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ। ଏଥିପାଇଁ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଥିବା ତିନିରଥ ବୁଧବାର ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦକ୍ଷିଣ ମୋଡ଼ ପୂର୍ବରୁ ଭୋଇସେବକ, ମହାରଣା ସେବକ, ଓଝା ସେବକ, ରଥ ନିର୍ମାଣ କମିଟି ସଦସ୍ୟ ପ୍ରମୁଖ ତିନିରଥକୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିରରେ ବୁଧବାର ସକାଳଧୂପ ସମ୍ପନ୍ନ ହେବା ପରେ ଦକ୍ଷିଣ ମୋଡ଼ ପାଇଁ ତିନିବାଡ଼ରୁ ଆଜ୍ଞାମାଳ ଆସି ତିନିରଥରେ ଦିଆଯିବ। ତା'ପରେ ଦକ୍ଷିଣ ମୋଡ଼ ପ୍ରକ୍ରିୟା ଆରମ୍ଭ ହେବ। ପରମ୍ପରା ଅନୁଯାୟୀ, ପ୍ରଥମେ ସୁଭଦ୍ରାଙ୍କ ଦେବଦଳନ ଏବଂ ଦ୍ୱିତୀୟରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ପର୍ଯ୍ୟାୟକ୍ରମେ ଦକ୍ଷିଣ ମୋଡ଼ କରାଯିବ। ବାହୁଡ଼ାରେ ଚତୁର୍ଦ୍ଧାବିଗ୍ରହ ଧାଡ଼ି ପହଣ୍ଡିରେ ଆସି ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ଦେଇ ରଥକୁ ବିଜେ କରିବେ। ପରେ ରଥାରୂଢ଼ ହୋଇ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ।

# ଡିଜିଟାଲ ଭାରତର ଏକ ଦଶନ୍ଧି

**ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**



ଦଶ ବର୍ଷ ପୂର୍ବେ, ଆମେ ପୂର୍ଣ୍ଣ ବିଶ୍ୱାସ ସହିତ ଏପରି ଏକ କ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଥିଲୁ ଯେଉଁଠାକୁ ପୂର୍ବରୁ କେହି ଯାଇ ନ ଥିଲେ। ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିପାରିବେ କି ନାହିଁ, ତାହାକୁ ନେଇ ଅନେକ ଦଶନ୍ଧି ଧରି ଶଙ୍କା ବ୍ୟକ୍ତ କରାଯାଉଥିଲା। ଆମେ ସେହି ମାନସିକତାକୁ ପରିବର୍ତ୍ତନ କରିଛୁ ଏବଂ ଭାରତୀୟମାନଙ୍କ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତାରେ ବିଶ୍ୱାସ କରିଛୁ। ପ୍ରଯୁକ୍ତିବିଦ୍ୟାର ବ୍ୟବହାର କେବଳ ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନକୁ ଆହୁରି ଅଧିକ କରିବ ବୋଲି ଅନେକ ଦଶନ୍ଧି ଧରି ଯେଉଁ ମାନସିକତା ରହିଥିଲା, ଆମେ ସେହି ମାନସିକତାକୁ ପରିବର୍ତ୍ତନ କରି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବ୍ୟବଧାନକୁ ଦୂର କରିଛୁ।

ଉଦ୍ଦେଶ୍ୟ ଠିକ୍ ଥିଲେ ନବସୃଜନ ଅବହେଳିତ ଲୋକଙ୍କୁ ସଶକ୍ତ କରିଥାଏ। ଆଭିମୁଖ୍ୟ ସମାବେଶୀ ହେଲେ ପ୍ରଯୁକ୍ତିବିଦ୍ୟା ଗରିବ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିଥାଏ। ଏହି ବିଶ୍ୱାସ ଡିଜିଟାଲ ଇଣ୍ଡିଆର ମୂଳଦୁଆ ପାଲଟିଥିଲା। ଏହାର ବିସ୍ତାରକୁ ସାର୍ବଜନୀନ କରିବା, ସମନ୍ୱିତ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ଉପଲବ୍ଧ କରାଇବାର ଏକ ମିଶନ ଆରମ୍ଭ ହୋଇଥିଲା। ୨୦୧୪ରେ ଇଣ୍ଟରନେଟ ଉପଲବ୍ଧତା ସୀମିତ ଥିଲା, ଡିଜିଟାଲ ସାକ୍ଷରତା କମ୍ ଥିଲା ଏବଂ ସରକାରୀ ସେବା ପାଇଁ ଅନ୍‌ଲାଇନ ପ୍ରବେଶ ଅତ୍ୟନ୍ତ ସୀମିତ ଥିଲା। ଅନେକେ ସନ୍ଦେହ କରୁଥିଲେ ଯେ ଭାରତ ଭଳି ବିଶାଳ ଓ ବିବିଧ ଦେଶ ପ୍ରକୃତରେ ଡିଜିଟାଲ ହୋଇପାରିବ କି ନାହିଁ। ଆଜି ଏହି ପ୍ରଶ୍ନର ଉତ୍ତର ତଥ୍ୟ କିମ୍ବା ଡ୍ୟାସବୋର୍ଡରେ ନୁହେଁ, ବରଂ ୧୪୦ କୋଟି ଭାରତୀୟଙ୍କ ଜୀବନରେ ଉପଲବ୍ଧ। ଶାସନଠାରୁ ଶିକ୍ଷା, କାରବାର ଏବଂ ଉତ୍ପାଦନ ପର୍ଯ୍ୟନ୍ତ ଡିଜିଟାଲ ଇଣ୍ଡିଆ ସବୁଠି ରହିଛି।

**ଡିଜିଟାଲ ବିଭାଜନର ଦୂରୀକରଣ:** ୨୦୧୪ରେ ଭାରତରେ ପ୍ରାୟ ୨୫ କୋଟି ଇଣ୍ଟରନେଟ ସଂଯୋଗ ଥିଲା। ଆଜି ଏହି ସଂଖ୍ୟା ୯୭ କୋଟିରୁ ଅଧିକ ହୋଇଛି। ୪୨ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ ଫାଇବର କେବୁଲ, ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୧ ଗୁଣା, ବର୍ତ୍ତମାନ ସବୁଠାରୁ ଉପାନ୍ତ ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି। ଭାରତରେ ୫ଜି ସେବା ବିଶ୍ୱର ସବୁଠାରୁ ଦ୍ରୁତତମ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଛି। ମାତ୍ର ଦୁଇ ବର୍ଷ ମଧ୍ୟରେ ୪.୮୧ ଲକ୍ଷ ବେସ୍ ଷ୍ଟେଶନ ସ୍ଥାପିତ ହୋଇଛି। ହାଇ-ସ୍ପିଡ୍ ଇଣ୍ଟରନେଟ ବର୍ତ୍ତମାନ ସହରାଞ୍ଚଳ କେନ୍ଦ୍ରଗୁଡ଼ିକଠାରୁ ଆରମ୍ଭ କରି ଗଲୱାନ, ସିଆଚେନ ଏବଂ ଲଦାଖ ଭଳି ସାମରିକ ପୋଷ୍ଟଗୁଡ଼ିକରେ ପହଞ୍ଚାଯାଇଛି। ଆମର ଡିଜିଟାଲ ଭିତ୍ତିଭୂମି ଇଣ୍ଡିଆ ଷ୍ଟାକ, ୟୁପିଆଇ ଭଳି ପ୍ଲାଟଫର୍ମକୁ ସକ୍ଷମ କରିଛି, ଯାହା ଏବେ ବାର୍ଷିକ ୧୦୦ ବିଲିୟନରୁ ଅଧିକ କାରବାର ପ୍ରକ୍ରିୟାକରଣ କରିଥାଏ। ବିଶ୍ୱର ମୋଟ ବାସ୍ତବ ସମୟ ବା ରିଅଲ-ଟାଇମ୍ ଡିଜିଟାଲ କାରବାରର ପ୍ରାୟ ଅଧା ଭାରତରେ ହେଉଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ନାଗରିକମାନଙ୍କୁ ସିଧାସଳଖ ୪୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହସ୍ତାନ୍ତର କରାଯାଇଛି। ଦଲାଲଙ୍କ ଭୂମିକାକୁ ଦୂର କରି ଏବଂ ୩.୪୮ ଲକ୍ଷ କୋଟି ଟଙ୍କାର ବାଟମାରଣାକୁ ବନ୍ଦ କରାଯାଇପାରିଛି। ସ୍ୱାମିତ୍ୱ ଭଳି ଯୋଜନାଗୁଡ଼ିକ ୨.୪ କୋଟିରୁ ଅଧିକ ସମ୍ପତ୍ତି କାର୍ଡ ଜାରି କରିଛି ଏବଂ ୬.୪୭ ଲକ୍ଷ ଗ୍ରାମକୁ ମ୍ୟାପ୍ ଅଧୀନକୁ ଆଣିଛି। ଫଳରେ ବର୍ଷ ବର୍ଷ ଧରି ଜମି ସମ୍ପର୍କିତ ଅନିଶ୍ଚିତତାର ସମାପ୍ତି ହୋଇଛି।

**ସମସ୍ତଙ୍କ ପାଇଁ ସୁଯୋଗର ଉପଲବ୍ଧତା :** ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥା ଏବେ ପୂର୍ବ ଅପେକ୍ଷା ଅଧିକ ଏମ୍‌ଏସ୍‌ଏମ୍‌ଇ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରୁଛି। ଓଏନ୍‌ଡିସି (ଓପନ ନେଟ୍‌ୱର୍କ ଫର୍ ଡିଜିଟାଲ କମର୍ସ) ଏକ କ୍ରାନ୍ତିକାରୀ ପ୍ଲାଟଫର୍ମ, ଯାହା ବିକ୍ରେତା ଏବଂ କ୍ରେତାଙ୍କୁ ଏକ ବିଶାଳ ବଜାର ସହିତ ସଂଯୋଗ କରି ନୂତନ ସୁଯୋଗର ଏକ ଦ୍ୱାର ଖୋଲିଥାଏ। ଜିଇଏମ (ସରକାରୀ ଇ-ମାର୍କେଟପ୍ଲେସ) ସାଧାରଣ ଲୋକଙ୍କୁ ସରକାରଙ୍କ ସମସ୍ତ ବିଭାଗକୁ ସାମଗ୍ରୀ ଏବଂ ସେବା ବିକ୍ରୟ କରିବାକୁ ଅନୁମତି ଦିଏ। ଏହା କେବଳ ସାଧାରଣ ନାଗରିକଙ୍କୁ ଏକ ବିଶାଳ ବଜାର ପ୍ରଦାନ କରେ ନାହିଁ, ବରଂ ସରକାରଙ୍କ ପାଇଁ ଟଙ୍କା ମଧ୍ୟ ସଞ୍ଚୟ କରେ।

**କଳ୍ପନା କରନ୍ତୁ:** ଆପଣ ଅନ୍‌ଲାଇନରେ ମୁଦ୍ରା ଋଣ ପାଇଁ ଆବେଦନ କରିପାରୁଛନ୍ତି । ଆପଣଙ୍କର କ୍ରେଡିଟ୍ ଯୋଗ୍ୟତା ଆକାଉଣ୍ଟ ଏଗ୍ରିଗେଟର ଫ୍ରେମୱାର୍କ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇପାରୁଛି। ଆପଣ ଋଣ ପାଉଛନ୍ତି, ଆପଣ ନିଜର ବ୍ୟବସାୟ ଆରମ୍ଭ କରନ୍ତୁ। ଆପଣ ଜିଇଏମ୍‌ରେ ପଞ୍ଜୀକରଣ କରିପାରୁଛନ୍ତି, ସ୍କୁଲ ଓ ହସ୍ପିଟାଲଗୁଡ଼ିକୁ ଯୋଗାଣ କରୁଛନ୍ତି ଏବଂ ତା'ପରେ ଓଏନ୍‌ଡିସି ମାଧ୍ୟମରେ ଏହାକୁ ବୃଦ୍ଧି କରୁଛନ୍ତି । ଓଏନଡିସି ବର୍ତ୍ତମାନ ୨୦ କୋଟି କାରବାର ସୀମା ଅତିକ୍ରମ କରିଛି, ଯେଉଁଥିରେ ୬ ମାସରେ ୧୦ କୋଟି କାରବାର ହୋଇଛି। ବନାରସୀ ବୁଣାକାରଙ୍କଠାରୁ ନାଗାଲାଣ୍ଡର ବାଉଁଶ କାରିଗର ପର୍ଯ୍ୟନ୍ତ ସବୁ କ୍ଷେତ୍ରର ବିକ୍ରେତାମାନେ ଏବେ ଦଲାଲଙ୍କ ବିନା ଦେଶବ୍ୟାପୀ ଗ୍ରାହକଙ୍କ ପାଖରେ ପହଞ୍ଚିପାରୁଛନ୍ତି। ଜିଇଏମ୍ ୫୦ ଦିନରେ ୧ ଲକ୍ଷ କୋଟି ଟଙ୍କା ଜିଏମ୍‌ଭି ଅତିକ୍ରମ କରିଛି, ୧.୮ ଲକ୍ଷରୁ ଅଧିକ ମହିଳା ପରିଚାଳିତ ଏମ୍‌ଏସ୍‌ଏମ୍‌ଇ ସମେତ ୨୨ ଲକ୍ଷ ବିକ୍ରେତା ୪୬,୦୦୦ କୋଟି ଟଙ୍କାର ସାମଗ୍ରୀ ଯୋଗାଇଛନ୍ତି।

**ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି:** ଭାରତର ବିଶ୍ୱ ଅବଦାନ: ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) - ଯେପରିକି ଆଧାର, କୋୱିନ, ଡିଜିଲକର, ଫାଷ୍ଟ୍ୟାଗ, ପିଏମ୍-ୱାଣୀ ଏବଂ ଏକ ରାଷ୍ଟ୍ର ଏକ ସବ୍‌ସ୍କ୍ରିପସନ - ବର୍ତ୍ତମାନ ବିଶ୍ୱ ସ୍ତରରେ ଗ୍ରହଣ କରାଯାଉଛି। କୋୱିନ ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନକୁ ସକ୍ଷମ କରିଛି, ଯାହା ୨୨୦ କୋଟି କ୍ୟୁଆର୍-ଯାଞ୍ଚ ପ୍ରମାଣପତ୍ର ପ୍ରଦାନ କରିଛି । ୫୪ କୋଟି ଉପଭୋକ୍ତା ଥିବା ଡିଜିଲକର ୭୭୫ କୋଟିରୁ ଅଧିକ ଡକ୍ୟୁମେଣ୍ଟକୁ ସୁରକ୍ଷିତ ଓ ସୁଗମ ଭାବରେ ପରିଚାଳିତ କରୁଛି। ଭାରତ ଏହାର ଜି-୨୦ ଅଧ୍ୟକ୍ଷତା ସମୟରେ ଗ୍ଲୋବାଲ ଡିପିଆଇ ରିପୋଜିଟୋରୀ ଏବଂ ୨୫ ନିୟୁତ ଡଲାରର ସାମାଜିକ ପ୍ରଭାବ ପାଣ୍ଠି ଆରମ୍ଭ କରିଛି, ଯାହାଦ୍ୱାରା ଆଫ୍ରିକା ଓ ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ସମନ୍ୱିତ ଡିଜିଟାଲ ଇକୋସିଷ୍ଟମ ଗ୍ରହଣ କରି ପାରିବେ।

**ଷ୍ଟାର୍ଟଅପର ଶକ୍ତି ଏବଂ ଆତ୍ମନିର୍ଭର ଭାରତ:** ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ ଏବଂ ଭାରତରେ ୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛନ୍ତି। କିନ୍ତୁ ଏହା କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ, ଏହା ଏକ ପ୍ରଯୁକ୍ତିବିଦ୍ୟା ପୁନର୍ଜାଗରଣ। ଭାରତ ଯୁବପିଢ଼ିଙ୍କ ମଧ୍ୟରେ ଏଆଇ ଦକ୍ଷତା ଏବଂ ଏଆଇ ପ୍ରତିଭାରେ ବହୁତ ଆଗକୁ ବଢ଼ୁଛି। ୧.୨ ବିଲିୟନ ଡଲାର ଭାରତ ଏଆଇ ମିଶନ ଅଧୀନରେ ଭାରତ ବିଶ୍ୱ ସ୍ତରରେ ସବୁଠାରୁ ସର୍ବନିମ୍ନ ମୂଲ୍ୟରେ ୩୪ ହଜାର ଜିପିୟୁ ଉପଲବ୍ଧ କରାଇଛି। ପ୍ରତ୍ୟେକ ଜିପିୟୁ ଘଣ୍ଟା ପ୍ରତି ୧ ଡଲାରରୁ କମ୍‌ରେ ଉପଲବ୍ଧ। ଏହା ଭାରତକୁ କେବଳ ସବୁଠାରୁ ଶସ୍ତା ଇଣ୍ଟରନେଟ ଅର୍ଥବ୍ୟବସ୍ଥା ନୁହେଁ, ବରଂ ସବୁଠାରୁ ସୁଲଭ କମ୍ପ୍ୟୁଟିଂ ହବ୍ କରିଛି। ଭାରତ ମାନବିକତା ଆଧାରିତ ଏଆଇକୁ ସମର୍ଥନ କରିଛି। ଏଆଇ ଉପରେ ନୂଆଦିଲ୍ଲୀ ଘୋଷଣାନାମା ଦାୟିତ୍ୱ ସହିତ ନବସୃଜନକୁ ପ୍ରୋତ୍ସାହିତ କରେ। ସାରା ଦେଶରେ ଏଆଇ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଉଛି।

**ଆଗକୁ ଯିବାର ମାର୍ଗ :** ଆଗାମୀ ଦଶନ୍ଧି ଆହୁରି ପରିବର୍ତ୍ତନକାରୀ ହେବ। ଆମେ ଡିଜିଟାଲ ପ୍ରଶାସନ ଠାରୁ ଡିଜିଟାଲ ନେତୃତ୍ୱ ଦିଗରେ ଆଗକୁ ବଢ଼ୁଛୁ। 'ଇଣ୍ଡିଆ ଫାଷ୍ଟରୁ ଇଣ୍ଡିଆ ଫର୍ ଦି ୱାର୍ଲ୍ଡ' ପର୍ଯ୍ୟନ୍ତ ଆମର ଯାତ୍ରା ଜାରି ରହିଛି। ଡିଜିଟାଲ ଇଣ୍ଡିଆ ଆଉ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଏହା ଏକ ଆତ୍ମନିର୍ଭର ଭାରତ ଗଠନ କରିବାରେ ସହାୟକ ହୋଇଛି। ସମସ୍ତ ଉଦ୍ଭାବକ, ଉଦ୍ୟୋଗୀଙ୍କ ପାଇଁ: ପରବର୍ତ୍ତୀ ଡିଜିଟାଲ ବିପ୍ଳବ ନିମନ୍ତେ ସମଗ୍ର ବିଶ୍ୱ ଭାରତକୁ ଚାହିଁ ରହିଛି। ଆସନ୍ତୁ ଯାହା ସଭିଙ୍କୁ ସଶକ୍ତ କରିବ, ତାହା ନିର୍ମାଣ କରିବା। ଆସନ୍ତୁ ଏପରି ସମାଧାନ ବାହାର କରିବା, ଯାହା ଗୁରୁତ୍ୱପୂର୍ଣ୍ଣ । ଆସନ୍ତୁ ଆମେ ଏପରି ପ୍ରଯୁକ୍ତିବିଦ୍ୟା ସହିତ ନେତୃତ୍ୱ ନେବା, ଯାହା ସମସ୍ତଙ୍କୁ ଏକତ୍ରିତ କରିବ, ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବ ଏବଂ ସାମଗ୍ରିକ ବିକାଶ ଆଣିପାରିବ।

# ସ୍କୁଟିକୁ ଧକ୍କା ଦେଲା ଟ୍ରକ୍: ୨ ମୃତ, ଜଣେ ଗୁରୁତର

ଚମ୍ପୁଆ/କେନ୍ଦୁଝର, ୧୭ (ମହେଶ୍ୱର ଦାସ/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ତଡୁଆବାହାଳ ନିକଟରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ୨ ଯୁବକ ହେଲେ ଯୋଡ଼ା ଥାନା ଅଧୀନ ବିଲେଇପଦା କରଣସାହିର ନିରଞ୍ଜନ ମଲ୍ଲିକ ଓ ଦାମପୁର ଅଞ୍ଚଳର ଜଗନ୍ନାଥ ମହାକୁଡ଼। ଗୁରୁତର ଯୁବକ ଜଣକ ହେଉଛନ୍ତି ମୁନା ମହାକୁଡ଼(୩୩)।

ସୂଚନା ଅନୁଯାୟୀ, ସ୍କୁଟିଟି ଯୋଡ଼ା ବାସୁଦେବପୁର ଅଞ୍ଚଳରୁ ରିମୁଳି ଆଡ଼କୁ ଯାଉଥିବା ବେଳେ ଟ୍ରକ୍‌ଟି ପଛପଟୁ ଧକ୍କା ଦେଇଥିଲା। ସେମାନେ ଛିଟିକି ତଳେ ପଡ଼ିଥିବା ବେଳେ ସ୍କୁଟିଟି ଦୁଇଖଣ୍ଡ ହୋଇଯାଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯିବା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଚମ୍ପୁଆ ପୋଲିସ ସହଦଳବଳ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲା। ଗୁରୁତର ମୁନାଙ୍କୁ ପ୍ରଥମେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ୩୫ କି.ମି. ଦୂର ଉନ୍ଦଳା ନିକଟରେ ଧରି ଚାଳକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରାଯାଉଥିବା ଚମ୍ପୁଆ ଥାନା ଅଧିକାରୀ ଆର୍.କେ. ମୁଦୁଲି କହିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୭୭/୨୫) ରୁଜୁ ହୋଇଛି।




# ମାଟି ଅତଡ଼ା ଧସି ପୋତି ହୋଇଗଲେ ଏକାଧିକ ଲୋକ

ଯୋଡା, ୧୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ଥାନା ଅଧୀନ ବିଛାକୁଣ୍ଡି ନିକଟସ୍ଥ ଦଲ ପାହାଡଠାରେ ମାଟି ଅତଡ଼ା ଧସି ଏକାଧିକ ଲୋକ ଚାପି ହୋଇରହିଥିବା ଖବର ମିଳିଛି। ଏକ ପରିତ୍ୟକ୍ତ ଖଣିରେ ଏହି ଘଟଣା ଘଟିଥିବା ସୂଚନା ମିଳିଛି। ତେବେ କେତେ ଜଣ ଚାପି ହୋଇଯାଇଛନ୍ତି ଏବଂ କେଉଁ କାରଣରୁ ସେମାନେ ସେଠାକୁ ଯାଇଥିଲେ ଏହାର ଠିକ୍ ତଥ୍ୟ ପୋଲିସ ଦେଇପାରିନାହିଁ। ଯୋଡା ପୋଲିସ ଓ ବାମେବାରୀ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ତଲାସୀ ପରେ ପ୍ରକୃତ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି। ବେଆଇନ ମାଙ୍ଗାନିଜ ଖଣିଜ ଉତ୍ତୋଳନ କରୁଥିବା ବେଳେ ଏହି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ଟ୍ରକ୍ ଧକ୍କାରେ ମା' ମୃତ, ଝିଅ ଗୁରୁତର

### ଝିଅକୁ ସ୍କୁଲରେ ଛାଡ଼ିବାକୁ ସ୍କୁଟିରେ ଯାଉଥିଲେ

ତାଳଚେର, ୧୭ (ମନୋଜ ନନ୍ଦ)

୪ର୍ଥ ଶ୍ରେଣୀରେ ପଢୁଥିବା ୧୦ ବର୍ଷୀୟା ଝିଅକୁ ସ୍କୁଲରେ ଛାଡ଼ିବାକୁ ମା' ସ୍କୁଟିରେ ନେଇ ଯାଉଥିବା ବେଳେ ପଛପଟୁ ଧକ୍କା ଦେଲା ଟ୍ରକ୍। ଫଳରେ ଘଟଣାସ୍ଥଳରେ ଚାଲିଗଲା ମା'ଙ୍କ ଜୀବନ। ମୃତ ମହିଳା ହେଲେ ତାଳଚେର ରେଲୱେରେ ଲୋକ ପାଇଲଟ ଭାବେ କାର୍ଯ୍ୟରତ ଗଞ୍ଜାମ ଜିଲା ବ୍ରହ୍ମପୁରର ନିରାକାର ସାହୁଙ୍କ ସ୍ତ୍ରୀ ପ୍ରବୀଣା ସାହୁ। ଗୁରୁତର ହୋଇଥିବା ଝିଅ ହେଲେ ସାନଭିକା କୁମାରୀ ସାହୁ। ଅନୁଗୋଳ ଜିଲା ତାଳଚେର ଥାନା ଗ୍ରୀନ୍‌ଗ୍ରାସ୍ ଷ୍ଟାଡିୟମଠାରେ ମଙ୍ଗଳବାର ସକାଳ ୭ଟା ବେଳେ ଘଟିଛି ଏହି ଦୁର୍ଘଟଣା।

ସୂଚନା ଅନୁଯାୟୀ, ତାଳଚେର ଶର୍ମାଛକ ନିକଟରେ ରହୁଥିବା ଲୋକ ପାଇଲଟ ନିରାକାରଙ୍କ ସ୍ତ୍ରୀ ପ୍ରବୀଣା ସକାଳ ୭ଟା ବେଳେ ଝିଅ ସାନଭିକାଙ୍କୁ ନେଇ ସ୍କୁଟିରେ ଦେଉଳବେଢ଼ାସ୍ଥିତ ଡିଏଭି ସ୍କୁଲକୁ ଯାଉଥିଲେ। ସେମାନେ ଗ୍ରୀନଗ୍ରାସ ଷ୍ଟାଡିୟମଠାରେ ହୋଇଥିବା ସମୟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ (ନଂ. ଓଡି୦୯-ପି- ୨୭୪୩) ସ୍କୁଟିକୁ ଧକ୍କା ଦେଇ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ପ୍ରବୀଣାଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ସାନଭିକାଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଛାଡ଼ି ଚାଳକ ଫେରାର ହୋଇଯାଇଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିଥିଲେ। ଖବରପାଇ ତାଳଚେର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି।

# ପାଣିରେ ଭାସିଯାଇ ୨ଶ୍ରମିକ ମୃତ

ଗୋବିନ୍ଦପାଲି/ଖଇରପୁଟ,୧୭ (କାର୍ତ୍ତିକ ରଥ/ଜଗନ୍ନାଥ ମାଝି)

ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ ଲଗାଣ ବର୍ଷା ଯୋଗୁ ଚାଷକାମ କରିବାକୁ ଯାଇଥିବା ୨ ଶ୍ରମିକଙ୍କର ପାଣିରେ ଭାସିଯାଇ ମୃତ୍ୟୁ ହୋଇଛି । ସେମାନେ ହେଲେ ନାଲିଗୁଡ଼ା ଗ୍ରାମର ଲବ ଦୋରା (୪୬) ଓ ସୁକ୍ରି ପଟକା (୩୮) । ସୋମବାର ସକାଳୁ ବିଲକୁ ଧାନ ଚାଷ ପାଇଁ ବାହାରିଥିଲେ ଲବ ଓ ଦେବକୀ। ତାଙ୍କ ସାଙ୍ଗରେ ଥିଲେ ପଟକାଗୁଡ଼ା ଗ୍ରାମର ଶୁକ୍ରି ପଟକା (୪୦)। ସମସ୍ତେ ନଦୀ ପାରହୋଇ ବିଲରେ ଚାଷ କାମ କରିଥିଲେ। କାମ ସାରି ଅପରାହ୍ନରେ ଘରକୁ ଫେରିବା ବେଳେ ଲଗାଣ ବର୍ଷା ହେବାରୁ ନଦୀରେ ପାଣି ବଢ଼ି ପ୍ରଖର ସ୍ରୋତ ଥିଲା। ପ୍ରଥମେ ଶୁକ୍ରି ନଦୀକୁ ପଶୁ ପଶୁ ତାଙ୍କ ଗୋଡ଼ ଖସିଯିବାରୁ ସେ ସ୍ରୋତରେ ଭାସିଯାଇଥିଲେ। ତାଙ୍କ ପଛରେ ଥିବା ଲବ ତାଙ୍କୁ ଉଦ୍ଧାରକରିବାକୁ ପାଣିକୁ ଡେଇଁଥିଲେ, କିନ୍ତୁ ପ୍ରଖର ସ୍ରୋତରେ ଶୁକ୍ରିଙ୍କୁ ବଞ୍ଚାଇ ନ ପାରି ଶେଷରେ ଉଭୟେ ଭାସିଯାଇଥିଲେ। ଏହା ଦେଖି କୂଳରେ ଥିବା ଲବଙ୍କ ସ୍ତ୍ରୀ ଦେବକୀ ଚିତ୍କାର କରିବାରୁ ଗ୍ରାମବାସୀ ଘଟଣାସ୍ଥଳକୁ ଆସିଥିଲେ। ସେମାନେ ଚେଷ୍ଟା କରିଥିଲେ ମଧ୍ୟ ପ୍ରଖର ସ୍ରୋତ ଥିବାରୁ ତାଙ୍କୁ ଉଦ୍ଧାରକରିପାରି ନ ଥିଲେ। ପରେ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚିଥିଲା। ବହୁ ଖୋଜାଖୋଜି ପରେ ସୋମବାର ଲବଙ୍କ ମୃତଦେହ ମିଳିଥିଲା। ରାତି ହୋଇଯିବାରୁ ମଙ୍ଗଳବାର ସକାଳୁ ଘଟଣାସ୍ଥଳର ପ୍ରାୟ ୧ କି.ମି. ଦୂରରୁ ଶୁକ୍ରିଙ୍କ ମୃତଦେହ ଜବତ କରାଯାଇଥିଲା। ସ୍ଥାନୀୟ ପୋଲିସ ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ଲବଙ୍କର ୨ ଜଣ ପୁଅ ଥିବାବେଳେ ଶୁକ୍ରିଙ୍କର ମଧ୍ୟ ଜଣେ ପୁଅ ଅଛନ୍ତି। ପ୍ରଶାସନ ଏହି ୨ ପରିବାରକୁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇଦେବା ସହ ପିଲାମାନଙ୍କ ପାଠ ପଢ଼ାରେ ସହଯୋଗ କରିବାକୁ ଦାବି ହେଉଛି । ଏ ନେଇ ୧୭/୨୫ରେ ମାମଲା ରୁଜୁ ହୋଇଛି ।

# ଗରିବ ଜନକଲ୍ୟାଣ ଯୋଜନାରେ ଅଧିକ ଋଣ ଦିଅ

## ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୧୭ (ରବିନାରାୟଣ ଜେନା)

ଗରିବଙ୍କ ଉନ୍ନତି ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଅଧିକ ଋଣ ପ୍ରଦାନ କରିବାକୁ ତିନି ପ୍ରମୁଖ ଘରୋଇ ବ୍ୟାଙ୍କ ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମୁଖ୍ୟଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି।

ମଙ୍ଗଳବାର ଲୋକସେବା ଭବନରେ ଉପରୋକ୍ତ ତିନି ପ୍ରମୁଖ ଘରୋଇ ବ୍ୟାଙ୍କ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଅବଗତ ହୋଇଛନ୍ତି ଯେ, ଏହି ୩ଟି ବ୍ୟାଙ୍କ କୃଷିଋଣ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା, ପିଏମ୍ ସ୍ୱନିଧି ଯୋଜନା, ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା, ଗୃହଋଣ, ଶିକ୍ଷାଋଣ ଓ ରପ୍ତାନି ଋଣ ଆଦି ବିଭିନ୍ନ ଯୋଜନାରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଛନ୍ତି। ଏହାକୁ ଦୃଷ୍ଟିରେରଖି ରାଜ୍ୟ ସରକାର ଜୁନ୍ ୨୧ରେ ଏହି ବ୍ୟାଙ୍କଗୁଡ଼ିକୁ ଏମ୍ପ୍ୟାନେଲମେଣ୍ଟ ତାଲିକାରୁ ବାଦ୍ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରିବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଲୋକମାନଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ସେମାନଙ୍କ ରୋଜଗାର ବୃଦ୍ଧି କରିବା ହେଉଛି ସରକାରଙ୍କ ଲକ୍ଷ୍ୟ। କିନ୍ତୁ ଏହିସବୁ ଯୋଜନାରେ ବ୍ୟାଙ୍କର ପ୍ରଦର୍ଶନ ଓଡ଼ିଶାରେ ଆଦୌ ସନ୍ତୋଷଜନକ ନୁହେଁ। ସରକାରଙ୍କ ଗରିବ କଲ୍ୟାଣ ଯୋଜନାରେ ବ୍ୟାଙ୍କଗୁଡ଼ିକ ହେଉଛନ୍ତି ଏକ ବଡ଼ ମାଧ୍ୟମ। ଏହି ଅବସରରେ ବ୍ୟାଙ୍କଗୁଡ଼ିକର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକରି କହିଥିଲେ, ସେମାନେ ଏହିସବୁ ଯୋଜନାରେ ଲୋକଙ୍କୁ ଋଣଦେବା ପାଇଁ ଆଗ୍ରହୀ ଏବଂ ଖୁବ୍‌ଶୀଘ୍ର ଏହାର ପ୍ରଦର୍ଶନରେ ଉନ୍ନତି ଆଣିବେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କ ସହିତ ଆକ୍ସିସ୍ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମୁନିସ୍ ସାରଦା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ କଣ୍ଟ୍ରି ହେଡ୍ ସ୍ମିତା ଭଗତ, ରିଜିଓନାଲ ହେଡ୍ ଦୀପକ ସିଂହ ଏବଂ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବିଜ୍‌ନେସ୍ ହେଡ୍ ସୁମିତ୍ ମେହେରୋତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ସେବାଶ୍ରମ ଛାତ୍ରାବାସରେ ୮ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ମାଲକାନଗିରି, ୧୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଟାପାକା ପଞ୍ଚାୟତ ସେବାଶ୍ରମ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରାବାସରେ ୪ ଦିନ ପୂର୍ବରୁ ରହିଥିଲେ। ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରୋହିତ ମାଡ଼କାମି।

ପ୍ରକାଶ ଯେ, ମାଟାପାକା ସେବାଶ୍ରମ ବିଦ୍ୟାଳୟ ଶିଖପାଲ୍ଲୀ ପଞ୍ଚାୟତ ଉର୍ମାଗୁଡା ଗ୍ରାମର ରୋହିତଙ୍କ ଦେହ ସୋମବାର ଖରାପ ହେବା ଯୋଗୁ ପ୍ରଧାନ ଶିକ୍ଷକ କନିଷ୍ଠ ନାଗ ତାଙ୍କୁ ମାଟାପାକା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କର ପରୀକ୍ଷା କଲା ପରେ ମ୍ୟାଲେରିଆ ହୋଇଥିବା କହି ଔଷଧ ଦେଇଥିଲେ। ରାତିରେ ଛାତ୍ର ଜଣକ ଔଷଧ ଖାଇ ସୁସ୍ଥ ଥିଲା ବେଳେ ମଙ୍ଗଳବାର ସକାଳେ ହଠାତ୍ ତାଙ୍କ ମୁଣ୍ଡ ବୁଲାଇବା ସହ ଗୋଡ଼ହାତ ଥରିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଆମ୍ବୁଲାନ୍ସ ଡକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଯୋଗାଯୋଗ ହୋଇ ନ ପାରିବାରୁ ଏକ ଘରୋଇ ଗାଡିରେ ମାଲକାନଗିରି ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରୋହିତଙ୍କର ମୃତ୍ୟୁ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ପରିଚାଳନା କମିଟି ସଦସ୍ୟମାନେ ମୃତଦେହ ନେଇ ଉର୍ମାଗୁଡା ଗ୍ରାମରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏକ ଡାକ୍ତରୀ ଟିମ୍ ମାଟାପାକା ଛାତ୍ରାବାସକୁ ଯାଇ ସେଠାରେ ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଦେଖିବାକୁ ମିଳିଛି।

# ଅତିରିକ୍ତ କମିଶନରଙ୍କୁ ମାଡ଼ ମାରିଥିବା ୫ ଜଣଙ୍କୁ ନିଲମ୍ବନକଲା ଭାଜପା

ଭୁବନେଶ୍ୱର, ୧୭ (ସୁନିତ୍ ମିଶ୍ର)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କାର୍ଯ୍ୟାଳୟରେ ପଶି ସୋମବାର ଅତିରିକ୍ତ କମିଶନରଙ୍କୁ ଆକ୍ରମଣ କରିଥିବା ୫ ଜଣଙ୍କୁ ଗିରଫ କରାଯାଇସାରିଛି। ଏହି ୫ ଜଣଙ୍କୁ ମଙ୍ଗଳବାର ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ନିଲମ୍ବନ କରିଛନ୍ତି। ଏହି ଘଟଣାରେ କର୍ପୋରେଟର ଅପରୂପ ନାରାୟଣ ରାଉତ, ରଶ୍ମିରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚିକାନ୍ତ ସ୍ୱାଇଁ ଏବଂ ସଂଜୀବ ମିଶ୍ରଙ୍କୁ ଦଳ ନିଲମ୍ବନ କରାଯାଇଛି।

ସୂଚନାଯୋଗ୍ୟ, ସୋମବାର ବିଏମ୍‌ସି କାର୍ଯ୍ୟାଳୟରେ ସାଧାରଣ ଅଭିଯୋଗ ଏବଂ ଜନଶୁଣାଣି କାର୍ଯ୍ୟ ଚାଲିଥିବା ବେଳେ ଭାଜପାର କେତେଜଣ କର୍ମୀ ଅଫିସ୍ ଭିତରେ ପଶିଯାଇ ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଚେୟାର ଉପରୁ ତାଙ୍କ କଲର ଧରି ଟାଣି ଆଣିବା ସହ ଅତି ଅମାନୁଷିକ ଭାବେ ଆକ୍ରମଣ କରିଥିଲେ। ଏହାକୁ ନେଇ ବିଏମ୍‌ସି କର୍ମଚାରୀମାନଙ୍କ ସମେତ ବିଜେଡି ନେତା ଓ କର୍ପୋରେଟରମାନେ ଧାରଣା ଦେଇଥିଲେ। ଦୀର୍ଘ ସମୟ ଏହି ଘଟଣାକୁ ନେଇ ପ୍ରତିବାଦ ଚାଲିବା ସହ ମାଷ୍ଟରକ୍ୟାଣ୍ଟିନଠାରୁ ବାଣୀବିହାର ରାସ୍ତା ସମ୍ପୂର୍ଣ୍ଣ ଯାତାୟାତ ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ବିଜେଡି ନେତାଙ୍କୁ ପୋଲିସ ଘଟଣାସ୍ଥଳରୁ ଉଠାଇନେବା ସହ ୩ ଜଣ ଆକ୍ରମଣକାରୀଙ୍କୁ ଗିରଫ କରିଥିଲା।








NTPC
ଏନ୍‌ଟିପିସି ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
(କର୍ପୋରେଟ୍ ଏଚ୍‌ଆର୍-ବିଭାଗ - ନୂଆଦିଲ୍ଲୀ)
**ବିଜ୍ଞପ୍ତି**
ଏନ୍‌ଟିପିସି **"ଭାରତରେ ବିଭିନ୍ନ ରାଜ୍ୟରେ ଅବସ୍ଥିତ ବିଭିନ୍ନ କାରଖାନାରୁ ସଡ଼କ ଯୋଗେ ପାଉଁଶ ପରିବହନ"** ପାଇଁ ଏସ୍‌ସି/ଏସ୍‌ଟି ଏବଂ/କିମ୍ବା ମହିଳା ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କଠାରୁ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ କରୁଛି । ପ୍ରସ୍ତାବିତ ସୁଯୋଗକୁ ହାତକୁ ନେବାର ସାମର୍ଥ୍ୟ ଏବଂ ପ୍ରାସଙ୍ଗିକ ଅଭିଜ୍ଞତା ରଖୁଥିବା ଏସ୍‌ସି/ଏସ୍‌ଟି ଏବଂ/କିମ୍ବା ମହିଳା ଏମ୍‌ଏସ୍‌ଇ ଉଦ୍ୟୋଗୀମାନଙ୍କୁ ଚିହ୍ନଟକରିବା ଏହି ଇଓଆଇର ଉଦ୍ଦେଶ୍ୟ । ଅଧିକ ସୂଚନା ପାଇଁ ଦୟାକରି www.vdc.ntpc.co.in ପୋର୍ଟାଲରେ ତାଲିକାଭୁକ୍ତୀକରଣ କ୍ୟାଲେଣ୍ଡର, ଏମ୍‌ଇଜି ନଂ. ଇଓଆଇ-୦୧ ପରିଦର୍ଶନ କରନ୍ତୁ ।
CIN: L40101DL1975GOI007966
ଆଗେଇ ନେଉଛୁ ଶକ୍ତି କ୍ଷେତ୍ରକୁ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସମୟର ପ୍ରାଚୀଧାରା ପତ୍ରିକାର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ଦୁର୍ଗାମାଧବ କଲ୍ୟାଣ ମଣ୍ଡପ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଗୋପୀନାଥ ଦେବଙ୍କ ୧୦ମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସୂର୍ଯ୍ୟପୂଜା, ଗୋ ପୂଜା ଓ ପଞ୍ଚ ଦେବତା ପୂଜା, ସ୍ଥାନ: ନହରକଣ୍ଟାସ୍ଥିତ ଶ୍ରୀ ଗୋପୀନାଥ ଦେବଙ୍କ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ଖବରଦାତା ସମ୍ମିଳନୀ, ସ୍ଥାନ: ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ଟାଉନହଲ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୀର୍ତ୍ତନ, ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୩ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା।
- ରାସଲୀଳା, ସ୍ଥାନ: ମେଳା ପଡ଼ିଆ, ରେମୁଣା, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜୀଉଙ୍କ ବରାହ ଓ ନୃସିଂହ ବେଶ ଦର୍ଶନ, ସ୍ଥାନ: ମାଉସୀ ମା' ମନ୍ଦିର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା ୩୦।
- ଶୟନ ଆରତି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫।

## ଭଦ୍ରକ

- ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ହରେକୃଷ୍ଣ ସଦ୍‌ଭାବନା କକ୍ଷ, ଭଦ୍ରକ ବାଇପାସ୍, ସମୟ: ସକାଳ ୮ଟା ୩୦।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ନିଳୋକ ହାଇସ୍କୁଲ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଜିଏନ୍ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ହାଇସ୍କୁଲ ସଭା ଗୃହ, ପାଟଣା, ସମୟ: ପୂର୍ବାହ୍ନ ୧୦।

## ମୟୂରଭଞ୍ଜ

- ଯାତ୍ରୀ ପ୍ରତୀକ୍ଷାଳୟର ଉଦ୍‌ଘାଟନ, ସ୍ଥାନ:ଘୋଳମୁହଁା, ମୋରଡ଼ା,ସମୟ:ପୂର୍ବାହ୍ନ ୧୦ଟା।
- ମହାପ୍ରଭୁଙ୍କ ବେଶ ଦର୍ଶନ,ସ୍ଥାନ:ଶ୍ରୀଗୁଣ୍ଡିଚା ମନ୍ଦିର ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ରାଜ୍ୟସ୍ତରୀୟ ଦାସକାଠିଆ ସମାବେଶ, ସ୍ଥାନ: ପ୍ରକାଶମ ହଲ, ସମୟ: ସକାଳ ୧୦ଟା।

## କେନ୍ଦ୍ରାପଡ଼ା

- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଘୋଷଯାତ୍ରା ଉପଲକ୍ଷେ ମାଉସୀ ମା' ମନ୍ଦିର ପରିସରରେ ଉଦ୍ୟମାନ କଳାପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ଜଜ କୋର୍ଟ, ସମୟ: ସକାଳ ୮ଟା୩୦।
- ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ, ସ୍ଥାନ:ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ସନ୍ଧ୍ୟା ବେଶରେ ନୃସିଂହ ବେଶ, ସ୍ଥାନ:ନୟାଗଡ ପୁରୁଣା ସହର ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଶ୍ରୀଜୀଉଙ୍କ ବାମନ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡ଼ା, ସମୟ: ସକାଳ ୬ଟା।
- ମହାପ୍ରଭୁଙ୍କ ପର୍ଶୁରାମ ଅବତାର, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରାୟଗଡା, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ପଞ୍ଚାୟତ ସମିତି ବୈଠକ, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବନ ମହୋତ୍ସବ କାର୍ଯକ୍ରମ, ସ୍ଥାନ: ଝରିଗାଁ କୋର୍ଟ ପରିସର, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର

- ଶ୍ରୀଶ୍ରୀ ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ : ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସକାଳ ୯ଟା୧୫।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ବ୍ରହ୍ମପରା ଠାକୁରଙ୍କ କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ସ୍ଥିତ ମାଉସୀ ମା' ମନ୍ଦିର, ସମୟ : ଅପରାହ୍ନ ୫ଟା।
- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।
- ରଥଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ଅଇଁଠାପାଲି ଶୁଭଶ୍ରୀ ବିହାର, ସମୟ :ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସାମୂହିକ ବୃକ୍ଷରୋପଣ, ସ୍ଥାନ: ସୋନପୁର ବ୍ଲକ ଅର୍ଜୁନପୁର ସ୍ଥିତ ନଗର ବନ, ସମୟ: ସକାଳ ୮ଟା।
- ସୋନପୁର କଲେଜର ସ୍ଥାପନା ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ରଥଯାତ୍ରା ଅବସରରେ ଦଧିବାମନ ଜଗନ୍ନାଥଙ୍କ ପର୍ଶୁରାମ ଅବତାର, ସ୍ଥାନ: ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଅଲ୍ ଓଡ଼ିଶା ମିଟର ରିଡ଼ର ଆସୋସିଏଶନ ପକ୍ଷରୁ ଧାରଣା, ସ୍ଥାନ: ଭବାନୀପାଟଣାସ୍ଥିତ କଳାହାଣ୍ଡି ପୂରୁଣା ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ଲେଖକ କଳା ପରିଷଦ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ମାଉସୀ ମା' ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ବୌଦ୍ଧ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ରାମ ବଳରାମ ଅବତାର, ସ୍ଥାନ: ମାଉସୀମା ମନ୍ଦିର , ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

# ସତର୍କ ସଙ୍କେତ ଉପରେ ବୈତରଣୀ

- ଉପରମୁଣ୍ଡରେ ବର୍ଷା, ଫୁଲୁଛି ବୈତରଣୀ
- କୋରେଇ, ଯାଜପୁର, ଦଶରଥପୁର ବ୍ଲକରେ ବନ୍ୟା ଆଶଙ୍କା

**ଯାଜପୁର/ଭଣ୍ଡାରିପୋଖରୀ,୧୭ (ହର୍ଷବର୍ଦ୍ଧନ ବେହେରା/ରାଜେନ୍ଦ୍ର ଶତପଥୀ)**

ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀର ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ଆଖୁଆପଦାଠାରେ ସତର୍କସଙ୍କେତ ୧୭.୮୩ ମିଟର ରହିଥିବାବେଳେ ସେଠାରେ ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା ୧୮.୧୯ ମିଟର ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏଥିଯୋଗୁ କୋରେଇ, ଦଶରଥପୁର ଓ ଯାଜପୁର ବ୍ଲକ ଅଞ୍ଚଳରେ ଥିବା ଦୁର୍ବଳ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ଯାଜପୁର ଜଳ ସମ୍ପଦ ବିଭାଗର ରିପୋର୍ଟ ଅନୁସାରେ ବୈତରଣୀ ନଦୀର ଉପରମୁଣ୍ଡ ଆନନ୍ଦପୁର ବ୍ୟାରେଜରେ ସେକେଣ୍ଡ ପ୍ରତି ୧୭୦୦ ଘନମିଟର ବନ୍ୟା ଜଳ ପ୍ରବେଶ କରୁଥିବାବେଳେ ସେହି ପରିମାଣର ଜଳ ନିଷ୍କାସିତ ହେଉଛି। ତେବେ ଉପରମୁଣ୍ଡରେ ଆଗକୁ ବର୍ଷା ଯଦି ବଢ଼ିବ ତେବେ ଯାଜପୁର ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଦଶରଥପୁର ବ୍ଲକ କୟାଁ ପଞ୍ଚାୟତରେ ଥିବା ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରଥମେ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହା ପୂର୍ବରୁ ୨୦୨୩ରେ ବ୍ରହ୍ମଚାରୀପାଟଣା ନଦୀବନ୍ଧରେ ପ୍ରାୟ ୧୦୦ ଫୁଟର ଘାଇ ସୃଷ୍ଟି ହୋଇଥିଲା। ଫଳରେ ବନ୍ୟାଜଳ ୪୦ରୁ ଊର୍ଦ୍ଧ୍ୱ ଗ୍ରାମରେ ପ୍ରବେଶ କରିବା ଯୋଗୁ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ। ଏହାବାଦ୍ ୩୭୬୯ ହେକ୍ଟର ଜମିରେ ଚାଷ କ୍ଷତିଗ୍ରସ୍ତ ହୋଇଥିଲା। ବୈତରଣୀ ନଦୀରେ ବନ୍ୟା ଆସିଲେ ସାଧାରଣତଃ କସପା, ଦୁଦୁରାଅଣ୍ଟା, ମଲିକାପୁର, ଶୁଖୁଆ, ନିଜାମପୁର, କୟାଁ, କମାରଡିହ, ଖାନନଗର, ଜୟନ୍ତରା ଓ କଟିକଟା ପଞ୍ଚାୟତବାସୀ କ୍ଷତିଗ୍ରସ୍ତ ହୋଇଥାନ୍ତି। ତେବେ ପ୍ରଶାସନ ପକ୍ଷରୁ ବନ୍ୟା ଆଶଙ୍କା ପ୍ରତି ତୀକ୍ଷ୍ଣ ନଜର ରହିଛି ଏବଂ ବୈତରଣୀରେ ବନ୍ୟା ଜଳ କ୍ରମଶଃ ହ୍ରାସ ପାଉଛି ବୋଲି ସୂଚନା ମିଳିଛି।

ଅପରାହ୍ନରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଆଖୁଆପଦା ଆନିକଟ ଓ କଣ୍ଟିଘାଇ ପରିଦର୍ଶନ କରିଛନ୍ତି। ଏଥିସହ ବିଧାୟକ ମଲ୍ଲିକ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇ ଏବଂ ବିଡିଓ ଦେବଦତ୍ତ ଦାସଙ୍କ ସହ ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।



ଭୋଗରାଇ ବ୍ଲକ କରୁଆଡି ପଞ୍ଚାୟତର ବନ୍ୟାବିପନ୍ନମାନେ ପାଣିରେ ପଶି ବଜାରରୁ ସଉଦା ଆଣୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସମୂହ ଛୁଟିରେ...

ଅଧିକାରୀମାନେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଏହାକୁ ନେଇ ଲୋକସେବା ଭବନ ଗ୍ରାମ୍ୟ ଉନ୍ନୟନ ବିଭାଗ ସଭାକକ୍ଷରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଟିଏପଟେ ମୁଖ୍ୟମନ୍ତ୍ରୀ ସଂଘକୁ ଆଶ୍ୱାସନା ଦେଉଥିବାବେଳେ ଅନ୍ୟପକ୍ଷେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଏଭଳି ମାମଲା ରୁଜୁ କରିବା ଘଟଣାକୁ ଭିନ୍ନ ମୋଡ଼ ଦେବାଭଳି ଲାଗୁଛି। ତେଣୁ ସଂଘ ପକ୍ଷରୁ ଏହାକୁ ଘୋର୍ ନିନ୍ଦା କରାଯିବା ସହ ତୁରନ୍ତ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଯଦି ୨୪ ଘଣ୍ଟା ମଧ୍ୟରେ ସରକାରଙ୍କ ପକ୍ଷରୁ ଏନେଇ ଠୋସ୍ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ସଂଘ ପୂର୍ବରୁ ଦେଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଅଧିକାରୀମାନେ ସମୂହ ଛୁଟି ତଥା ଏକପ୍ରକାର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କଟକ, ଖୋର୍ଦ୍ଧା, ବାଲେଶ୍ୱର, ଗଞ୍ଜାମ, ଭଦ୍ରକ, ରାୟଗଡ଼ା, ଜଗତ୍‌ସିଂହପୁର, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ନୂଆପଡ଼ା, ସୁନ୍ଦରଗଡ଼, ଢେଙ୍କାନାଳ ଓ ଅନୁଗୋଳ ସମେତ ଅନ୍ୟ ସମସ୍ତ ଜିଲାରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ସେହିପରି ବିଏମ୍‌ସି କାର୍ଯ୍ୟାଳୟର କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଥିବା ଦେଖିବାକୁ ମିଳିଛି। ସମସ୍ତ ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରଖିବାକୁ କର୍ମଚାରୀମାନେ ଜିଦ୍‌ରେ ଅଟଳ ରହିଛନ୍ତି।

### ୧୪ରେ ଓଡ଼ିଶା ଆସିବେ...

ଉତ୍ସବରେ ଅତିଥି ଭାବେ ଯୋଗଦେବେ। ରାଷ୍ଟ୍ରପତି ମୁର୍ମୁ ସନ୍ଧ୍ୟା ୫ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ସିଧାସଳଖ ଏମ୍‌ସ ଅଭିମୁଖେ ଯିବେ। ସେଠାରେ ଏମ୍‌ସର ୫ମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ସେଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଯୋଗଦେବେ। ଏହାପରେ ରାଜଭବନ ଫେରି ସେଠାରେ ରାତ୍ରିଯାପନ କରିବେ। ଏହାର ପରଦିନ ଅର୍ଥାତ୍ ୧୫ରେ କଟକ ଅଭିମୁଖେ ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ସେ କଟକରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ହେବାକୁ ଥିବା ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀ ଉତ୍ସବ ଏବଂ କଳିଙ୍ଗ ରତ୍ନ ସମ୍ମାନ ୨୦୨୪ ସମ୍ମାନ ପାଇଁ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମିଲହେବେ। ସେଦିନ ଦିଲ୍ଲୀ ଅଭିମୁଖେ ରାଷ୍ଟ୍ରପତି ବାହାରିଯିବେ।

### ପାଣିଘେରରେ ଶତାଧିକ...

ଉପରେ ତୀକ୍ଷ୍ଣ ନଜର ରଖିଥିବା ବେଳେ ସେଚ ବିଭାଗ ନଦୀ କୂଳରେ ନଜର ରଖିଛନ୍ତି। ଏଥିସହ ବନ୍ୟା ସ୍ଥିତି ମୁକାବିଲା ପାଇଁ ଓଡ୍ରାଫ୍ ଓ ଅଗ୍ନିଶମ ଟିମ୍ ନିୟୋଜିତ ରହିଛନ୍ତି। ଏହି ଦ୍ୱିତୀୟ ବନ୍ୟା ଭୋଗରାଇ, ବାଲିଆପାଳ, ଜଳେଶ୍ୱର ବ୍ଲକରେ ବିପନ୍ନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ରାଜଘାଟରେ ବନ୍ୟାପାଣି କମୁଥିବା ବେଳେ ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ବ୍ଲକର ବହୁ ତଳିଆ ଅଞ୍ଚଳ ଜଳମଗ୍ନ ରହିଛି। ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ୬.୫୦ମିଟର ରହିଥିବା ବେଳେ ମଙ୍ଗଳବାର ସକାଳ ୯ରୁ ଜଳସ୍ତର ହ୍ରାସ ପାଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ୬.୪୮ ମିଟରରେ ସ୍ଥିର ରହିଛି। ସେହିପରି ବୁଢ଼ାବଳଙ୍ଗ ନଦୀର ବିପଦ ସଙ୍କେତ ୮.୧୩ ମିଟର ଥିବାବେଳେ ମଙ୍ଗଳବାର ଅପରାହ୍ନ ୩ଟା ସୁଦ୍ଧା ୪.୪୨ ମିଟରରେ ପ୍ରବାହିତ ହେଉଛି। ବାଲିଆପାଳ ବ୍ଲକ ଅଧୀନ ୯ଟି ପଞ୍ଚାୟତର ୫ଟି ଆଶ୍ରୟସ୍ଥଳୀକୁ ୧୨୨୫ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଜଳେଶ୍ୱର ବ୍ଲକ ୭ଟି ପଞ୍ଚାୟତର ଗୋଟିଏ ଆଶ୍ରୟସ୍ଥଳୀକୁ ୬୦, ଜଳେଶ୍ୱର ପୌରାଞ୍ଚଳ ଅଧୀନ ୮ଟି ୱାର୍ଡର ଗୋଟିଏ ଆଶ୍ରୟସ୍ଥଳୀକୁ ୫୫, ଭୋଗରାଇ ବ୍ଲକ ଅଧୀନ ୧୩ ପଞ୍ଚାୟତର ୬ଟି ଆଶ୍ରୟସ୍ଥଳୀକୁ ୫୫୦ ଓ ବସ୍ତା ବ୍ଲକ ଅଧୀନ ୧୪ ପଞ୍ଚାୟତର ୨ଟି ଆଶ୍ରୟସ୍ଥଳୀୟକୁ ୧୭୬୬ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ପ୍ରଶାସନ ପକ୍ଷରୁ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବନ୍ୟାଞ୍ଚଳରେ ହାଲୋଜିନ୍ ବଟିକା, ଓଆର୍‌ଏସ୍ ଆଦି ପ୍ରଦାନ କରାଯାଇଛି। ପ୍ରଶାସନ ତରଫରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୱାଟର ଟ୍ୟାଙ୍କର ସହ ପାଣି ବୋତଲ ଯୋଗାଇ ଦିଆଯାଇଛି। ଭୋଗରାଇ ବ୍ଲକର ୧୫ଟି ପଞ୍ଚାୟତର ୩୦ଟି ଗାଁ, ବସ୍ତା ବ୍ଲକର ୧୨ପଞ୍ଚାୟତର ୨୯ଗାଁ, ବାଲିଆପାଳ ବ୍ଲକର ୧୨ପଞ୍ଚାୟତର ୫୦ଟି ଗାଁ ଜଳବନ୍ଦୀ ଅବସ୍ଥାରେ ରହିଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବନ୍ୟା ପ୍ରଭାବିତ ବସ୍ତା, ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନକରି ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

# ନିଖୁଣ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦିଆଯିବ: ମନ୍ତ୍ରୀ

**ଭୁବନେଶ୍ୱର,୧୭(ସୁନିତ୍ ମିଶ୍ର)**

ରାଜ୍ୟର ବିଭିନ୍ନ ଜିଲାରେ ଏବେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜିଛି। ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନଙ୍କ ଘରେ ପାଣି ପଶିଯିବା କାରଣରୁ ସେମାନଙ୍କ ରହିବା ଏବଂ ଖାଇବା ଆଦି ସବୁଥିରେ ସମସ୍ୟା ଦେଖା ଦେଇଛି। ତେବେ ବନ୍ୟା ପରିସ୍ଥିତି ଯୋଗୁ ଯେଉଁମାନଙ୍କ କ୍ଷତି ହୋଇଛି ସେମାନଙ୍କ ନିଖୁଣ ଆକଳନ କରାଯିବ। ସେମାନଙ୍କ କ୍ଷୟକ୍ଷତି ପ୍ରଦାନ ଲାଗି କାମ ହେବାକୁ ଯାଉଛି। ଯେଉଁମାନଙ୍କର କ୍ଷତି ହୋଇଛି ସମସ୍ତଙ୍କୁ କ୍ଷତିପୂରଣ ମିଳିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

# ଉଗଢ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମହାଦେବର ଖାଇ
ସହଦେବର ଗାଇବା ।**

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ୍ୟ ପର କରି ଦେଇପାରନ୍ତି। ଏପରି କି ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ବି ପଶ୍ଚାତପଦ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତାପ୍ରକଟ କରିବା ବେଇମାନି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାନିଲେ ଠାକୁର
ନ ମାନିଲେ ପଥର ।**

ଭାବନା ଓ ଶ୍ରଦ୍ଧାର ଅନ୍ୟ ନାମ ଶକ୍ତି ବା ଦେବତା। ଭାବନାନୁସାରେ ଈଶ୍ୱରଙ୍କର ଅଭ୍ୟୁଥାନ ଘଟିଥାଏ। ବ୍ୟକ୍ତିର ଭାବନା ଯେପରି ହୋଇଥାଏ ଠିକ୍ ସେହିପରି ଆକୃତି ବିଶିଷ୍ଟ ଦେବଦେବୀ ତାଙ୍କୁ ଦୃଶ୍ୟ ହୋଇଥାନ୍ତି। ମନରେ ଭକ୍ତି ଓ ବିଶ୍ୱାସ ରଖି ଯଦି ପଥର ଦେହରେ ସିନ୍ଦୂର ମାରି ତାକୁ ଦେବତା ଜ୍ଞାନ କରି ପୂଜା କରାଯାଏ ତେବେ ସେହି ଅନୁସାରେ ଫଳ ବା କୃପା ମିଳିଥାଏ। ବିଶ୍ୱାସରେ ହିଁ ଭଗବାନଙ୍କୁ ପାଇହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ପୁରୀ ସର୍କିଟ ହାଉସ୍‌ରେ ସୁରକ୍ଷା ସମ୍ପର୍କିତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରୁଛନ୍ତି। ନିକଟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଓ ଅନ୍ୟମାନେ।

### ତ୍ରୁଟି ଏଡ଼ାଇବାକୁ...

ସୁରକ୍ଷା ମାର୍ଗଦର୍ଶିକାକୁ କଡ଼ାକଡ଼ି ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷାର ୩ଟି ମୁଖ୍ୟ ଦିଗ ରଥ ପରିଚାଳନା ଓ ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ଉପରେ ଗୁରୁତ୍ୱ ଦିଆଯିବ। ଆଗାମୀ ଉତ୍ସବଗୁଡ଼ିକରେ ଭିଡ଼ ନିୟନ୍ତ୍ରଣ ପାଇଁ ରିଅଲ-ଟାଇମ୍ କ୍ରାଉଡ୍ ଏଷ୍ଟିମେଶନ କରାଯିବ। କର୍ଡନ ପାସ୍ ସଂଖ୍ୟା କମାଇ କେବଳ ଅତ୍ୟାବଶ୍ୟକ ପାସ୍ ଇସ୍ୟୁ କରାଯିବ, ଯାହା କୌଣସି ପ୍ରକାରରେ ଟ୍ରାନ୍ସଫରେବଲ୍ ହେବ ନାହିଁ। ରଥ ଚାରିପଟେ ଓ ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ ପାଇଁ ଅଧିକ ଫୋର୍ସ ଓ ସ୍ୱେଚ୍ଛାସେବୀ ନିୟୋଜନ କରାଯିବ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବିଶେଷ କରି ଭୁବନେଶ୍ୱର-ପୁରୀ ରାସ୍ତାରେ ଗାଡ଼ିଚଳାଚଳ ନିୟନ୍ତ୍ରଣ କରାଯିବ। ଅନଧିକୃତ ଗାଡ଼ିକୁ ଭିଡ଼ ମଧ୍ୟରେ ପ୍ରବେଶ ନିଷେଧ କରାଯିବ। ଅଗ୍ନିଶମ ବିଭାଗକୁ ସମୁଦ୍ରକୂଳ ଓ ଅନ୍ୟ ହଟ୍‌ସ୍ପଟ୍ ଅଞ୍ଚଳରେ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜ୍ୱଳନଶୀଳ ବସ୍ତୁ ବିକ୍ରୟ ଓ ରାସ୍ତା ଅବରୋଧ କରି ରନ୍ଧା କାର୍ଯ୍ୟକୁ ବାରଣ କରାଯିବ। ଯଦି ସେବାୟତମାନଙ୍କର କୌଣସି ଅଭିଯୋଗ ରହିଛି, ତାହା ସେ ଆଗାମୀ ଦିନରେ ବିଚାର କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମର୍ପଣ ଭାବରେ ନିଜ ଦାୟିତ୍ୱ ନିର୍ବାହ କରି ଏହି ପବିତ୍ର ଉତ୍ସବକୁ ସଫଳ କରାଇବା ପାଇଁ ସମସ୍ତଙ୍କର ସହଯୋଗ କାମନା ସେ କରିଛନ୍ତି। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା କମିଶନର ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ। ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବା ଦିଗରେ ସଫଳତା ପାଇବେ। ସାମାଜିକ କାମରେ ସହଯୋଗ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ମଙ୍ଗଳଙ୍କ ବଳହୀନତାରୁ ଶାରୀରିକ କ୍ଳାନ୍ତି ଓ ଅବସାଦ ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ସୃଷ୍ଟିକରିବ।

**ବୃଷ** ରବି ଓ ବୁଧଙ୍କ ଯୋଗୁ ପ୍ରଭାବଶାଳୀ ପ୍ରକାଶଭଙ୍ଗୀ ପରିଚାଳନା ଦକ୍ଷତାକୁ ବୃଦ୍ଧି କରିବ। ପରିବାରରେ, କର୍ମକ୍ଷେତ୍ରରେ, ସଂଗଠନରେ, ସଭାସମିତିରେ ବହୁ ଚର୍ଚ୍ଚିତ ହୋଇପାରନ୍ତି। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ** ବୁଧାଦିତ୍ୟ ଯୋଗ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ବିବାଦୀୟ ସ୍ଥିତି, ମାଲିମକଦ୍ଦମା, ସଙ୍ଗଠନ, ପରିଜନଙ୍କ ସହ ଯାତ୍ରା କ୍ଷେତ୍ରରେ ସଫଳତା ନିଶ୍ଚିତ। ଜମିଜମା କିମ୍ବା ଗୃହ ସମ୍ପର୍କୀୟ ସମସ୍ୟାର ସମାଧାନ ଦିଗରେ ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଆସିପାରେ ।

**କର୍କଟ** କର୍ମାଧିପ ଧନସ୍ଥାନରେ ଥିବାରୁ କର୍ମମୁଖର କରାଇ ଅବସର ଦେଇ ନ ପାରନ୍ତି। କାର୍ଯ୍ୟବ୍ୟସ୍ତତା କାରଣରୁ କଥାବାର୍ତ୍ତା ଓ ବ୍ୟବହାରରେ ରୁକ୍ଷତା ବନ୍ଧୁଙ୍କୁ ଦୁଃଖ ଦେବ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କୀୟ ଦୁଶ୍ଚିନ୍ତା ସାୟାହ୍ନେ ଦୂର ହେବ। ଆଜିର ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ** ଆଜିର ଅନୁକୂଳ ଗ୍ରହସ୍ଥିତି ସୁସ୍ଥ ବାତାବରଣ ସୃଷ୍ଟିକରି ବନ୍ଧୁପ୍ରିୟ କରାଇବ। ଆବଶ୍ୟକତା ପୂରଣ ସକାଶେ ଟଙ୍କାପଇସା ଯୋଗାଡ଼ କରିବା ସକାଶେ ଫନ୍ଦି ଫିକର କରି ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଅପରାହ୍ନରେ ଭ୍ରମଣରେ ଯିବାକୁ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇ ନ ପାରନ୍ତି।

**କନ୍ୟା** ଦଶମସ୍ଥାନସ୍ଥ ଗ୍ରହ କର୍ମକ୍ଷେତ୍ରକୁ ଚଳଞ୍ଚଳ କରାଇବେ। ବୃହସ୍ପତିଙ୍କ ଦୃଷ୍ଟିଫଳରେ ପରିବାର, ବନ୍ଧୁମିଳନ, ଆନୁଷ୍ଠାନିକ କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ। କୌଣସି କଥାକୁ ଭଲ ରୂପେ ବିଚାର ନ କଲେ ସମସ୍ୟା ଭିତରକୁ ଟାଣି ହୋଇଯିବେ। ସ୍ୱାର୍ଥସାଧନର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି।

**ତୁଳା** ଆଜିର ଗ୍ରହସ୍ଥିତି ଆପଣଙ୍କୁ ଧନ, ସମ୍ମାନ, ଉଚ୍ଚ ପଦବୀ ଓ ବିଶିଷ୍ଟବନ୍ଧୁମାନଙ୍କ ସଙ୍ଗଲାଭ କରାଇପାରନ୍ତି। କୌଣସି ଜିନିଷ କ୍ରୟ କରିବା ସକାଶେ ଅର୍ଥର ଆବଶ୍ୟକତା ପାଇଁ ଚିନ୍ତା କରିବାକୁ ପଡ଼ିବନାହିଁ। ଅବଶ୍ୟ ପରିବାରରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବାର ଆଶା ରହିଛି।

**ବିଛା** ରାଶ୍ୟାଧିପତିଙ୍କ କୁପ୍ରଭାବରୁ ସ୍ୱାସ୍ଥ୍ୟ ଖରାପ ଲାଗି ଚିନ୍ତିତ ହେବେ। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ। ପାରିବାରିକ ପ୍ରତିରୋଧ ଆପଣଙ୍କ କାମକୁ ଦୀର୍ଘସମୟଧରି ବିଶେଷ ବିଶୃଙ୍ଖଳିତ କରି ରଖିବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହୋଇପାରେ।

**ଧନୁ** ସପ୍ତମ କେନ୍ଦ୍ରସ୍ଥ ଗ୍ରହ ଯାତ୍ରାରେ ଦ୍ୱନ୍ଦ୍ୱ, ବିବାଦରେ ପରାଜୟ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନିଜନିତ ଚିନ୍ତା ସୃଷ୍ଟିକରେ। ବନ୍ଧୁଙ୍କ ଅପମାନଜନକ ବ୍ୟବହାର ଆଘାତ ଦେବ। ପରିବାର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କ୍ରୀଡା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ କରିପାରିବେ।

**ମକର** ଅଷ୍ଟମସ୍ଥ ଗ୍ରହଜନିତ ପରୋକ୍ଷ ଶତ୍ରୁତା, ସ୍ୱାସ୍ଥ୍ୟହାନି ଓ ଅର୍ଥସଂକଟ ମାନସିକ ସ୍ଥିତିକୁ ବିପନ୍ନ କରିବ। ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବ । ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ସାହିତ୍ୟ, ସଭାସମିତି, ଆନୁଷ୍ଠାନିକ କାମ ଓ ରାଜନୀତିରେ ଟେନ୍ସନ ଲାଗି ରହିବ ।

**କୁମ୍ଭ** ଆଜିର ଗ୍ରହପ୍ରଭାବରେ ଯେକୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବା କଷ୍ଟକର ହେବ। ତଥାପି ବିଭିନ୍ନ ବ୍ୟତିକ୍ରମ ମଧ୍ୟରେ କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକ ଯେତେ ସମସ୍ୟା ସୃଷ୍ଟି କଲେ କୌଣସି ଅସୁବିଧା ହେବ ନାହିଁ। ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ିହେବାରେ ଜଣେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**ମୀନ** ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ ଚନ୍ଦ୍ରଙ୍କ ଅଶୁଭତ୍ୱ ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। ପରିବାରରେ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସମସ୍ୟାର କାରଣ ହେବ। ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବାର ଆଶଙ୍କା ରହିଛି। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପ୍ରତ୍ୟେକ ଅସୁବିଧାକୁ ସୁଧାରି ନେବାରେ ସମର୍ଥ ହେବେ।

ଆଜି ଜୁଲାଇ ୨ ତାରିଖ, ଅନ୍ତର୍ଜାତୀୟ କ୍ରୀଡ଼ା ସାମ୍ବାଦିକତା ଦିବସ। ଆଷାଢ଼ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ବୁଧବାର। ରାଶିନକ୍ଷତ୍ର-ଦିବା ଘ.୧୧.୦୮ମି. ଗତେ ହସ୍ତା/କନ୍ୟା, ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୫୩ମି. ଗତେ ଘ.୦୮.୩୩ମି. ମଧ୍ୟେ, ଦିବା ଘ.୧୦.୧୧ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୦ମି. ଗତେ ଘ.୦୧.୨୯ମି. ମଧ୍ୟେ ରାହୁ କାଳ।

# ବିଏମ୍‌ସି ଅଧିକାରୀଙ୍କୁ ମାଡ଼ ନିନ୍ଦନୀୟ

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ରତ୍ନାକର ସାହୁ ବରିଷ୍ଠ ଓଏଏସ୍ ଅଧିକାରୀ ହୋଇଥିବାବେଳେ ତାଙ୍କୁ କାର୍ଯ୍ୟାଳୟ ମଧ୍ୟରେ ଜଣେ କର୍ପୋରେଟରଙ୍କ ସମେତ କେତେଜଣ ରାଜନୈତିକ ବ୍ୟକ୍ତିବିଶେଷ ଘୋଷାରି ଆଣି ବିଧା, ଗୋଇଠା ସହ ମରଣାନ୍ତକ ଆକ୍ରମଣ କରାଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏକ ସଭ୍ୟ ସମାଜରେ ଏଭଳି ଘଟଣାର କେବେବି ଗ୍ରହଣୀୟ ନୁହେଁ ବୋଲି ଓଏଏସ୍ ଅଫିସର ସଂଘ କହିଛି। ଏହି ଘଟଣାକୁ ପ୍ରତିବାଦ କରି ସାରା ରାଜ୍ୟରେ ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ଯାଉଥିବା ଦେଖାଯାଇଛି। ଉକ୍ତ ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଥିବାବେଳେ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ ଦାବିରେ ସଂଘ ଅଡ଼ି ବସିବା ସହ ୨୪ଘଣ୍ଟିଆ ମହଲତ ଦେଇଛି।



## ଘଟଣା ନିନ୍ଦନୀୟ



ବିଏମ୍‌ସି କାର୍ଯ୍ୟାଳୟରେ ପଶି କାର୍ଯ୍ୟରତ ଜଣେ ବରିଷ୍ଠ ଓଏଏସ୍ ଅଧିକାରୀ ତଥା ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଘୋଷାରି ମାଡ଼ ମରାଯିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏହାକୁ ସବୁ ମହଲରେ ନିନ୍ଦା କରାଯିବା ଉଚିତ୍। ମଙ୍ଗଳବାର ଖୋର୍ଦ୍ଧା ଜିଲା ଆସୋସିଏଶନ ପକ୍ଷରୁ ଓଏଏସ୍ ଅଫିସରମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି।

–ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ (ପ୍ରଶାସନ), ଖୋର୍ଦ୍ଧା

## 'ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ'



ଜଣେ କାର୍ଯ୍ୟରତ ଓଏଏସ୍ ଅଫିସରଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯିବା ନିନ୍ଦନୀୟ ଘଟଣା। ଏହାକୁ ସେ ଦୃଢ଼ ଭାବେ ନିନ୍ଦା କରୁଛନ୍ତି। ଅଫିସରମାନଙ୍କୁ କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ଯୋଗାଇ ଦିଆଯାଉ। ଏଥିସହ ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ। ପ୍ରଶାସନିକ ଅଧିକାରୀମାନେ ଲୋକଙ୍କୁ ସେବା ଯୋଗାଇବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ବିଭିନ୍ନ ସମୟରେ ଆକ୍ରୋଶ କିମ୍ବା ଆକ୍ରମଣର ଶିକାର ହେବାକୁ ପଡୁଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ।

–ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ଉପଜିଲାପାଳ

## ସୁରକ୍ଷା ଯୋଗାଇବା ଜରୁରୀ



ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ ଗଜପତି ଓଏଏସ୍ ଓ ଓଆର୍‌ଏସ୍ ସଂଘ ତୀବ୍ର ନିନ୍ଦା କରୁଛି। ଓଏଏସ୍ ଅଧିକାରୀମାନେ କାର୍ଯ୍ୟରତ ଥିବାବେଳେ ସେମାନଙ୍କ କୌଣସି ସୁରକ୍ଷା ବ୍ୟବସ୍ଥା ରହୁନାହିଁ। ଯଦି ଜଣେ ଓଏଏସ୍ ଅଧିକାରୀଙ୍କୁ ଏଭଳି ଅବସ୍ଥା ଦେଖିବାକୁ ପଡୁଛି, ତେବେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଓଏଏସ୍ ଅଧିକାରୀମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଜରୁରୀ।

– ଫାଲ୍‌ଗୁନୀ ମାଝୀ, ଅତିରିକ୍ତ ଜିଲାପାଳ,ଗଜପତି

## ଅକ୍ଷମଣୀୟ ଅପରାଧ



ବିଏମ୍‌ସି ଅଧିକାରୀଙ୍କୁ କାର୍ଯ୍ୟାଳୟରେ ଆକ୍ରମଣ କରିବା ଏକ ଅକ୍ଷମଣୀୟ ଅପରାଧ। ଯେତେ ନିନ୍ଦା କଲେ ମଧ୍ୟ କମ୍ ହେବ। ପ୍ରଶାସନିକ ଅଧିକାରୀଙ୍କ ଉପରେ ଆକ୍ରମଣ ହେଲେ ସେମାନେ ଭୟଭୀତ ହେବେ। ଫଳରେ ସରକାରଙ୍କ ଠାରୁ ପାଇଥିବା ଲୋକଙ୍କ ସେବା କରିବାର ଦାୟିତ୍ୱ ଠିକ୍ ଭାବରେ ତୁଲାଇ ପାରିବେ ନାହିଁ। ଏଣୁ ଏଭଳି ହୀନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହେବା ଦରକାର।

– ମାୟାଧର ବେହେରା, ଅନୁଗୋଳ ଉପଜିଲାପାଳ

## ଘଟଣାର ପୁନରାବୃତ୍ତି ନ ହେଉ



ଏପରି ଅମାନବୀୟ ଘଟଣାକୁ ସମସ୍ତେ ନିନ୍ଦା କରିବା କଥା। ଆଇନକୁ କେହି ହାତକୁ ନେବା ଉଚିତ ନୁହେଁ। ଏହି ଘଟଣାର ପୁନରାବୃତ୍ତି ଯେପରି ନ ହେବ ସେଥିପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ସୁରକ୍ଷା କର୍ମୀ ଯୋଗାଇ ଦିଆଯାଉ। ଆଇନ ଅନୁଯାୟୀ କାମକଲେ ସମସ୍ତଙ୍କ ପାଇଁ ଭଲ ହେବ।

– ଉପେନ୍ଦ୍ର କୁମାର ଲୁହା, ଆଠମଲ୍ଲିକ ଉପଜିଲାପାଳ

## ଆଇନ ନିଜ ହାତକୁ ନେବା ଅନୁଚିତ



କାର୍ଯ୍ୟରତ ଜଣେ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ କେବେ ଗ୍ରହଣୀୟ ନୁହେଁ। କୌଣସି ବ୍ୟକ୍ତି ଆଇନ ନିଜ ହାତକୁ ନେଇ ଏହା କରିବା ଅନୁଚିତ। ଏହାକୁ ଆମେ ଓଏଏସ୍ ଅଧିକାରୀମାନେ ବିରୋଧ କରୁଛୁ। ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଉ। ସେଥିପାଇଁ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛୁ। କାର୍ଯ୍ୟରତ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ଆମେମାନେ ଦାବି କରୁଛୁ।

–ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପଜିଲାପାଳ, କଟକ ସଦର

## ଏଭଳି ଆଚରଣ ଶୁଭଙ୍କର ନୁହେଁ



ଗଣତନ୍ତ୍ର ରାଷ୍ଟ୍ରରେ ଜଣେ କାର୍ଯ୍ୟରତ ଅଧିକାରୀଙ୍କ ପ୍ରତି ଏଭଳି ଆଚରଣ କେବେ ଶୁଭଙ୍କର ନୁହେଁ। ଦେଶରେ ଆଇନକାନୁନ ରହିଛି। କେହି ସେସବୁର ଉର୍ଦ୍ଧ୍ୱରେ ନୁହନ୍ତି। ସେଥିପାଇଁ ଜନସାଧାରଣ ଓ ସରକାରୀ ଅଧିକାରୀ ଯତ୍ନବାନ ହେବା ଉଚିତ। ଅପରପକ୍ଷରେ ଆମେ ଅଧିକାରୀମାନେ ମଧ୍ୟ ସକାରାତ୍ମକ ଚିନ୍ତାଧାରା ନେଇ ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏଭଳି ଘଟଣା ହେବା ଦ୍ୱାରା କାମ କରିବା ପାଇଁ ସ୍ପୃହା ଆସୁନାହିଁ।

–ଶ୍ୱେତ କୁମାର ଦାଶ, ସଚିବ, ସିଡିଏ, କଟକ

## ବରିଷ୍ଠ ଅଧିକାରୀଙ୍କୁ ସୁରକ୍ଷାକର୍ମୀ ଯୋଗାଇ ଦିଆଯାଉ



ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଅତି ଅମାନୁଷିକ। ଏଭଳି ଘଟଣା ଆଦୌ ଘଟିବା ଉଚିତ୍ ନୁହେଁ। ଏହାର ପ୍ରତିବାଦରେ ସମୂହ ଛୁଟି ନିଷ୍ପତ୍ତି ନେଇଛୁ। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ବରିଷ୍ଠ ଅଧିକାରୀଙ୍କ ସୁରକ୍ଷା ପାଇଁ ସୁରକ୍ଷା କର୍ମୀ(ପିଏସ୍‌ଓ) ଯୋଗାଇ ଦିଆଯାଉ।

–ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ, କେନ୍ଦୁଝର

## ସ୍ଥାୟୀ ସମାଧାନ ନ ହେବା ଯାଏ ଆନ୍ଦୋଳନ



ଅଭିଯୋଗ ଶୁଣାଣି ବେଳେ ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ନିନ୍ଦନୀୟ। ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ଓଡ଼ିଶା ପ୍ରଶାସନିକ ସେବା ସଂଘ ସମୂହ ଛୁଟି ନିଷ୍ପତ୍ତି ନେଇଛି। ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଭାରତୀୟ ପ୍ରଶାସନିକ ସେବା ସଂଘ, ଯନ୍ତ୍ରୀ ସଂଘ, ରାଜସ୍ୱ ନିରୀକ୍ଷକ ସଂଘ ଓ ଅମଲା ସଂଘ ମଧ୍ୟ ଆମ ଦାବିକୁ ସମର୍ଥନ ଜଣାଇବେ ବୋଲି ଆଶା କରୁଛୁ।

– ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲାପାଳ, ମୟୂରଭଞ୍ଜ।

## 'କାର୍ଯ୍ୟରତ ଅଧିକାରୀଙ୍କୁ ସୁରକ୍ଷା ଦିଆଯାଉ'



ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସରକାର ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। କାର୍ଯ୍ୟରତ ଅଫିସରଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉ। ସରକାରଙ୍କ ପରବର୍ତ୍ତୀ ପଦକ୍ଷେପ ପର୍ଯ୍ୟନ୍ତ ଜିଲାରେ କାର୍ଯ୍ୟରତ ସମସ୍ତ ଅଫିସର ସମୂହ ଛୁଟିରେ ଅଛନ୍ତି। ଜନସାଧାରଣଙ୍କ ପାଇଁ ସେବା କରୁଥିବା ଅଫିସରଙ୍କ ସୁରକ୍ଷା ଓ ନିରାପତ୍ତା ଦିଗରେ ସରକାରୀ ବ୍ୟବସ୍ଥା ଲାଗୁ ହେଉ।

–ସୁଧାକର ନାୟକ, ଏଡ଼ିଏମ୍ ତଥା ବାଲେଶ୍ୱର ଜିଲା ଓଏଏସ୍, ଓଆର୍‌ଏସ୍ ଅଫିସର ସଂଘ ସଭାପତି

## ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ



ଏହି ଘଟଣାକୁ ଦୃଢ଼ ନିନ୍ଦା କରୁଛି। ଏଭଳି ଘଟଣା ଆମ ମନକୁ ଆଘାତ ଦେଇଛି। ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଆମେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ ଜାରି ରଖିବୁ। କିନ୍ତୁ ପୂର୍ବରୁ ହେଉଥିବା କାର୍ଯ୍ୟ ଅପେକ୍ଷା ବର୍ତ୍ତମାନ ଏଥିରେ ବିଳମ୍ବ ହୋଇପାରେ।

–ବେଣୁଧର ଶବର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, କୋରାପୁଟ

## ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ



ଏହା ଏକ ନିନ୍ଦନୀୟ ଘଟଣା। ଜଣେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କୁ ଆକ୍ରମଣ ଏବେ ଚିନ୍ତା ବଢ଼ାଇଛି। ଘଟଣାର ଉପଯୁକ୍ତ ତଦନ୍ତ ସହ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସରକାର ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଏଥିସହ ଆମମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଜରୁରୀ।

–ବିରଞ୍ଚି ନାରାୟଣ ଦରୱାନ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ନବରଙ୍ଗପୁର

## ସରକାର ଆମକୁ ସୁରକ୍ଷା ଯୋଗାଇ ଦିଅନ୍ତୁ



ବିଏମ୍‌ସି ଅତିରିକ୍ତ କମିଶନରଙ୍କ ଉପରେ ହୋଇଥିବା ଆକ୍ରମଣକୁ ମୁଁ ଦୃଢ଼ ନିନ୍ଦା କରିବା ସହ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଦାବି କରୁଛି । ସରକାର ଏହା ଉପରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସାରା ଓଡ଼ିଶାରେ ଥିବା ସମସ୍ତ ଓଏଏସ୍ ଅଧିକାରୀ ଛୁଟିରେ ଯିବେ । ସେଥିରେ ମାଲକାନଗିରି ଜିଲାର ସମସ୍ତ ଓଏଏସ୍ ଅଧିକାରୀ ସାମିଲ ହେବେ । ବର୍ତ୍ତମାନ ଆମେ କେହି ସୁରକ୍ଷିତ ନୋହୁଁ । ସରକାର ଆମକୁ ସୁରକ୍ଷା ଯୋଗାଇ ଦିଅନ୍ତୁ।

– ଦୁର୍ଯ୍ୟୋଧନ ଭୋଇ, ଉପଜିଲାପାଳ, ମାଲକାନଗିରି

## ଓଏଏସ୍ ଅଫିସର ସୁରକ୍ଷା ପାଇଁ କଡା ଆଇନ ଲାଗୁ ଦାବି



ଜଣେ କର୍ତ୍ତବ୍ୟନିଷ୍ଠ ସରକାରୀ କର୍ମଚାରୀଙ୍କୁ ବିଏମ୍‌ସି ଅଫିସ୍ ଭିତରେ ସର୍ବସମ୍ମୁଖରେ ମାଡ଼ ମାରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। କୌଣସି ସମସ୍ୟା ରହିଥିଲେ ଶାନ୍ତିପୂର୍ଣ୍ଣ ଆଲୋଚନା ପୂର୍ବକ ସମାଧାନ କରାଯାଇପାରିଥାନ୍ତା। ତେଣୁ ରାଜ୍ୟ ସରକାର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଏଥିସହିତ ଡାକ୍ତରଙ୍କୁ ଦୁର୍ବ୍ୟବହାର କଲେ ସେମାନଙ୍କ ସୁରକ୍ଷା ପାଇଁ ଯେଭଳି କଡା ଆଇନ ବ୍ୟବସ୍ଥା ରହିଛି, ଓଏଏସ୍‌ମାନଙ୍କ ପାଇଁ ମଧ୍ୟ ସେହିଭଳି ଆଇନ ଲାଗୁ କରିବା ପାଇଁ ଆମେ ଦାବି କରୁଛୁ ।

– ନବୀନ ଚନ୍ଦ୍ର ନାଏକ, ରାୟଗଡା ଅତିରିକ୍ତ ଜିଲାପାଳ

## ବିଏମ୍‌ସି ଅଧିକାରୀଙ୍କୁ ଆକ୍ରମଣ ଘୃଣ୍ୟ, ନିନ୍ଦନୀୟ



–ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅତିରିକ୍ତ କମିଶନରଙ୍କୁ ବିଏମ୍‌ସି କାର୍ଯ୍ୟାଳୟ ପରିସରରେ ଯେଉଁଭଳି ଆକ୍ରମଣ ହୋଇଛି ତାହା ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ ଘଟଣା। ଜଣେ ପବ୍ଲିକ ଅଫିସରଙ୍କ ପ୍ରତି ଏଭଳି ଅମାନୁଷିକ ଆକ୍ରମଣକୁ ଯେତେ ନିନ୍ଦା କଲେ କମ୍ ହେବ। ଏହାର ପ୍ରତିକ୍ରିୟା ରାଜ୍ୟବ୍ୟାପୀ ପ୍ରତିଫଳିତ ହୋଇଛି। ଜଗତ୍‌ସିଂହପୁର ଜିଲା ଓଏଏସ୍ ଆସୋସିଏଶନ୍ ସଭାପତି ଅତିରିକ୍ତ ଜିଲାପାଳ ଜ୍ୟୋତିରଞ୍ଜନ ରାୟଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଜିଲାର ସମସ୍ତ ଓଏଏସ୍ ଅଫିସର ମଙ୍ଗଳବାର କାର୍ଯ୍ୟ ବନ୍ଦ କରିଛନ୍ତି।

–ପ୍ରଶାନ୍ତ କୁମାର ତରାଇ, ଉପଜିଲାପାଳ, ଜଗତ୍‌ସିଂହପୁର

## ମାଡ଼ଖାଇବୁ ତ କାହିଁକି କାମ କରିବୁ



ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଯେଭଳି ଆକ୍ରମଣ କରାଗଲା, ତାହା ଅତି ନିନ୍ଦନୀୟ। ଅଧିକାରୀମାନଙ୍କୁ ସୁରକ୍ଷା ନିହାତି ଜରୁରୀ। ଲୋକଙ୍କ ପାଇଁ ଆମେ କାମ କରୁଛୁ। ମାଡ଼ଖାଇବୁ ତ କାହିଁକି କାମ କରିବୁ। ସେଥିପାଇଁ ମଙ୍ଗଳବାର ରାଜ୍ୟର ସମସ୍ତ ଓଏଏସ୍ ଅଧିକାରୀ ସମୂହ ଛୁଟିରେ ରହିବା ପାଇଁ ପ୍ରତ୍ୟେକ ଜିଲାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛୁ। ବିଏମ୍‌ସି ଅତିରିକ୍ତ କମିଶନରଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ, ଯେଭଳି ଆଗକୁ ସେଭଳି ଆକ୍ରମଣ ପାଇଁ କାହାର ବି ସାହସ ହେବ ନାହିଁ।

–ପ୍ରସନ୍ନ କୁମାର ପାଣ୍ଡେ, ଉପଜିଲାପାଳ, ବରଗଡ଼

## ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ



ବିଏମ୍‌ସି ଅଫିସରେ ଜଣେ କର୍ତ୍ତବ୍ୟ ପରାୟଣ ଏବଂ କାର୍ଯ୍ୟରତ ଅଧିକାରୀଙ୍କୁ ଯେଭଳି ଭାବେ ଆକ୍ରମଣ କରାଗଲା ତାହା ଅତ୍ୟନ୍ତ ଅମାନୁଷିକ ଓ ନିନ୍ଦନୀୟ। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛୁ। ପ୍ରଶାସନିକ ଅଧିକାରୀମାନେ ରାଜ୍ୟର ଜନସାଧାରଣଙ୍କ ସେବା ପାଇଁ ନିୟୋଜିତ ହୋଇଛନ୍ତି। ସେମାନଙ୍କ ସୁରକ୍ଷାକୁ ନିହାତି ଗୁରୁତ୍ୱ ଦିଆଯିବା କଥା।

– ପବିତ୍ର ବେହେରା, ଅତିରିକ୍ତ ଜିଲାପାଳ, ବଲାଙ୍ଗୀର

## କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ



ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟନୁଷ୍ଠାନ ନିଆଯାଉ। ସମସ୍ତ ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ସମଗ୍ର ଗଞ୍ଜାମ ଜିଲାରେ ଓଏଏସ୍ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ।

–ଉମାଶଙ୍କର ବେହେରା, ଉପଜିଲାପାଳ (ଭଞ୍ଜନଗର)

## ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ



ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ସୋମବାର ଯେଉଁ ଘଟଣା ଘଟିଛି ତାହା ସଭ୍ୟ ସମାଜରେ ବିରଳ। ଜଣେ ଓଏଏସ୍ ଅଧିକାରୀଙ୍କୁ ତଳେ ପକାଇ ମାଡ଼ ମରାଯାଇଛି। ଏହା ମାନବାଧିକାର ଉଲଂଘନ। ଯଦି ରାଜ୍ୟରେ ଏଭଳି ହୁଏ ତାହାଲେ ଜଣେ ପବ୍ଲିକ ସରଭ୍ୟାଣ୍ଟ କିପରି କାମ କରିବ। ଏହି ଘଟଣାକୁ ସମ୍ପୂର୍ଣ୍ଣ ନିନ୍ଦା କରୁଛି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।

– ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲାପାଳ, କନ୍ଧମାଳ

## ଆକ୍ରମଣକାରୀଙ୍କୁ କଠୋର ଦଣ୍ଡ ଦିଆଯାଉ



ବିଏମ୍‌ସି କାର୍ଯ୍ୟାଳୟରେ ପଶି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରିବା ନିନ୍ଦନୀୟ ଘଟଣା। ସରକାର ଓ ଆଇନଗତ ବ୍ୟବସ୍ଥା ଜନସାଧାରଣଙ୍କ ହିତ ଓ ସୁରକ୍ଷା ପାଇଁ କାର୍ଯ୍ୟ କରିଥାଏ। କିନ୍ତୁ ବିଏମ୍‌ସି କାର୍ଯ୍ୟାଳୟରେ ଜନସାଧାରଣଙ୍କୁ ସହଯୋଗ ପାଇଁ କାର୍ଯ୍ୟରତ ଜଣେ ଓଏଏସ୍ ଅଧିକାରୀଙ୍କୁ ଏଭଳି ସଂଘବଦ୍ଧ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ଦରକାର। ଏଥିପାଇଁ ରାଉରକେଲାରେ କାର୍ଯ୍ୟରତ ଓଏଏସ୍ ସଂଘ ପକ୍ଷରୁ ମଙ୍ଗଳବାର କଲମଛାଡ ଆନ୍ଦୋଳନ ଜାରି ରହିଛି। ଆଇନ ହାତକୁ ନେବା ସମ୍ବିଧାନର ବିରୁଦ୍ଧାଚରଣ। ତେଣୁ ବିଏମ୍‌ସିରେ କାର୍ଯ୍ୟରତ ଅତିରିକ୍ତ କମିଶନରଙ୍କୁ ଉଚିତ ନ୍ୟାୟ ପ୍ରଦାନ ସହ ଆକ୍ରମଣକାରୀଙ୍କୁ କଠୋର ଦଣ୍ଡ ଦିଆଯାଉ।

–ବିଜୟ କୁମାର ନାୟକ, ପାନପୋଷ ଉପଜିଲାପାଳ

## ଅଭିଯୁକ୍ତଙ୍କ ଗିରଫ ପାଇଁ ସରକାର ପଦକ୍ଷେପ ନିଅନ୍ତୁ



ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସୋମବାର କାର୍ଯ୍ୟାଳୟ ପରିସରରେ କେତେଜଣ ବ୍ୟକ୍ତି ମାଡ଼ ମାରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ଉପଯୁକ୍ତ ଦଫା ଲଗାଯାଉ। ସେହିପରି ଉକ୍ତ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଫିସର୍ସ ସଂଘ ଏନେଇ କରିଥିବା ପ୍ରତିବାଦକୁ ମୁଁ ସମର୍ଥନ କରୁଛି।

–ସବ୍ୟସାଚୀ ପଣ୍ଡା, ଉପଜିଲାପାଳ, ଝାରସୁଗୁଡ଼ା

## ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ



ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ଆମେ ସମୂହ ଛୁଟିରେ ଅଛୁ। ଯେଉଁ ଅଧିକାରୀ ଆକ୍ରମଣର ଶିକାର ହୋଇଛନ୍ତି ତାଙ୍କ ହୃଦୟକୁ ବଡ଼ ଆଘାତ ଲାଗିଥିବ, ଆମେ ତାହା ଅନୁଭବ କରି ଆନ୍ଦୋଳନ ଜାରି ରଖିଛୁ। ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ଓଏଏସ୍ ସଂଘର ସଭାରେ ଘଟଣାକୁ ଦୃଢ଼ଭାବେ ନିନ୍ଦା କରାଯାଇଛି। ଯେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଆମର ସୁରକ୍ଷା ଦାବି କରୁଛୁ।

–ରୋଜିନା ଦାସ, ଓଏଏସ୍ ଅଫିସର ସଂଘର ନୟାଗଡ଼ ଜିଲା ସଭାନେତ୍ରୀ ତଥା ନୟାଗଡ଼ ଅତିରିକ୍ତ ଜିଲାପାଳ

## ଅଧିକାରୀଙ୍କୁ ନିର୍ଭୟରେ କାମ କରିବାକୁ ଦିଆଯାଉ



ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ କାର୍ଯ୍ୟାଳୟ ପରିସରରେ ଘୋଷାରି ମାଡ ମାରିବା ନିନ୍ଦନୀୟ। ଏହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କୁ ନିର୍ଭୟରେ କାମ କରିବାକୁ ଦିଆଯାଉ। ସରକାରୀ କର୍ମଚାରୀମାନେ କିଭଳି ସୁରକ୍ଷିତ ଭାବେ ନିଜର କାର୍ଯ୍ୟ ସମ୍ପାଦନ କରିପାରିବେ ସେ ନେଇ ସରକାର ସୁନିଶ୍ଚିତ କରନ୍ତୁ।

–ଡ. ସୌମ୍ୟାରୂପା ରଥ, ସୋନପୁର ଉପଜିଲାପାଳ

## ନିରାପତ୍ତା ନ ଥିଲେ କାର୍ଯ୍ୟ କରିହେବନି



ଭୁବନେଶ୍ୱର ମହାନଗର ନିଗମରେ ଯେପରି ଅତିରିକ୍ତ କମିଶନରଙ୍କୁ ମାଡ଼ ମରାଗଲା ତାହା ଦୁର୍ଭାଗ୍ୟଜନକ। ଯେତେ ନିନ୍ଦା କଲେ କମ ହେବ। ସାମାଜିକ ନିରାପତ୍ତା ନ ରହିଲେ କାର୍ଯ୍ୟ କରିହେବନି। ଏଥିପାଇଁ କେନ୍ଦ୍ରାପଡ଼ା ଜିଲାର ସମସ୍ତ ଓଏଏସ୍ ଓ ଓଆରଏସ୍ କର୍ମଚାରୀ ସମୂହ ଛୁଟି ନେଇଛନ୍ତି। ଉପଯୁକ୍ତ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ।

– ଅରୁଣ କୁମାର ନାୟକ, ଉପଜିଲାପାଳ, କେନ୍ଦ୍ରାପଡ଼ା

# ଅଧିକାରୀଙ୍କୁ ଗୋଲାମ କରିବାକୁ ଭାଜପା ଚାହୁଁଛି : ଭକ୍ତ

ଭୁବନେଶ୍ୱର,୧୭(ରବିନାରାୟଣ ଜେନା)

ବିଏମ୍‌ସିର ଅତିରିକ୍ତ କମିଶନରଙ୍କୁ କର୍ପୋରେଟରଙ୍କ ମାଡ଼ମାରା ଘଟଣାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଭାଜପା ଓ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ବିଏମ୍‌ସିରେ ଜନଶୁଣାଣି ଚାଲିଥିବା ବେଳେ କର୍ପୋରେଟର ଓ ଅନ୍ୟମାନେ ତାଙ୍କୁ ମାଡ଼ ମାରିବା ଅତ୍ୟନ୍ତ ନିନ୍ଦନୀୟ। ସରକାରୀ ଅଧିକାରୀମାନଙ୍କୁ ଗୋଲାମ ନୀତି ଆପଣାଇବା ପାଇଁ ଭାଜପା ଓ ସରକାର ଚାହୁଁଛନ୍ତି, ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀ



ନିଜେ ସରକାରୀ କାର୍ଯ୍ୟକ୍ରମରେ ସଭାପତି, ଜିଲା ସଭାପତି ଓ କର୍ମୀମାନଙ୍କୁ ବସାଉଛନ୍ତି। ପୂରା ଓଡ଼ିଶାରେ ଏପରି ବାତାବରଣ ସୃଷ୍ଟି ହୋଇଛି। ସରକାରୀ ଅଧିକାରୀଙ୍କୁ ଭାଜପାକରଣ କରିବାକୁ ଶାସକ ଦଳ ଚାହୁଁଛି। ଏଥିରେ ଲୋକମାନେ ନ୍ୟାୟ ପାଇବେ ନାହିଁ। ପୂରା ଓଡ଼ିଶାରେ ସରକାରୀ ଅଧିକାରୀମାନେ ଏବେ ଅପମାନିତ ହୋଇଛନ୍ତି। ସରକାରୀ ଅଧିକାରୀମାନଙ୍କୁ ସରକାର ତୁରନ୍ତ କ୍ଷମା ମାଗନ୍ତୁ । ଭାଜପାର ମଧ୍ୟ ପରାଜିତ ବିଧାୟକ ପ୍ରାର୍ଥୀଙ୍କୁ ତୁରନ୍ତ ଗିରଫ କରାଯାଉ । କିଏ କେଉଁଠିକୁ ଯିବ ସେମାନଙ୍କ ପାଇଁ ସରକାର ଆଡ୍‌ଭାଇଜରି ଜାରି କରନ୍ତୁ ବୋଲି ଭକ୍ତ କହିଛନ୍ତି।

# ଅଧିକାରୀ ବ୍ୟବହାର ଖରାପ କରୁଛନ୍ତି : ଜଗନ୍ନାଥ

ଭୁବନେଶ୍ୱର,୧୭(ରବିନାରାୟଣ ଜେନା)

ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ଭାଜପା ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି, ଗୋଟେହାତରେ କେବେ ବି ତାଳି ବାଜେନି। ସେ ଜଣେ ସରକାରୀ ଅଧିକାରୀ ଭାବେ ସାଧାରଣ ଲୋକଙ୍କୁ ଖରାପ ବ୍ୟବହାର କରିଛନ୍ତି, ଯାହାକୁ ନେଇ ଏପରି ଘଟଣା ଘଟିଛି। ସେ ପୁଣି କହିଛନ୍ତି, ଦୀର୍ଘଦିନ ପରେ ମଧ୍ୟ ସରକାରୀ ଅଧିକାରୀଙ୍କ ବିଜେଡି ପ୍ରୀତି ଛାଡ଼ିନାହିଁ। ଯେଉଁଠି ଜନପ୍ରତିନିଧିମାନଙ୍କୁ ସମ୍ମାନ ଦିଆଯାଉନାହିଁ



ସେଠି ସାଧାରଣ ନାଗରିକଙ୍କ ଉପରେ କ'ଣ ଘଟୁଥିବ ତାହା ସ୍ପଷ୍ଟ ଅନୁମେୟ। ସେ କହିଥିଲେ ଯେ, ଏକ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ମୁଁ ଅତିରିକ୍ତ କମିଶନରଙ୍କୁ ଫୋନ୍ କରିଥିଲି। ସେ ଫୋନ୍‌ରେ ମୋତେ ଅଶାଳୀନ ବ୍ୟବହାର କରିଥିଲେ। ଏହାପରେ ୱାର୍ଡରେ କାମ କରୁଥିବା କର୍ମୀମାନେ ଅତିରିକ୍ତ କମିଶନରଙ୍କୁ ସାକ୍ଷାତ୍ କରି ପଚାରିବାକୁ ଯାଇଥିଲେ। ହେଲେ ଦଳୀୟ କର୍ମୀମାନଙ୍କୁ ଅତିରିକ୍ତ କମିଶନର ଦୁର୍ବ୍ୟବହାର କରିଥିଲେ। ଏହାପରେ ଯେଉଁ ଘଟଣା ଘଟିଛି ତାହା ଦୁଃଖଦାୟକ। ମୋହନ ସରକାର ଏହାକୁ ବରଦାସ୍ତ କରିବେ ନାହିଁ ବୋଲି ଜଗନ୍ନାଥ କହିଛନ୍ତି।

ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ- ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। -ଶ୍ରୀମା



# ପାଣ୍ଠିରୁ ପ୍ରଭାବ

ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ୨୦ ଜାନୁଆରୀ ୨୦୨୫ରେ ଶପଥ ନେବା ପରେ ବିଶ୍ୱ ରାଜନୈତିକ ଓ ରଣନୀତିକ ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ହେବାରେ ଲାଗିଛି। ଟ୍ରମ୍ପଙ୍କ ଦ୍ୱିତୀୟ ପାଳିର ପ୍ରାରମ୍ଭରୁ ବେଆଇନ ଅନୁପ୍ରବେଶକୁ ବିରୋଧ, ଲିଙ୍ଗଗତ ବିଚାରରେ ସମଲିଙ୍ଗୀ ବିରୋଧୀ ନିଷ୍ପତ୍ତି, ସରକାରୀ ଦକ୍ଷତା ବିଭାଗ ଦ୍ୱାରା ନିଯୁକ୍ତି ହ୍ରାସ, ଗର୍ଭପାତ ନିରୋଧୀ ପଦକ୍ଷେପ ସବୁ ତାଙ୍କ ଦୃଢ଼ କାର୍ଯ୍ୟାନ୍ୱୟନ ଶୈଳୀକୁ ସୂଚାଉଛି। ସେ ଶପଥ ନେବାର ୫ ଦିନ ପରେ ଅର୍ଥାତ୍ ଜାନୁଆରୀ ୨୫ରେ କେବଳ ଇସ୍ରାଏଲ ଓ ଇଜିପ୍ଟକୁ ବାଦ୍ ଦେଲେ ୟୁକ୍ରେନ ସମେତ ଅନ୍ୟ ଦେଶଗୁଡ଼ିକୁ ବିଦେଶୀ ସହାୟତା ବନ୍ଦ କରିବାକୁ ଆମେରିକାର ବୈଦେଶିକ ବିଭାଗ ଏକ ଆଭ୍ୟନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଥିଲା। ଏଥିରେ 'ଆମେରିକା ପ୍ରଥମ' ଆଭିମୁଖ୍ୟକୁ ଗୁରୁତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ଆମେରିକା ଦେଉଥିବା ବିଭିନ୍ନ ସହାୟତାର ସମୀକ୍ଷା କରାଯିବା ସହ ଅନ୍ୟ ଦେଶଗୁଡ଼ିକୁ ନୂଆ ପାଣ୍ଠି ଦିଆଯିବ ନାହିଁ କିମ୍ବା ନବୀକରଣ କରାଯିବ ନାହିଁ ବୋଲି ଏଥିରେ ଦର୍ଶାଯାଇଥିଲା। ଏବେ ଅନ୍ତର୍ଜାତୀୟ ସ୍ତରର ବିଜ୍ଞାନ ପତ୍ରିକା 'ଲାନ୍ସେଟ୍' ପକ୍ଷରୁ କୁହାଯାଇଛି ଯେ, ଆମେରିକାର ଅନ୍ତର୍ଜାତୀୟ ବିକାଶ ସଂସ୍ଥା (ୟୁଏସ୍ଏଆଇଡି) ପକ୍ଷରୁ ଅନୁଦାନ ବନ୍ଦ ହୋଇଥିବାରୁ ବିଶ୍ୱର ସଙ୍କଟରେ ଥିବା କୋଟିଏ ୪୦ ଲକ୍ଷ ଲୋକଙ୍କ ଜୀବନ ଯାଇପାରେ, ଯେଉଁଥିରେ ଏହାର ଏକ ତୃତୀୟାଂଶ ହେଉଛନ୍ତି ଛୋଟ ପିଲା। ନିଶ୍ଚିତ ଭାବେ ଏହା ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଉଛି। ଏଥିସହିତ ଟ୍ରମ୍ପ ବିଶ୍ୱରେ ଟାରିଫ୍ ଯୁଦ୍ଧ ଆରମ୍ଭ କରି ନିଜ ଦେଶ ତଥା ବିଶ୍ୱସ୍ତରରେ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରିଛନ୍ତି। କେବଳ ଏତିକି ନୁହେଁ, ଟ୍ରମ୍ପ ଶପଥ ନେବାର ପରଦିନ ଅର୍ଥାତ୍ ୨୧ ଜାନୁଆରୀ ୨୦୨୫ରେ ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ୨୦୧୫ରେ ହୋଇଥିବା ପ୍ୟାରିସ ଚୁକ୍ତିରୁ ଓହରିଯିବା ପାଇଁ ଯୋଗାଣରେ ବାଧା ଉପୁଜାଇଛି। ଏହି ଚୁକ୍ତିରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ କରି ବିଶ୍ୱତାପକୁ ୧.୫ ଡିଗ୍ରୀ ସେଲସିୟସ୍‌ରେ ସୀମିତ ରଖିବା ପାଇଁ ୧୯୬ ଦେଶ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଏହାସହ ବିଶ୍ୱରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ଅନୁଦାନ ବନ୍ଦ କରିବା ନିଷ୍ପତ୍ତି ଦ୍ୱାରା ଗରିବ ଦେଶଗୁଡ଼ିକ ପ୍ରଭାବିତ ହେବାର ଆଶଙ୍କା ବୃଦ୍ଧିପାଇଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଟ୍ରମ୍ପ ଆମେରିକାର ପ୍ରଶାସନିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍‌ସି (ଡିଓଜିଇ) ଭଳି ନୂଆ ବିଭାଗ ସୃଷ୍ଟି କରି ଏହାର ଦାୟିତ୍ୱ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କୁ ଦେଇଥିଲେ। ଉଲ୍ଲେଖନୀୟ ଯେ, ଆଫ୍ରିକାରେ ଜନ୍ମିତ ଆମେରିକୀୟ ଉଦ୍ୟୋଗୀ ମସ୍କ ଇଲେକ୍ଟ୍ରିକ୍ ଗାଡ଼ି ନିର୍ମାତା 'ଟେସ୍‌ଲା' ଏବଂ ଏରୋସ୍ପେସ କମ୍ପାନୀ 'ସ୍ପେସ୍‌ଏକ୍ସ'ର ପ୍ରତିଷ୍ଠାତା ତଥା ସିଇଓ। ତାଙ୍କ ସମଗ୍ର ସମ୍ପତ୍ତିର ମୂଲ୍ୟ ୩୮୧ ବିଲିୟନ ଡଲାର। ଟ୍ରମ୍ପ ତାଙ୍କୁ ଗୁରୁଦାୟିତ୍ୱ ଦେଇଥିଲେ ମଧ୍ୟ କେତେକ ଜନମଙ୍ଗଳକାରୀ ଯୋଜନାକୁ ବନ୍ଦ କରିବା ଉପରେ ନିଷ୍ପତ୍ତି ନିଆଯିବା ପରେ ମସ୍କ ତାଙ୍କ ବିରୋଧୀ ପାଲଟି ଯାଇଥିଲେ। ଟ୍ରମ୍ପ ପ୍ରଶାସନରେ ସରକାରୀ ଦକ୍ଷତା ବିଭାଗର ଦାୟିତ୍ୱ ନେବାର ମାତ୍ର ୧୩୦ ଦିନ ପରେ ମସ୍କ ଓହରିଯାଇଥିଲେ। ଏବେ ନୂଆ ବିଗ୍ ବିଉଟିଫୁଲ ବିଲ୍‌କୁ ନେଇ ସେମାନଙ୍କ ବାକ୍ୟୁଦ୍ଧ ତୀବ୍ର ହୋଇଛି। ଏହି ବିଲ୍ ବିଶେଷକରି ଲୋକଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ ସହାୟତା କମ୍ କରିବା ସହିତ ଜଳବାୟୁ ସୁରକ୍ଷା ପଦକ୍ଷେପକୁ କ୍ଷତି କରିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଏହା ଧନୀମାନଙ୍କ ଟିକସ ହ୍ରାସ କରୁଥିବା ଅଭିଯୋଗ ହେଉଛି। ଅନେକ ରିପବ୍ଲିକାନ୍ ଉକ୍ତ ବିଉଟିଫୁଲ ବିଲ୍‌ରେ କ'ଣ ରହିଛି ତାହା ବିଷୟରେ ଅବଗତ ନାହାନ୍ତି। ତେବେ ମସ୍କ ଅଭିଯୋଗ କରିଛନ୍ତି ଯେ, ଏହି ବିଲ୍ ଦେଶର ଅନାବଶ୍ୟକ ଋଣ ବଢ଼ାଇବ ସହିତ ନିଯୁକ୍ତିକୁ ସଙ୍କୁଚିତ କରିଦେବ। ସିଧାସଳଖ ବିଲ୍‌କୁ ସମାଲୋଚନା କରିଥିବାରୁ ମସ୍କଙ୍କ କମ୍ପାନୀକୁ ଦିଆଯାଉଥିବା ସହାୟତା ବନ୍ଦ କରି ତାଙ୍କୁ ତାଙ୍କ ମୂଳ ଦେଶ ଆଫ୍ରିକାକୁ ପଠାଇ ଦେବାକୁ ଟ୍ରମ୍ପ କହିଛନ୍ତି। ଅପରପକ୍ଷରେ ଟ୍ରମ୍ପଙ୍କ ଧମକରେ ବିଚଳିତ ନ ହୋଇ ମସ୍କ କହିଛନ୍ତି 'ସବୁ ବନ୍ଦ କରିଦିଅ'। ମନେପକାଇ ଦିଆଯାଇପାରେ ଯେ, ଟ୍ରମ୍ପଙ୍କ ପ୍ରଚାରରେ ସେ ସହାୟତା କରି ନ ଥିଲେ ଫଳାଫଳ ବିପରୀତ ହୋଇଥାଆନ୍ତା ବୋଲି ମସ୍କ କହିଥିଲେ। ଏହା କହିଲା ବେଳେ ଅନେକ ସଚେତନ ଅଛନ୍ତି ଯେ, ମସ୍କଙ୍କ ସ୍ୱାର୍ଥ ବିରୋଧୀ ଟ୍ରମ୍ପଙ୍କ ପଦକ୍ଷେପ ଆଜି ଦୁହିଁଙ୍କ ମଧ୍ୟରେ ତିକ୍ତତା ବଢ଼ାଇ ଦେଇଛି।

ଅନ୍ୟପକ୍ଷେ ଆମେରିକା ବିଶ୍ୱସ୍ତରରେ ଯେଉଁଭଳି ଅନେକ କୋଟି ଡଲାର ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଆଦି ସାମାଜିକ ଭିତ୍ତିଭୂମି ଉନ୍ନତି ଏବଂ ବହୁ କ୍ଷେତ୍ରରେ ରାଜନୈତିକ ଦିଗକୁ ଲକ୍ଷ୍ୟ କରି ବିଭିନ୍ନ ଦେଶ ଓ ସଂସ୍ଥାକୁ ଯେଉଁ ପାଣ୍ଠି ଯୋଗାଇ ଆସୁଥିଲା, ତାହାକୁ ସଙ୍କୁଚିତ କଲେ ନା ସେ କେବଳ ଏହାର ଏକ ବିରାଟ ନକାରାତ୍ମକ ପ୍ରଭାବ ସେହିସବୁ ଦେଶଗୁଡ଼ିକ ଉପରେ ପଡ଼ିବ, ତାହା ନୁହେଁ ଆମେରିକାର 'ବିଗ୍ ବ୍ରଦର' ଭାବମୂର୍ତ୍ତିକୁ ମଧ୍ୟ କ୍ଷତି ପହଞ୍ଚାଇବ। ଆମେରିକାର ଆଭ୍ୟନ୍ତରୀଣ ଅର୍ଥନୈତିକ ସ୍ଥିତି ଦୁରବସ୍ଥା ଆଡ଼କୁ ଗତି କରୁଥିବାବେଳେ ସେହି ଦେଶ 'ଆମେରିକା ଫାଷ୍ଟ' ନୀତି ଆପଣାଇବାକୁ ଖୁଣି ହେବ ନାହିଁ। ପ୍ରଥମେ ନିଜ ନାଗରିକଙ୍କ ଉନ୍ନତି ଦେଲେ ହିଁ ଗୋଟେ ରାଷ୍ଟ୍ର ବାହାରକୁ ଦୃଷ୍ଟି ଦେଇପାରିବ। କିନ୍ତୁ ଏହା ଠିକ୍ ହୋଇଥିଲାବେଳେ ଏହା ମଧ୍ୟ ସତ୍ୟ ଯେ, ଆଗକୁ ଆମେରିକା ପାଇଁ ଅନ୍ୟସବୁ ଦେଶର ନୀତିକୁ ପ୍ରଭାବିତ କରିବା ଧୀରେ ଧୀରେ କଷ୍ଟକର ହୋଇଯିବ। ଏଠାରେ ଚାଇନାର ଉଦାହରଣ ଦିଆଯାଇପାରେ। ଏକ ବିରାଟ ସଫଳ ଅର୍ଥ ବ୍ୟବସ୍ଥା ଭାବେ ନିଜକୁ ଗଢ଼ି ତୋଳିଥିବା ଚାଇନା ସେହେତୁ କେବଳ ନିଜ ସ୍ୱାର୍ଥ ଜଗିବାରେ ବ୍ୟସ୍ତଥାଏ, ଅନ୍ତର୍ଜାତୀୟ ମଞ୍ଚରେ ତାହାର ସ୍ୱର କ୍ଷୀଣ। ଆମେରିକାର ଅବସ୍ଥା ଠିକ୍ ସେହି ଆଡ଼କୁ ଗତି କଲା ଭଳି ମନେହେଉଛି। ତା'ହେଲେ ବିଶ୍ୱ ନେତୃତ୍ୱରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବାର ଆଶଙ୍କା ଉପୁଜିବ, ଯାହାକି ଅନ୍ତର୍ଜାତୀୟ ସ୍ତରରେ ସବୁ ଗଣତାନ୍ତ୍ରିକ ଦେଶ ପାଇଁ ବିପଦର ସଙ୍କେତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | 6 | | 8 | | |
| 9 | | 7 | | | | 5 | | |
| | 3 | | | | | 2 | 9 | |
| | | | 4 | | | | | |
| | | 3 | | | | | | |
| 2 | 1 | | 6 | | | 7 | | |
| | 4 | | 2 | 7 | 1 | | | |
| 6 | | 9 | 4 | | | 2 | | |
| | | | 8 | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 5 | 6 | 3 | 7 | 4 | 2 | 9 |
| 2 | 7 | 9 | 5 | 1 | 4 | 8 | 6 | 3 |
| 3 | 6 | 4 | 2 | 9 | 8 | 7 | 5 | 1 |
| 5 | 4 | 2 | 3 | 8 | 1 | 9 | 7 | 6 |
| 1 | 9 | 7 | 4 | 6 | 2 | 5 | 3 | 8 |
| 6 | 8 | 3 | 7 | 5 | 9 | 1 | 4 | 2 |
| 9 | 5 | 6 | 1 | 7 | 3 | 2 | 8 | 4 |
| 7 | 2 | 1 | 8 | 4 | 6 | 3 | 9 | 5 |
| 4 | 3 | 8 | 9 | 2 | 5 | 6 | 1 | 7 |

ଗତକାଲିର ଉତ୍ତର



# ପ୍ରଶାସନ ଚକ୍ରବ୍ୟୂହରେ ଭିଜିଲାନ୍ସ ମାମଲା

ହରିଶଙ୍କର ମିଶ୍ର

ଗତ ମେ'ମାସର ଅନ୍ତିମ ୨ ଦିନରେ ୨ଜଣ ଯନ୍ତ୍ରୀଙ୍କ ଅମାପ ସମ୍ପତ୍ତି ଠାବକରିବା ଭିଜିଲାନ୍ସ ବିଭାଗର ସ୍ୱାଗତଯୋଗ୍ୟ ପଦକ୍ଷେପ। ମେ ୩୦ରେ ଭିଜିଲାନ୍ସ ପଞ୍ଜାରେ ପଡ଼ିଥିଲେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ଏବଂ ମାସର ଶେଷ ତାରିଖରେ ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ। ସଂଯୋଗବଶତଃ ଉଭୟଙ୍କର ଚାକିରିରୁ ଅବସର ତାରିଖ ଥିଲା ମେ ୩୧। ଜଣେ ଉଚ୍ଚପଦସ୍ଥ ଯନ୍ତ୍ରୀ ଅବସର ନେବାର ପୂର୍ବଦିନ ଓ ଅନ୍ୟ ଜଣେ ଯନ୍ତ୍ରୀ ଅବସର ନେବା ଦିନ ଭିଜିଲାନ୍ସ କବଳିତ ହେବା, ପୂର୍ବ ସରକାରଙ୍କ ବହୁ ପ୍ରଚାରିତ ସ୍ୱଚ୍ଛ ପ୍ରଶାସନ ଓ ଶୂନ୍ୟ ସହନଶୀଳତା ପ୍ରତି ଆଙ୍ଗୁଠି ନିର୍ଦ୍ଦେଶ କରୁଛି। ଅପରପକ୍ଷରେ ଯେଉଁଦିନ ଯନ୍ତ୍ରୀଦ୍ୱୟ କାର୍ଯ୍ୟାଳୟ ସହଯୋଗୀ ବିଦାୟ ନେଇଥାନ୍ତେ ସେଇଦିନ ଜେଲକୁ ପ୍ରେରିତହେବା ଭାଗ୍ୟ ନୁହେଁ ବରଂ କର୍ମଫଳକୁ ହିଁ ସାବ୍ୟସ୍ତ କରୁଛି। ମେ' ମାସ ସେଇ ୨ ଜଣ ଯନ୍ତ୍ରୀଙ୍କ ଚାକିରିର ଅନ୍ତିମ ମାସ ଥିବାରୁ ସ୍ୱାଭାବିକଭାବେ ସମସ୍ତ ବାକିଆ କମିଶନ ଆଦାୟ ସହ ଅନେକ ମିଥ୍ୟା ବିଲ୍ ନିଶ୍ଚିତ ହୋଇଥିବ। ଅବଶ୍ୟ ରାଜ୍ୟରେ ନୂଆ ସରକାର ଦାୟିତ୍ୱ ନେବା ପରଠାରୁ ୨୦୨୫ର ପ୍ରଥମ ୫ମାସ ମଧ୍ୟରେ ୨୦ରୁ ଅଧିକ ଭିଜିଲାନ୍ସ ମାମଲା ହୋଇ ଅନେକ ଆୟ ବହିର୍ଭୂତ ସମ୍ପତ୍ତି ଠାବହୋଇଛି। ମାତ୍ର ଏଇ ସଂଖ୍ୟା କେବେ ବି ସନ୍ତୋଷଜନକ ନୁହେଁ। କାରଣ ଏବେ ରାଜ୍ୟର ସମସ୍ତ ବିଭାଗ ସହ ଅଣୀ ଶତାଂଶ କର୍ମଚାରୀ ଦୁର୍ନୀତିରେ ଉବୁଟୁବୁ ହେଉଛନ୍ତି। ନିକଟ ଅତୀତରେ ଧର୍ମଗଡ଼ ଉପଜିଲାପାଳ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ପଞ୍ଝାକୁ ଆସିବା ପରେ ରାଜ୍ୟରେ ଦୁର୍ନୀତି କିଭଳି କାୟା ବିସ୍ତାର କରିସାରିଛି ତାହା ଅନୁମେୟ। ଚାକିରିର ପ୍ରଥମ ପାହାଚରେ ଏଭଳି ଚରିତ୍ର ବିଷୟ ଯେ କେବଳ ଟଙ୍କା ତାହା ନୁହେଁ। ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଶାସନର ମୂଳରୁ ଶୀର୍ଷ ପର୍ଯ୍ୟନ୍ତ ଏବେ ବି ନିଶ୍ଚିନ୍ତ ଅଛନ୍ତି। କିନ୍ତୁ ସେମାନଙ୍କୁ ଭିଜିଲାନ୍ସ ଧରିପାରୁ ନ ଥିବାର କାରଣ ଅନାଲୋଚିତ ହେଲେ ବି ତନ୍ଦ୍ରଧରୁ ପାରସ୍ପରିକ ଦାସ୍ତରିକ ସହଯୋଗ ଏବଂ ଉପର ସ୍ତରର ଚାପ ଭଳି ଅନେକ ଲୁକ୍କାୟିତ କାରଣ ରହିଛି।

ଭିଜିଲାନ୍ସ ମାମଲାରେ ଏଯାବତ୍ ଯେଉଁମାନେ ଛନ୍ଦିହୋଇଛନ୍ତି ସେମାନଙ୍କର ଏକାଧିକ ଘର, ଗାଡ଼ି, ଜାଗା ସହ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତି ଓ ସୁନା ଠାବ ହୋଇଛି। ଦୁର୍ନୀତିରେ ଅର୍ଜିତ ଆୟ ଗୋପନ ସହ ଭବିଷ୍ୟତ ଲାଭ ପାଇଁ ତାହା ଏବେ ପ୍ରକୃଷ୍ଟ ମାଧ୍ୟମ ହୋଇଛି। ଏପରିକି ନିର୍ଦ୍ଦିଷ୍ଟ ରୋଜଗାର ନ ଥିବା ସେମାନଙ୍କ ସ୍ତ୍ରୀ,ପରିବାର ସଭ୍ୟଙ୍କ ନାମରେ ଏକାଧିକ ବାସୋପଯୋଗୀ ବା ବ୍ୟବସାୟିକ ଜମି ଥିବା ସୂଚନା ମିଳୁଛି। ସେମାନଙ୍କୁ ମଧ୍ୟ ତଦନ୍ତ ଗିରଫ କରାଯିବା ସହ ଖରିଦ ସମସ୍ତ ସମ୍ପତ୍ତିର ବଜାର ଦରରେ ମୂଲ୍ୟାୟନ



କରାଗଲେ ବିକ୍ରେତା ଅଧିକ ମୂଲ୍ୟରେ ବିକ୍ରିକରି କମ୍ ମୂଲ୍ୟ ଦର୍ଶାଇ ରାଜସ୍ୱ କ୍ଷତି ପାଇଁ ଅଭିଯୁକ୍ତ ହୋଇପାରିବେ। ୧୯୯୦ ପର୍ଯ୍ୟନ୍ତ ଅଧିକାଂଶ ସରକାରୀ କର୍ମଚାରୀ ବା ଅଧିକାରୀ ନିଜ ଜାଗା କେବଳ ସରକାରୀ ଋଣରେ କିଣୁଥିଲେ। ଏବେ କିନ୍ତୁ କଳାଧନ ଅଧିକ ଯୋଗୁ ଜାଗା, ସୁନା ସହ ବିଭିନ୍ନ ଲାଭଜନକ ସଂସ୍ଥାରେ ଅର୍ଥ ବିନିଯୋଗ କରୁଛନ୍ତି।

ଏହା ସତ୍ୟ ଯେ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ବା କର୍ମଚାରୀ ଭିଜିଲାନ୍ସ ମାମଲାରେ ଛନ୍ଦିହେବା ପରେ ପ୍ରାଥମିକ ଅବସ୍ଥାରେ ଯେତିକି ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥାଏ ତଦନ୍ତ ପରେ ତାହାର ପରିମାଣ ବହୁ ଗୁଣରେ ବଢ଼ିଥାଏ। ଦୀର୍ଘ ତଦନ୍ତ ଓ ବିବିଧ କାରଣରୁ କୋର୍ଟରେ ଅଭିଯୋଗ ପତ୍ର ଦାଖଲରେ ବିଳମ୍ବ ହୁଏ। ଏତଦ୍‌ବ୍ୟତୀତ ଆମର ବିଚାର ବ୍ୟବସ୍ଥା ଏତେ ମନ୍ଥର ଯେ ଅପରାଧୀ ବିରୋଧରେ ନବେ ଶତାଂଶ ପ୍ରମାଣ ସତ୍ତ୍ୱେ ଦଶ ଶତାଂଶ ଅସଙ୍ଗତ ତଥ୍ୟକୁ ଗୁରୁତ୍ୱ ଦିଆଯାଏ। ତାହା ପୁଣି ସାକ୍ଷୀଙ୍କ ବୟାନ ବଦଳ, ସରକାରୀ ଓକିଲଙ୍କ ଅବହେଳା ସହ ଯଥାର୍ଥ କାଗଜାଦି ଠିକ୍ ସମୟରେ ଉପସ୍ଥାପନ ନ ହେବା ନଡ଼ୁଆ ରହିଥିବା ଆଇନର ଗଳାବାଟ ମାଧ୍ୟମରେ। ବାଦୀ ଓ ବିବାଦୀ ଅନେକ ସମୟରେ ମଧ୍ୟ ମାମଲାକୁ ଦୁର୍ବଳକରେ। ଫଳତଃ ଅନେକ ମାମଲା ଅଭିଯୁକ୍ତଙ୍କ ସପକ୍ଷରେ ଯାଉଥାଏ ବା ବିଚାର ଶେଷ ବେଳକୁ ଅଭିଯୁକ୍ତ ସଂସାର ତ୍ୟାଗ କରିଥାଏ।

ଅନ୍ୟପକ୍ଷରେ ଆମର ପ୍ରଚଳିତ ବିଧି ବ୍ୟବସ୍ଥାରେ ଭିଜିଲାନ୍ସ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସ୍ୱାଧୀନ ସଂସ୍ଥା ନୁହେଁ ବରଂ ସରକାରୀ ନିୟନ୍ତ୍ରଣାଧୀନ। ସେଥିପାଇଁ କୌଣସି 'କ' ବର୍ଗର ଅଧିକାରୀଙ୍କ ନାମରେ ମାମଲା ପାଇଁ ସରକାରଙ୍କ ପୂର୍ବାନୁମତି ଆବଶ୍ୟକ। ବିଗତ ସରକାରଙ୍କ ସମୟରେ ଭିଜିଲାନ୍ସ ବିଭାଗର ୨ଶହରୁ ଅଧିକ ଆବେଦନପତ୍ର ମଞ୍ଜୁର ପାଇଁ ଯାଇଥିଲା, ଯାହାକୁ ନୂଆ ସରକାର ମଞ୍ଜୁରୀ ଦେବାରେ କୌଣସି ପ୍ରତିବନ୍ଧକ ନ ଥିଲା। କିନ୍ତୁ ଦାପ୍ତରିକ ଓ ପାରସ୍ପରିକ ସହଯୋଗ ଭିତ୍ତିରେ ସେଥିରୁ ଅନେକ ମାମଲା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ସୀମିତ ରହିଲା। ସେଥିରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ମଧ୍ୟ ସାର୍ବଜନୀନ ହେଉନାହିଁ।

ସରକାର ଆଇନର ତ୍ରୁଟିପୂର୍ଣ୍ଣ ତର୍ଜମାକରି ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କୁ ସହାୟତା କରିପାରନ୍ତି ତାହା ଅର୍ଥ ବିଭାଗର ବିଜ୍ଞପ୍ତି ନଂ. ୧୦୬୨୮ ତା୨୯।୩।୨୦୨୫ରୁ ସ୍ପଷ୍ଟ କରୁଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ କୌଣସି ସରକାରୀ ଅଧିକାରୀ ଅବସର ନେବା ଦିନ ଯଦି କୌଣସି ଭିଜିଲାନ୍ସ ମାମଲା ବିଚାରପତିଙ୍କ ଦ୍ୱାରା ଗୃହୀତ ହୋଇ ନ ଥାଏ ତେବେ ତାଙ୍କର ସମସ୍ତ ଅବସରକାଳୀନ ଅର୍ଥ ମଞ୍ଜୁର କରାଯିବ। ତେଣୁ ମେ ମାସ ଶେଷ ୨ଦିନ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିବା ଯନ୍ତ୍ରୀ ଦ୍ୱୟ ଅବସର ଦିନ କୋର୍ଟରେ ମାମଲା ନ ଥିବାରୁ ସମସ୍ତ ଅବସରକାଳୀନ ପ୍ରାପ୍ୟ କଡ଼ାଗଣ୍ଡାରେ ପାଇବେ। ମାମଲା ବିଚାର ପରେ ସେମାନେ ଦୋଷୀ ସାବ୍ୟସ୍ତ ହେଲେ ସେହିଦିନଠାରୁ ପେନ୍‌ସନର ମାତ୍ର ୨୫ ଶତାଂଶ ସରକାର ପ୍ରତ୍ୟାହାର କରିପାରିବେ। ତତ୍କାଳୀନ ମୁଦ୍ରାସ୍ଫୀତିରେ ତାହା ନଗଣ୍ୟ ଥିବ। ଏଯାବତ୍ ଅନେକ ପ୍ରାପ୍ୟ ମଧ୍ୟ ଆଇନ ବିଭାଗର ଗୋଟିଏ ସ୍ପଷ୍ଟୀକରଣ ମାଧ୍ୟମରେ ମାମଲାରେ ଜଡ଼ିତ ଅନେକଙ୍କୁ ଦିଆଯାଇ ସାରିଛି। ଭବିଷ୍ୟତରେ ଦିଆଯିବ ମଧ୍ୟ। ସରକାର ଏଥିରେ ଅବଗତ ଅଛନ୍ତି କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ରାଜ୍ୟ ସେବା ସଂହିତାରେ ସ୍ପଷ୍ଟ ଲିଖିତ ଅଛି ଯେ କୌଣସି ଅଧିକାରୀ ବା କର୍ମଚାରୀ ଫୌଜଦାରି ମାମଲାରେ ସଂଶ୍ଳିଷ୍ଟ ହୋଇ ୪୮ ଘଣ୍ଟାରୁ ଅଧିକ ପୋଲିସ ବା ଜେଲ ହାଜତରେ ରହିଲେ କାର୍ଯ୍ୟରୁ ନିଲମ୍ବିତ ହେବେ ଏବଂ ତାଙ୍କ ନାମରେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ। ଭିଜିଲାନ୍ସ ମାମଲା ଫୌଜଦାରି ଦଫାରେ ହୁଏ। ମାମଲାର ନିଷ୍ପତ୍ତି ଅନୁଯାୟୀ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ବିଚାର କରାଯିବ। ଏବେ ନିୟମରେ କିଛି ମାସ ପରେ ଆଦେଶ ପ୍ରତ୍ୟାହୃତ ହୋଇ ସେମାନଙ୍କ ନିଯୁକ୍ତି ଦିଆଯାଉଛି। ଫଳତଃ ସେମାନେ ପ୍ରମାଣ ନଷ୍ଟ ପାଇଁ ସୁଯୋଗ ପାଉଛନ୍ତି। ଯଦି ସମ୍ପୃକ୍ତ ବ୍ୟକ୍ତି ମାମଲା ବିଚାର ପୂର୍ବରୁ ଅବସର ନେଉଥାନ୍ତି ତେବେ ଅବସର ଦିନ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶେଷ ହେବାର ନିୟମ ରହିଛି। ସେତେବେଳେ ମାମଲା ବିଚାର ଶେଷ ପର୍ଯ୍ୟନ୍ତ ତାଙ୍କର ଅବସରକାଳୀନ ପ୍ରାପ୍ୟ ବନ୍ଦ ରଖାଯିବାରେ କୌଣସି ପ୍ରତିବନ୍ଧକ ନାହିଁ। ମାତ୍ର ଦୁର୍ନୀତିକୁ ମୂଳୋତ୍ପାଟନ ପରିବର୍ତ୍ତେ ପୂର୍ବେ ବିଜ୍ଞପ୍ତି ଯେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପାଇଁ ରକ୍ଷାକବଚ ଏବଂ ଭିଜିଲାନ୍ସ ମାମଲାର ତଦନ୍ତ ଏକ ଦୀର୍ଘମିଆଦୀ କାର୍ଯ୍ୟ ତାହା ବୋଧହୁଏ ସରକାର ଅବଗତ ନୁହନ୍ତି। ନୂତନ ସରକାର ଯଦି ଶୂନ୍ୟ ସହନଶୀଳତାକୁ ଗୁରୁତ୍ୱ ଦେବାକୁ ଅଙ୍ଗୀକାରବଦ୍ଧ ତେବେ ଉପରୋକ୍ତ ବିଜ୍ଞପ୍ତି ପଛର ଦାପ୍ତରିକ ଅଭିସନ୍ଧି ଅନୁଧ୍ୟାନକରି ସରକାରୀ ଅଧିକାରୀ ବା କର୍ମଚାରୀଙ୍କ ପାଇଁ କଠୋର ନିୟନ୍ତ୍ରିତ ଆଇନ ପ୍ରଣୟନ କରନ୍ତୁ। ଭିଜିଲାନ୍ସ ବିଭାଗକୁ ଅଧିକ ସକ୍ରିୟ ଓ ସମୟ ଭିତ୍ତିକ ବିଚାର ପାଇଁ ପଦକ୍ଷେପ ନେବା ସହ ମାମଲାରେ ସରକାର ହାରିଗଲେ ଉଚ୍ଚତର ଦାୟିତ୍ୱ ନ୍ୟସ୍ତ କରିବା ପାଇଁ ଦୃଢ଼ ପଦକ୍ଷେପ ଜରୁରୀ ମନେହୁଏ।

ଗୁଣ୍ଡିଚା ବିହାର, ପୁରୀ
ମୋ: ୭୭୮୮୫୪୬୩



# ମୁକ୍ତିର ଖେଦ

ଡ. ଦ୍ୱିତୀଚନ୍ଦ୍ର ସାହୁ

ନିକଟରେ ଜଣେ ସରକାରୀ ଚାକିରିଆ ଅବସର ନେବେ। ତାଙ୍କ ସହ ଭେଟ ହେଲା ବଜାରରେ। ସମ୍ମାନ ଜଣାଇ କୁଶଳ ଜିଜ୍ଞାସା କଲି। ପଚାରିଲି- 'ଆଉ କେବେ ରିଟାୟର୍ଡ ସାର୍?' ଉତ୍ତର ଦେଲେ- 'ଆଉ ଦି ମାସ ରହିଲା ଆଜ୍ଞା! ତା 'ପରେ ମୁକ୍ତି। ଆଜିକାଲି ଚାକିରିର ଯେଉଁ ପ୍ରେସର କାମକରିବା ବା ମୁଣ୍ଡଖାଲ ତୁଣ୍ଡରେ ପଶିଲେ ଘରକୁ ମୁଠେ ଦାନା ମିଳିବ'। ସରକାରୀ ଚାକିରିରେ ବେତନ ମିଳିବା ଥୟ। ଆଜି ନ ମିଳିଲେ ବି କାଲି ମିଳିବ। ଏଇ ସମ୍ଭାବନା ଥାଏ। ବାକି ଘରୋଇ ଚାକିରିର ସ୍ଥିରତା ନାହିଁ। ଆଜି ହଁ କାଲି ନାହିଁ। ଏମିତି କିଛି ଥିଲା ସ୍ଥିତି। ଏବେ ଆବଶ୍ୟକ କର୍ପୋରେଟ ଜଗତରେ ଚାକିରି କଲେ ମୋଟା ଅଙ୍କର ଦରମା ସହ ଅନେକ ସୁବିଧା ସୁଯୋଗ ମିଳୁଛି। ଅନେକ ବାପାମାଆଙ୍କ ଆଗ୍ରହ ବଢ଼ୁଛି ଏଇ ଏମ୍‌ଏନ୍‌ସି କମ୍ପାନୀର ଚାକିରି ପାଇଁ। ପୁଅଝିଅଙ୍କୁ ଏଥିରେ ମିଳିଲେ ଗର୍ବରେ ଛାତି ଫୁଲାଇ କହନ୍ତି, ବର୍ଷକୁ ଏତିକି ପ୍ୟାକେଜରେ ଗଲା ମୋ ପୁଅ ମଝିଅ। ଯଦିଓ କାର୍ଯ୍ୟର ଚାପରେ ନୟାନ୍ତ ହୋଇଯାଆନ୍ତି ସେମାନେ। ତଥାପି ଗୋଟେ ମୋହ ରହିଛି ସମସ୍ତଙ୍କର ସେଇ ଚାକିରି ପ୍ରତି।

ଏସବୁ ସତ୍ତ୍ୱେ ସାଧାରଣରେ ସରକାରୀ ଚାକିରି ପ୍ରତି ଆବେଗ ଅଧିକ। ଅନେକ ଲକ୍ଷ ମେଧାବୀ ପିଲା ହାଙ୍ଗରଣିତି ସରକାରୀ ଚାକିରି ଜୀବନକୁ ବାଜି ଲଗାଇ ଦେଉଛନ୍ତି। ସାଧାରଣରେ ଧାରଣା ଯେ ସରକାରୀ ଚାକିରି ମିଳିଗଲେ ଯାହା କିଛି ସମ୍ଭବ। ନିୟମିତ ଦରମା। ଅନେକ ପଦବୀରେ ଉପରି ଲାଭ। ଯାବତୀୟ ଦୁର୍ନୀତି କରିବି ବଞ୍ଚିଯାଇହେବ। ନିଜ ପରିବାରର ବାକି ସଦସ୍ୟସଦସ୍ୟାଙ୍କୁ ବି କେଉଁଠି କେମିତି ଥଇଥାନ କରିହେବ। ତଥାପି ଏବେ ଚାକିରିଆମାନେ ଅବସର ନେବା ପାଇଁ ବ୍ୟାକୁଳ ବୋଲି ପ୍ରତୀୟମାନ ହୁଏ। ଏବେ ଜଣେ ସରକାରୀ କର୍ମଚାରୀଙ୍କ ଉପରେ ଅନେକ ଲୋକଙ୍କ ଚାପ। ଅଯଥା ରାଜନୈତିକ ହସ୍ତକ୍ଷେପ। ନିଯୁକ୍ତି ଅଭାବରୁ ଅତିରିକ୍ତ କାମର ବୋଝ ଇତ୍ୟାଦି ସରକାରୀ ଚାକିରିଆମାନେ ଏଇସବୁଧନ୍ଦାରୁ ଶୀଘ୍ର ମୁକ୍ତି ଚାହୁଁଥାନ୍ତି ବୋଲି ଅନ୍ୟମାନଙ୍କ ଭଳି ଧାରଣାଟି ମୋର ବି ରହିଥିଲା। କିନ୍ତୁ କିଛି ଅବସର ପରବର୍ତ୍ତୀ ଜୀବନ ବିତାଉଥିବା ଚାକିରିଆଙ୍କୁ ଭେଟହେବା ପରେ ଧାରଣା ବଦଳିଗଲା। ଅନେକ ଚାକିରିଆ ଅବସର ପରେ ନିଜ ପରିବାରିକ ଜୀବନ ଭିତରେ ଶାନ୍ତିରେ ଅଛନ୍ତି। ସେମାନଙ୍କୁ ଅଧିକ ଆଶା ନାହିଁ ଯାହା ଜୀବନବ୍ୟାପି ରୋଜଗାର କରିଛନ୍ତି ସେତିକିରେ ବାକିଜୀବନ ଚଳି ହେବ ବୋଲି ଧରିନେଇଛନ୍ତି। ତେବେ ଅଧିକାଂଶ ଚାକିରିଆ ଅବସର ପରେ ବିଷାଦରେ ଅଛନ୍ତି। ଏହାର ପ୍ରମୁଖ କାରଣ ହେଲା ବସିବସି ଦିନ ବିତାଇବା ଭାରି କଷ୍ଟ ହୋଇପଡ଼ୁଛି ସେମାନଙ୍କ ପାଇଁ। ଚାକିରି ସମୟରେ ଅଫିସରେ ବିଳମ୍ବରେ ପହଞ୍ଚିବା ପାଇଁ ନାନା ବାହାନା ଦେଖାଉଥିବା କର୍ମଚାରୀ ଏବେ ଘରେ ରହିଲେ ମନ ମାନୁନି। କେମିତି ବିଚିତ୍ର ଦିନ ଚିନ୍ତାକରି ମାନସିକ ଚାପଗ୍ରସ୍ତ ହେଉଛନ୍ତି।



ପାରିବାରିକ ତାଡ଼ନା ଆହୁରି ସେମାନଙ୍କ ଜୀବନକୁ ବହୁ ଦୟନୀୟ କରିଦେଇଛି। କେତେକ ବିଭିନ୍ନ ଘରୋଇ ତଥା ସରକାରୀ କର୍ମରେ ଅସ୍ଥାୟୀଭାବେ ନିୟୋଜିତହୋଇ ରୋଜଗାର କରୁଛନ୍ତି ବସିଖାଇବା ଅପେକ୍ଷା ଖଟିଖାଇବାକୁ ଶ୍ରେୟ ବୋଲି ବିଚାରି ନୂଆକାମରେ ଯୋଗଦାନ କରୁଛନ୍ତି ଏମାନେ। ପାରିବାରିକ ଦାୟରେ ଘରର ଅଶାନ୍ତିରୁ ମୁକ୍ତି ଲାଗି ବାହାରେ ଏମିତି କାମକରି ଦିନ ବିତେଇବାକୁ ଆଉ କିଛି ଉଚିତ ବୋଲି ଧରିନେଇଛନ୍ତି। ଆଉ ଥୋକେ ଅର୍ଥ ଆଶାରେ ଶରୀର କଷ୍ଟ ସତ୍ତ୍ୱେ ଅଧିକ ରୋଜଗାର ପାଇଁ ହନହନ ହେଉଛନ୍ତି। ଏମିତି କିଛି ଅବସର କର୍ମଚାରୀଙ୍କ ମତହେଲା- ଅବସର ନେବାକୁ ସିନା ଖୁସି ଲାଗୁଥିଲା। କିନ୍ତୁ ଅବସର ପରେ ଜୀବନ ବିଷମୟ ଲାଗିଲା। ଅଫିସ୍ ଟାଇମରେ ଘରୁ ବାହାରିଯିବା, ଅଫିସରେ କାମକରି ବହୁ ଲୋକଙ୍କ ସହ ଭେଟହେଇ ଦିନ ବିତେଇବାରେ ଜୀବନର ଗୋଟେ ସ୍ୱାଦ ଥିଲା। ଅବସର ପରେ ଅଫିସ ଯିବା ବନ୍ଦ। ଲୋକଙ୍କ ସହ ଭେଟିବା ସମ୍ଭବ ହେଉନାହିଁ। ସାମାଜିକ ସମ୍ପର୍କ କମ୍ ରହୁଥିବାରୁ ଏକାକୀ ଦିନ ଦିନ ଧରି ଘରେ ଭିଡ଼ି ପାଖରେ ବସିରହିବା କାଳେ ଭାରି ଯନ୍ତ୍ରଣାଦାୟକ ହେଉଛି। ନିକଟରେ ବ୍ୟାଙ୍କ ଚାକିରିରୁ ଅବସର ନେଇଥିବା ମିଶ୍ର ସାର୍ ସକାଳୁଆ ବୁଲା କ୍ରମରେ କହିଲେ-ଜାତୀୟକରଣ ବ୍ୟାଙ୍କରୁ ଅବସର ନେଇଥିବା ଅଧିକାରୀଙ୍କ ନେଇ ଏକ ବିଦାୟୀ ସଭା ହୁଏ। ସେଥିରେ କାଉନସିଲର ଆସି ମହତ୍ତ୍ୱପୂର୍ଣ୍ଣ ଅଭିମାନ କୁହନ୍ତି। ସେହି କାଉନସିଲର ସମସ୍ତଙ୍କୁ ଗୋଟିଏ ପ୍ରଶ୍ନ ପଚାରିଥିଲେ - 'ଏବେ ଆପଣମାନେ କେମିତି ସମୟ ବିତେଇବେ?' ଉପସ୍ଥିତ କର୍ମଚାରୀମାନେ ଭିନ୍ନ ଭିନ୍ନ କଥା ରଖିଲେ। ସେଥିରେ କିଛି ଆଶାର ଝଲକ ଥିଲା ବେଶି ନିରାଶାର କଳାବାଦଲ ଥିଲା। ସମାନ ପ୍ରଶ୍ନ ମିଶ୍ର ସାର୍‌ଙ୍କୁ ପଚାରିବାରେ ସେ କହିଲେ -'ଏବେ ବାସ୍ତବରେ ମୁଁ ମୋ ପରି ବଞ୍ଚିବାକୁ ଚାହିଁବି'। ଏଇ ଉତ୍ତରରେ କାଉନସିଲର କାଳେ ହର୍ଷ ଗଦଗଦ ହୋଇଗଲେ। ସମସ୍ତଙ୍କୁ ମିଶ୍ରସାର୍‌ଙ୍କ ଉଦାହରଣ ଦେଲେ। କିନ୍ତୁ ଏବେ ଅବସର ପରର ଜୀବନ କେଉଁ କାହିଁକି ? ମୁକ୍ତିରେ ବି ଖେଦ ବିଷୟ କରୁଛି ନିଶ୍ଚିତ। ଆମେ ଜାଣୁ ମୁକ୍ତିରେ ଆନନ୍ଦ ଥାଏ। ପଞ୍ଜୁରି ଭିତର ପକ୍ଷୀ କିମ୍ବା ଖୁଣ୍ଟରେ ବନ୍ଧା ପଶୁକୁ ମୁକ୍ତ କରିବା କ୍ଷଣି ମହା ଆନନ୍ଦରେ ଆଗେଇଚାଲେ। ସେଇପୁ ଅବସର ପରେ ସ୍ୱଚ୍ଛନ୍ଦରେ ବିନା ଚାପରେ ବଞ୍ଚିବାର ସୁଯୋଗ ଥାଏ। ନିଜକୁ ନିଜ ପରି ଜିଇଁବାର ଅବସର ଦିଏ। ବିଭିନ୍ନ ସ୍ଥାନ ବୁଲିବା ଏବଂ ଜୀବନର ଭିନ୍ନ ସ୍ୱପ୍ନ ସବୁକୁ ପୂରଣକରିବା ଲାଗି ପର୍ଯ୍ୟାପ୍ତ ସମୟ ମିଳେ। ଏସବୁ ଯଦି କରୁନାହାନ୍ତି ତେବେ ଦୀର୍ଘଜୀବନର ଅନୁଭୂତିକୁ ନେଇ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତୁ, ଦେଖିବେ ସମୟ ନିଅଣ୍ଟ ପଡ଼ିବ ଏବଂ ଅବସର ପରବର୍ତ୍ତୀ ଜୀବନ କର୍ମମୟ ଜୀବନଠାରୁ ଆହୁରି ଅଧିକ ତୃପ୍ତିପୂର୍ଣ୍ଣବୋଧ ହେବ। ଶାନ୍ତିରେ ବଞ୍ଚିବାକୁ ଜୀବନ ଅପାର ସୁଯୋଗ ଦେବ!

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୦୯୦୬୭୧

## ଏଇ ଭାରତରେ

ଜାତିସଂଘ ତଥ୍ୟ ଅନୁଯାୟୀ, ଭାରତ ଏବେ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ଭାବେ ଚାଇନାକୁ ଟପିଗଲାଣି। ଏହାର ଲୋକସଂଖ୍ୟା ୧୪୬ କୋଟିରୁ ଅଧିକ ବୋଲି କୁହାଯାଉଛି। ଏମାନଙ୍କ ମଧ୍ୟରୁ ଅନେକ କୋଟି ଲୋକ କ୍ଷୁଧାର ଶିକାର ହେଉଛନ୍ତି। ଦିନକୁ ଦୁଇଓଳି ଠିକ୍ ଭାବେ ଖାଇବାକୁ ପାଉନାହାନ୍ତି। ଅନେକେ ମଧ୍ୟ ରାସ୍ତାକଡ଼ରେ ପଡ଼ି ରହୁଛନ୍ତି। ଏଭଳି ସ୍ଥିତିରେ ନିକଟରୁ ଦେଖିଥିବା ବେଙ୍ଗାଲୁରୁ ସହରର ବିଶାଲ ପଟେଲ ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇଆସିଛନ୍ତି। ପ୍ରତିଦିନ ବିଭିନ୍ନ ସ୍ଥାନକୁ ଯାଇ ସେ ଲୋକଙ୍କୁ ଖାଦ୍ୟ ଏବଂ ପୋଷାକ ଦେଉଛନ୍ତି। ୨୭ ବର୍ଷୀୟ ବିଶାଲ ପେସାରେ ଜଣେ ଇଞ୍ଜିନିୟର। ସେ ଚାକିରି ସହ ଏହି କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେ ୧୩୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଟିମ୍ ଗଠନ କରିଛନ୍ତି। ବିଶାଲ ଓ ତାଙ୍କ ଟିମ୍ ପ୍ରତିଦିନ ବାଇକ୍‌ରେ ଖାଦ୍ୟପଦାର୍ଥ ନେଇ ଲୋକଙ୍କୁ ଦେଉଛନ୍ତି। କେବଳ ଏତିକି ନୁହେଁ, ଏହି ଟିମ୍ ମଧ୍ୟ ରକ୍ତଦାନ ଶିବିର ଆୟୋଜନ କରୁଛି। ଅବହେଳିତ ଅବସ୍ଥାରେ ଥିବା ସ୍କୁଲଗୁଡ଼ିକର ମରାମତି କରୁଛନ୍ତି। ବର୍ଷାଦିନେ ଛେଲିଅନ ଏବଂ ଶୀତଦିନେ ଲୋକଙ୍କୁ କମ୍ବଳ ଯୋଗାଇ ଦେଉଥାନ୍ତି ବିଶାଲ କୁହନ୍ତି, ଅସହାୟ ଲୋକଙ୍କ ସେବାରେ ଶ୍ରମ ଓ ସମୟ ଦେଇ ସେମାନଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିପାରିବ।

## ୫୦ ବର୍ଷ ତଳର ଧରିତ୍ରୀ

୨ ଜୁଲାଇ ୧୯୭୫

- ମିଶ୍ର ସରକାରଙ୍କ ବିରୋଧରେ ପ୍ରଚାର ଅଭିଯାନ ଚଳାଉଥିବା ଅଭିଯୋଗରେ ମିଶ୍ରରେ ଥିବା ଲିବ୍ୟାର ରାଷ୍ଟ୍ରଦୂତ ବହିଷ୍କୃତ।
- କୌଣସି ପ୍ରକାରର ଆଣବିକ ଅସ୍ତ୍ରର ବ୍ୟବହାର କରାଗଲେ, ତାହା ବନ୍ଦ କରିବା ପାଇଁ ଫ୍ରାନ୍ସ ଓ ରୁଷ ମଧ୍ୟରେ ଏକ ରାଜିନାମା ହୋଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାକଡ଼ ଖାଦ୍ୟ ଉପରେ ଦୃଷ୍ଟିପଡୁ

ମହାଶୟ,

ଭୁବନେଶ୍ୱରରେ ବର୍ତ୍ତମାନ ଡାଇରିଆ ଏବଂ ଜଣ୍ଡିସ୍ ଭଳି ମାରାତ୍ମକ ରୋଗ ବ୍ୟାପିଲାଣି। ବର୍ଷାଦିନ ଆରମ୍ଭ ହୋଇଯାଇଛି। ଦୂଷିତପାଣି ଯୋଗୁ ମଧ୍ୟ ରୋଗ ସମ୍ଭାବନା ବେଶି। ସନ୍ଧ୍ୟାବେଳେ ରାସ୍ତାକଡ଼ରେ ଯେଉଁ ଜଳଖିଆ ଦୋକାନସବୁ ବସୁଛି, ସେଠାରେ ପରଷାଯାଉଥିବା ଖାଦ୍ୟ ଉପରେ ଭଲଭାବେ ନଜର ପକାଗଲେ ଦେଖାଯିବ ଯେ ଅତ୍ୟନ୍ତ ଦୂଷିତ ପରିବେଶରେ ଏସବୁ ଖାଦ୍ୟ ଯୋଗାଇ ଦିଆଯାଉଛି। ଆଳୁଚପ୍, ବରା ହେଉ କିମ୍ବା ଗୁପଚୁପ୍, ଦହିବରା ; ସେସବୁ ପାଇଁ ଯେଉଁ ପାଣି ବ୍ୟବହାର ହେଉଛି ତାହା ଅତ୍ୟନ୍ତ ଦୂଷିତ। ଦେଖାଯାଉଛି, ଯେଉଁଠି ଖାଦ୍ୟ ପ୍ରସ୍ତୁତ ହେଉଛି ତାହା ତଳେ ଡ୍ରେନ୍ ପାଣି। ପ୍ଲେଟ୍ ଧୋଇବା ସ୍ଥାନରେ ମାଛି ଭଣ ଭଣ ହେଉଛନ୍ତି। ଖାଦ୍ୟ ତିଆରି କରୁଥିବା ସ୍ଥାନକୁ ବ୍ଲିଚିଂ ପାଉଡର କିମ୍ବା ଫିନାଇଲ ପକାଇ ସଫାକରିବା ଉଚିତ୍। ଖାଦ୍ୟର ମାନ ଉପରେ ମଧ୍ୟ ଧ୍ୟାନ ଦିଆଯାଉ। ଏତଦ୍‌ବ୍ୟତୀତ ଦୂଷିତ ପାଣିର ବ୍ୟବହାର ଉପରେ କଟକଣା ଜାରିକଲେ, ମହାମାରୀ ବ୍ୟାପିବ ନାହିଁ। ବିଏମ୍‌ସି କର୍ତ୍ତୃପକ୍ଷ ଏସବୁ ଉପରେ ଦୃଷ୍ଟିପକାନ୍ତୁ।

-ପୁଷ୍ପା ମହାନ୍ତି, ସାଇହିରା, ଭୁବନେଶ୍ୱର

## ଚିରନ୍ତନୀ

ହେ ପୁରୁଷ, ଭୁବନର ଗୌରବ, ପାଳକ,
ସୁନ୍ଦର, ସୁଭଗ ମମ ନୟନର ଜ୍ୟୋତି,
ତୋହରି ନିର୍ଦ୍ଦେଶ ମୁଁ ଯେ ଚଳେଁ ମଥା ପୋତି
ତୋର ବିନୁ ଅନୁଗୀ ମୁଁ, ଜୀବନ-ଚାଳକ !

-(ପ୍ରକୃତ-ପୁରୁଷ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# କାର୍ଯ୍ୟ ବନ୍ଦ କଲେ ଓଏଏସ୍, ଓଆରଏସ୍ ସଂଘ

■ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ
■କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

**ବଲାଙ୍ଗୀର,୧୭(ବୀରେନ୍ଦ୍ର କୁମାର ଝାଙ୍କର)**

ଭୁବନେଶ୍ୱର ମହାନଗର ନିଗମ (ବିଏମସି)କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦରେ ମଙ୍ଗଳବାର ବଲାଙ୍ଗୀର ଓଡିଶା ପ୍ରଶାସନିକ ସେବା (ଓଏଏସ) ସଂଘ ଓ ଓଡିଶା ରାଜସ୍ୱ ସେବା (ଓଆରଏସ) ସଂଘ ପକ୍ଷରୁ କାର୍ଯ୍ୟବନ୍ଦ କରାଯାଇଥିଲା। ଜିଲା ସଂଘ ସଭାପତି ତଥା ଏଡିଏମ୍ ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସଠାରେ ଏକ ପ୍ରତିବାଦ ସଭା କରାଯିବା ପରେ ସଦସ୍ୟମାନେ ଜିଲାପାଳ କାର୍ଯ୍ୟାଳୟକୁ ଆସି ଜିଲାପାଳ ଗୌରବ ଶିଖାରୀ ଇଭଲାଣ୍ଡରାଙ୍କୁ ଦାବିପତ୍ର ଦେଇ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସର୍କିଟ ହାଉସଠାରେ ଅନୁଷ୍ଠିତ ଜରୁରୀ ବୈଠକରେ ବିଏମସି ଅତିରିକ୍ତ କମିଶନର ସାହୁଙ୍କୁ ଆକ୍ରମଣ ଘଟଣାର ଦୃଢ ନିନ୍ଦା କରାଯାଇଥିଲା। ଏଡିଏମ୍ ବେହେରା କହିଥିଲେ, ବିଏମ୍‌ସିଅଫିସରେ ଜଣେ କର୍ତ୍ତବ୍ୟ ପରାୟଣ ଏବଂ କାର୍ଯ୍ୟରତ ଅଧିକାରୀଙ୍କୁ ଯେଉଁଳି ଭାବେ ଆକ୍ରମଣ କରାଗଲା ତାକୁ ଦୃଢ ନିନ୍ଦା କରୁଛୁ। ଯେଉଁ ଅଧିକାରୀଙ୍କୁ ଆକ୍ରମଣ କରାଗଲା ତାକୁ ସମର୍ଥନ କରିବା ପାଇଁ ଆଜି ବଲାଙ୍ଗୀରରେ ବୈଠକ କରାଯାଇଛି। ଜିଲାର ସମସ୍ତ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀ ସାମୁହିକ ଛୁଟିରେ ରହିଛନ୍ତି। ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରୁଛୁ ବୋଲି କହିଥିଲେ। ଏହାସହିତ ଅଫିସ ଭିତରେ ସରକାରୀ ଅଧିକାରୀଙ୍କ ସୁରକ୍ଷାକୁ ନେଇ ଅଧିକାରୀମାନେ ଚିନ୍ତା ପ୍ରକଟ କରି ଏ ଦିଗରେ ସରକାର ବିହିତ ପଦକ୍ଷେପ ନେବା ଜରୁରୀ ବୋଲି କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ସିଡିଓ ପ୍ରଭାତ କୁମାର ମହାପାତ୍ର, ଏପିଡି ତରଣୀ ଫୁନ, ବଲାଙ୍ଗୀର ଉପଜିଲାପାଳ ଆଲୋକ ପଟେଲ, ପାଟଣାଗଡ ଉପଜିଲାପାଳ ସୁନୀଲ କୁମାର ମେହେର, ବିଡ଼ିଓ, ତହସିଲଦାର ଓ ଓଆରଏସ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। କାର୍ଯ୍ୟାନୁଷ୍ଠାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରିରହିବ ବୋଲି କୁହାଯାଇଛି।


ବଲାଙ୍ଗୀର ଜିଲାପାଳଙ୍କୁ ଓଏଏସ୍ ଓ ଓଆରଏସ୍ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଲୋଇସିଂହା,୧୭(ସୁଶାନ୍ତ ବାରିକ)**

ସୋମବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଆଗଲପୁର ଥାନା ଅନ୍ତର୍ଗତ ଭରଡୁଜା-ପାଣେସରା ଛକରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଭରଡୁଜା ଗ୍ରାମର ପରମାନନ୍ଦ ଭୋଇ(୩୫)। ଖବର ପାଇ ମଙ୍ଗଳବାର ସକାଳେ ଆଗଲପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ନଂ ୧୧୩। ୨୦୨୫ରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଭରଡୁଜା ଗ୍ରାମବାସୀ ଆଗଲପୁର ରାସ୍ତାର ଭରଡୁଜା-ପାଣେସରା ଛକରେ ପରମାନନ୍ଦଙ୍କ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ପରେ କୌଣସି ଅଜଣା ଗାଡି ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରିବା ପାଇଁ ପୋଲିସ ପକ୍ଷରୁ ତନାଘନା ଚାଲିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ଗଣେଶ ସାହୁ ଦାବି କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

TEACHERS REQUIRED for
SUNSHINE PLAY SCHOOL
(Cuttack)
Qualification: Any Graduate
Contact No.:
9437106767
7854085452

# ଆଜି ଅରୁନ୍ଧତୀ ଜୁଏଲର୍ସର ୨୫ତମ ଜନ୍ମବାର୍ଷିକୀ

**ଭୁବନେଶ୍ୱର,୧୭(ଅଭୟ ଦାଶ)**

ଅରୁନ୍ଧତୀ ଜୁଏଲର୍ସର ସର୍ବପ୍ରଥମ ତଥା ସର୍ବପୁରାତନ ବଲାଙ୍ଗୀର ଶାଖାର ୨୫ତମ ଜନ୍ମବାର୍ଷିକ ବୁଧବାର (୨୦୨୫ ଜୁଲାଇ ୨) ପାଳିତ ହେବାକୁ ଯାଉଛି। ଏପରିକି ଅରୁନ୍ଧତୀ ଜୁଏଲର୍ସର ପ୍ରଥମ ପାଦ ବଲାଙ୍ଗୀରରୁ ହିଁ ଆରମ୍ଭ ହୋଇଥିଲା। ଅରୁନ୍ଧତୀ ବଲାଙ୍ଗୀର ସମେତ ଓଡ଼ିଶାବାସୀଙ୍କ ମନପସନ୍ଦର ଅଳଙ୍କାର ପ୍ରତିଷ୍ଠାନ ସାଙ୍ଗକୁ ସୁଲଭ ମୂଲ୍ୟରେ ଆବଶ୍ୟକ ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚାଇ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ଏକ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିଆସିଛି।

ସେହିଭଳି ୨୦୨୫ ଜୁଲାଇ ୨ରେ ହେବାକୁଥିବା ଏହି ମେଗା ସମାରୋହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ଅରୁନ୍ଧତୀ ଜୁଏଲର୍ସର କର୍ମକର୍ତ୍ତା ବେଶ୍ ଉତ୍ସାହିତ ଅଛନ୍ତି।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସମସ୍ତ ବଲାଙ୍ଗୀରବାସୀଙ୍କୁ ସାଦର ଆମନ୍ତ୍ରଣ କରିବା ସହ ଦୀର୍ଘ ୨୫ ବର୍ଷ ଧରି ଅରୁନ୍ଧତୀ ପରିବାରକୁ ଅଶେଷ ସ୍ନେହ, ଶ୍ରଦ୍ଧା, ସମର୍ଥନ ଓ ଭଲପାଇବା ଦେଇଆସୁଥିବା ନିମନ୍ତେ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ବାର୍ଷିକ ଅଫର ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ଗ୍ରାହକ ୨୦୨୫ ଜୁଲାଇ ୬ ପର୍ଯ୍ୟନ୍ତ ଅରୁନ୍ଧତୀ ଜୁଏଲର୍ସର ବଲାଙ୍ଗୀର ଶାଖାରେ ସୁନା ରୁପା ଗହଣାର ଗଢ଼ାମଜୁରି ଉପରେ ୫୦% ଏବଂ ହୀରାଗହଣାର ହୀରା ମୂଲ୍ୟ ଉପରେ ୨୫%ର ରିହାତି ରଖାଯାଇଛି। ଏହାସହ ଗ୍ରାହକ ପୁରୁଣା ଗହଣା ବଦଳ/ଏକ୍ସଚେଞ୍ଜ୍ ଉପରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ।

Arundhati® JEWELLERS

# ସଇଁତଲା ଅଦାଲତ ପରିସରରେ ବନ ମହୋତ୍ସବ ପାଳିତ

**ସଇଁତଲା,୧୭(ରାଖାଲ ପ୍ରସାଦ ଶତପଥୀ)**

ସଇଁତଲାଠାରେ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ମଙ୍ଗଳବାର ଦିନ ସଇଁତଲା ବନାଞ୍ଚଳ ଓ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ତରଫରୁ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କୋର୍ଟର ବିଚାରପତି ଭାଗ୍ୟଶ୍ରୀ ପତି, ସଇଁତଲା ରେଞ୍ଜର ସାଗର ରଞ୍ଜନ ନାଏକ, ଫରେଷ୍ଟର ଧର୍ମେନ୍ଦ୍ର କୁମାର ରାଏ, ଆଦିତ୍ୟ ନନ୍ଦ, ସମୀର ରଞ୍ଜନ ମହାପାତ୍ର, ଆଇନଜୀବୀ ସଂଘର ସଭାପତି ସୁବୋଧ ମିଶ୍ର ଯୋଗ ଦେଇଥିଲେ। ଏହାଛଡା ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ସାହୁ, ଦେବରାଜ ପଣ୍ଡା, ମାନଭଞ୍ଜନ ପାଣିଗ୍ରାହୀ, ସତ୍ୟ ନାରାୟଣ ସାହୁ, ମନୋଜ ପୃଷେଠ, ଦେବାଶିଷ ସେଠ, ତପନ ସାହୁ, ଯୁବରାଜ ରଣା, ଅମିତା ତାଣ୍ଡି, ଜ୍ୟୋସ୍ନାରାଣୀ ବାଗ ତଥା କୋର୍ଟର ସମସ୍ତ କର୍ମଚାରୀ ଯୋଗଦେଇ କୋର୍ଟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ। ମୃର୍ତ୍ତିକା ଓ ଜଳ ସଂରକ୍ଷଣ, ଜୈବମଣ୍ଡଳର ସୁରକ୍ଷା, ବାୟୁମଣ୍ଡଳରୁ ନିର୍ଗତ ବିଷାକ୍ତ ଗ୍ୟାସକୁ ବିଶୋଧିତ କରିବାରେ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଜଙ୍ଗଲ ଅବକ୍ଷୟ ହେତୁ ଜଳବାୟୁ ପରିବର୍ତ୍ତନର ସମସ୍ୟା ଦେଖାଦେଉଛି। ଏଣୁ ବ୍ୟାପକ ବୃକ୍ଷରୋପଣ କରି ଜଳବାୟୁ ପରିବର୍ତ୍ତନକୁ ରୋକାଯାଇ ପାରିବ ବୋଲି ଅତିଥିମାନେ ମତ ଦେବା ସହ ପ୍ରତ୍ୟେକ ପରିବାର ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରି ତାର ଯତ୍ନ ନେବାକୁ କହିଥିଲେ। ଏହି ଅବସରରେ ସଇଁତଲା ବନାଞ୍ଚଳର ସମସ୍ତ ଅଧିକାରୀ, କର୍ମଚାରୀ, ଓକିଲ ସଂଘର ସଭାପତି, ଆଇନଜୀବୀ ଓ କୋର୍ଟର କର୍ମଚାରୀ କୋର୍ଟ ପରିସରରେ ଗୋଟିଏ ଲେଖାଏ ବୃକ୍ଷରୋପଣ କରିଥିଲେ।


ବନ ମହୋତ୍ସବ ପାଳନ ଅବସରରେ ବିଚାରପତି, ବନ ବିଭାଗ କର୍ମଚାରୀ ଓ ଅନ୍ୟମାନେ।

# ୭-୦ ଗୋଲରେ ବଲାଙ୍ଗୀର ପୋଲିସ ଟିମ୍ ବିଜୟୀ


ଆୟୋଜକ ଓ ଖେଳାଳିଙ୍କ ଗହଣରେ ଅତିଥି।

**ଜିଲା ସିନିୟର ନକ୍‌ଆଉଟ ଫୁଟ୍‌ବଲ**

**ଲୋଇସିଂହା,୧୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଜିଲା ସିନିୟର ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଲୋଇସିଂହା ଷ୍ଟାଡିୟମରେ ପୋଲ-୨ର ଗ୍ରୁପ ଏଫ ମ୍ୟାଚ ହେଉଛି। ମଙ୍ଗଳବାର ୪ର୍ଥ ଦିବସରେ ବଲାଙ୍ଗୀର ପୋଲିସ ଟିମ୍ ଓ ସଲତରପାଲି ମଧ୍ୟରେ ଖେଳ ହୋଇଥିଲା। ଏଥିରେ ବଲାଙ୍ଗୀର ପୋଲିସ ଟିମ୍ ଏକତରଫା ପ୍ରଦର୍ଶନ କରି ୭-୦ ଗୋଲରେ ସଲତରପାଲିକୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ପୋଲିସ ଟିମ୍‌ର ଖେଳାଳି ଅନୁଭବ ବସ୍ତି ଓ ଡୋଲାମଣି ମହାକୁର ୨ଟି ଲେଖାଏ ଗୋଲ ଦେଇଥିବା ବେଳେ ନିରମ, ସମ୍ମିତ ପାଣ୍ଡେ ଓ କାହ୍ନା ଷାଣ୍ଡ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ସୁରେଶ ମ୍ୟାଚ ରେଫରି ଥିବା ବେଳେ କରୁଣାକର ପଧାନ, ଅଞ୍ଜନ ବେଶ୍ରା , ଗୋପାଳ ପଧାନ ଓ ପ୍ରଦୀପ ବରଗ୍ଡି ଖେଳ ପରିଚାଳନା କରିଥିଲେ । ମଙ୍ଗଳବାର ବୁର୍ଡା ସରପଞ୍ଚ ସୁଦୀପ କୁମାର ସା ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୋଜକ ଓ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ରମେଶ, ଉମେଶ, ସୁମିତ, ବିଷ୍ଣୁ, ପିଣ୍ଟୁ , ଶିବୁ ଓ ରିତେଶ ପ୍ରମୁଖ ସହଯୋଗ କରୁଛନ୍ତି । ପଞ୍ଚମ ଦିବସରେ ଲୋଇସିଂହା ଆଥଲେଟିକ ଓ ଖଲିଆପାଲି ଏଚଆରଡିଏ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି ।

# ଦେଓଗାଁରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ଦେଓଗାଁ,୧୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ତରଫରୁ ସ୍ଥାନୀୟ ପଞ୍ଚାୟତ ସମିତି ହାଇସ୍କୁଲଠାରେ ମଙ୍ଗଳବାର ବନ ମହୋତ୍ସବ ତଥା ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବନାଞ୍ଚଳ ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ନେତୃତ୍ୱରେ ଫରେଷ୍ଟର ଜନ୍ମେଜୟ ପାଣିଗ୍ରାହୀ, ଗୁଡଭେଲା ଫରେଷ୍ଟର ଚନ୍ଦ୍ରଶେଖର ଦାସ, କୁଡାସିଂହା ଫରେଷ୍ଟର ଚିତ୍ତରଞ୍ଜନ ଖମାରୀ, ନେତ୍ରମଣି ମହାନନ୍ଦ ଯୋଗ ଦେଇଥିଲେ । ଏହାଛଡା ଫରେଷ୍ଟ ଗାର୍ଡ ଅଭିମନ୍ୟୁ ଭୋଇ, ଶାନ୍ତି ସରାଫ, ପୁଷ୍ପାଞ୍ଜଳୀ କୁମ୍ଭାର, ଯୁକ୍ତା ସାହାଣୀ, ନରେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ସମସ୍ତ ପାରାଷ୍ଟାଫ୍ ଓ ବନକର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ଅମ୍ବରୀଶ ଭୋଇଙ୍କୁ ଗଛଟିଏ ପ୍ରଦାନ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅବସରରେ ସମସ୍ତେ ଗୋଟିଏ ଗୋଟିଏ ଗଛ ରୋପଣ କରିବା ପାଇଁ ରେଞ୍ଜର ଜାଲ ପରାମର୍ଶ ଦେଇଥିଲେ ।


ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅବସରରେ ଚାରା ପ୍ରଦାନ କରାଯାଉଛି ।

# ଖପ୍ରାଖୋଲରେ ସବୁଜ ରଥର ଶୁଭାରମ୍ଭ

**ଖପ୍ରାଖୋଲ,୧୭(ଅଭୟ ତ୍ରିପାଠୀ)**

ସ୍ଥାନୀୟ ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବନ ମହୋତ୍ସବ ସପ୍ତାହ ପାଳନ ସହିତ ମଙ୍ଗଳବାର ସବୁଜ ରଥର ଶୁଭାରମ୍ଭ ହୋଇଛି। ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା ପୂଜାର୍ଚ୍ଚନା କରି ସବୁଜ ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପରିବେଶ କର୍ମୀ ଡ. ଅଭୟ ତ୍ରିପାଠୀ, ରେଙ୍ଗାଲି ବନପାଳ ବିପିନ ସାହୁ, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣି ବେହେରା ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ସପ୍ତାହ ପାଳନ ଉପରେ ଆଲୋକପାତ କରି ଚାରାରୋପଣ ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ୧ ଲକ୍ଷ ଚାରା ବଣ୍ଟନ ଲକ୍ଷ୍ୟ ରଖାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଅବସରରେ ଅଗ୍ନିଶମ କାର୍ଯ୍ୟାଳୟ ପରିସରରେ ବନ ମହୋତ୍ସବ ତଥା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା, ଓଡ଼ିଶା ପୋଲିସ ହାଉସିଂ ବୋର୍ଡର କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ସିଂ, ବନବିଭାଗ ଅଧିକାରୀ, ବନରକ୍ଷୀ ମଞ୍ଜୁ କୁମ୍ଭାର, ଉମା ଭୁଇ, ରାଜେନ୍ଦ୍ର ଧରୁଆ, ସଞ୍ଜୀବ ସାହୁ , ବନ କର୍ମଚାରୀ, ଅଗ୍ନିଶମ କର୍ମଚାରୀ ଉପସ୍ଥିତ ଥିଲେ।


ସବୁଜ ରଥର ଶୁଭାରମ୍ଭ କରାଯାଉଛି।

# ଗ୍ରାମର ଯୁବକଙ୍କୁ ଥାନାକୁ ଡାକି ପୋଲିସର ଜେରା

**କଣ୍ଟାବାଞ୍ଜି,୧୭ (ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗ୍ରାମର କୁଞ୍ଜ ମାଝି (୧୯)ଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ ଏକ ଖବରଦାତା ସମ୍ମିଳନୀରେ ପୋଲିସ ସୋମବାର କରିଛି । ତ୍ରିକୋଣୀୟ ପ୍ରେମରୁ କୁଞ୍ଜଙ୍କୁ ତାଙ୍କର ସାଙ୍ଗ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି ।

**ଡୁମେରଚୁଆଁ କୁଞ୍ଜ ମାଝି ମୃତ୍ୟୁ ଘଟଣା**

ଏହି ଘଟଣାରେ ଡୁମେରଚୁଆଁ ଗ୍ରାମର ସତ୍ୟ ନାଗ (୨୦) ଓ ଶଙ୍କର ଖର୍ସେଲ (୧୮)ଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ କେହି ସମ୍ପୃକ୍ତ ଥିବା ସନ୍ଦେହ କରି ଅଧିକ ତଦନ୍ତ ଚଳାଇଛି । ମଙ୍ଗଳବାର ଉକ୍ତ ଗ୍ରାମର ଅନ୍ୟ କେତେଜଣ ଯୁବକଙ୍କୁ ପୋଲିସ ଥାନାକୁ ଡାକି ଜେରା କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ମୁଖ୍ୟ ଅଭିଯୁକ୍ତ ସତ୍ୟ ଓ ତାଙ୍କ ସହଯୋଗୀ ଶଙ୍କର ଜୁନ ୨୦ତାରିଖ ରାତିରେ କୁଞ୍ଜଙ୍କୁ ଫୋନ ଯୋଗେ ଡାକିଥିଲେ। ଫଳରେ ସେ କଲ୍ ପାଇ ବାହାରକୁ ଯାଇଥିଲେ।ହେଲେ ଅଭିଯୁକ୍ତମାନେ ସେ ପହଞ୍ଚିବା କ୍ଷଣି ତାଙ୍କୁ ଏକ ଲୁହା ରଡରେ ମାଡ଼ ମାରି ହତ୍ୟା କରିଥିଲେ । ଘଟଣା ଘଟିବାର ୯ ଦିନ ପରେ ଗତ ୩୦ ତାରିଖ ଦିନ ପୋଲିସ ଅନୁସନ୍ଧାନ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବନ ମହୋତ୍ସବ ପାଳିତ



କରୁଆଁଝର ବିଦ୍ୟାଳୟରେ ବନ ମହୋତ୍ସବ ପାଳନ କରାଯାଉଛି।

**ଲାଠୋର,୧୭(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବେ ଲାଠୋର ବନ ବିଭାଗ ଫରେଷ୍ଟର ସାଗରିକା ସେଠ, ସନ୍ଧ୍ୟାରାଣୀ ସେଠ, ତପିମଣି କୁମ୍ଭାର, ବନରକ୍ଷୀ ଉଦ୍ଧବ ହରପାଲ ପ୍ରମୁଖ ଯୋଗ ଦେଇଥିଲେ । ଉପସ୍ଥିତ ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କୁ ଅତିଥିମାନେ ଜଳବାୟୁ ପରିବର୍ତ୍ତନର ମୁକାବିଲା, ଜୈବ ବିବିଧତା ସଂରକ୍ଷଣ ଏବଂ ପରିବେଶ ସନ୍ତୁଳନ ବଜାୟ ରଖିବାରେ ବୃକ୍ଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । କାର୍ଯ୍ୟକ୍ରମର ଦାୟିତ୍ୱ ଇକୋ କ୍ଲବ ଓ ଜୁନିଅର ରେଡକ୍ରସ ମୁଖ୍ୟ ଆକାଶ କୁମାର ସାହୁ ଏବଂ ଶକ୍ତି କ୍ଲବ ମୁଖ୍ୟ ଜିତେନ୍ଦ୍ର ସର୍ଭଙ୍ଗୀ ନେଇଥିଲେ। ତାଙ୍କୁ ସହଯୋଗ କରିଥିଲେ ଶିକ୍ଷକ ସତ୍ୟବାନ ସାହୁ। ଏହି ଅବସରରେ ଶିକ୍ଷୟିତ୍ରୀ ସୁନୀତା ନନ୍ଦ, ସୁନୀତା ବାର୍ଲା, ଜ୍ୟୋତି କାଲୋ, ହିତେଶ୍ୱରି ବିଶାଳ, ଶିକ୍ଷକ ଦେବାଶିଷ ସାହୁ, ସ୍ୱରୂପ ହୋତା, କୃଷ୍ଣ ଭୁଏ, ନୀଳାମ୍ବର କୁମ୍ଭାର, ଜଗବନ୍ଧୁ ନାଗ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22-75-2024/1344 Dated, the 23rd June, 2025

Advertisement

Applications are invited from Indian Nationals for engagement of 01 (one) (UR) **Engineer In-Charge (Tug) (Class-II)** on **Direct Recruitment basis** in Paradip Port Authority.
For further details, visit our website : **www.paradipport.gov.in/Career.aspx**.
Sr. Asst. Secretary,
Paradip Port Authority
PPA/PR/22/2025-2026, Dt.24/06/2025

Radhakrishna Institute of Technology & Engineering (RITE), Bhubaneswar
(AICTE Approved, NAAC Accredited, BPUT Affiliated)
Ref. No.: RITE/HR/Advt./2025-26/01
RECRUITMENT OF STAFF & FACULTIES
**RITE Bhubaneswar** is a premier Institute offering **B.Tech., MBA** and **MCA** programs.
**RITE Bhubaneswar** invites applications from eligible & experienced candidateds for following positions in corresponding departments:
01. **Professor/Associate Professor/Assistant Professor/Lab Assistant in following disciplines.**
MBA/MCA/B.Tech (CSE/CIVIL/ME/EE/Comp. Engg., Physics/Chemistry/Mathematics/English)
**Eligibility:** "M.Tech/MSc/MA/PhD in respective Subject"
02. **IT Administrator**
**Eligibility:** "M.Tech/MSc/MA/PhD in respective Subject"
03. **Non-Teaching Staff Positions : Driver** (Truck, Tractor, Car) Plumber, Painter
**Eligibility:** "Candidates must have at least 10th pass and a minimum of 5 years of relevant experience."
**SALARY:** AS PER AICTE NORMS/INDUSTRY STANDARDS.
For further details visit College Campus
or send your resume to : **career@riteindia.edu.in**
The interested candidates need to email the duly filled application, CV, Photograph, Copy of Pan, Copy of Adhar Card & Testimonial within 7 days of Publication of this Advertisement.
The authority reserves the right to reject any or all applications without assigning any reason.
-SD-
PRINCIPAL
RITE BHUBANESWAR
IDCO Plot-1, IDCO Industrial Estate Barunei, Khordha-752057, India,
Phone : 8895199998 Email - riteodisha@gmail.com, web : riteindia.edu.in

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिजर्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत
In assessment, India trusts us
वेबसाइट देखने हेतु स्कैन करें
Scan to visit Website

ସିଆର୍‌ପି ପିଓ/ଏମ୍‌ଟି-XV ଏବଂ ସିଆର୍‌ପି ଏସ୍‌ପିଏଲ୍-XV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନି ଏବଂ ସ୍ପେଶାଲିଷ୍ଟ ଅଫିସର୍ସଙ୍କ ନିଯୁକ୍ତି (୨୦୨୬-୨୭ର ଖାଲିପଦବୀ) ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
ଅଫିସିଆଲ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ସର୍ବସାଧାରଣ କ୍ଷେତ୍ରର ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର / ମ୍ୟାନେଜମେଣ୍ଟ ଟ୍ରେନୀ ପଦବୀ ତଥା ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର ପଦବୀଗୁଡ଼ିକରେ ନିଯୁକ୍ତି ଏବଂ ଚୟନ ପାଇଁ ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା ସମ୍ଭାବ୍ୟ ଭାବେ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ:

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ପିଓ/ଏମ୍‌ଟି | ସ୍ପେଶାଲିଷ୍ଟ ଅଫିସର୍ସ |
| --- | --- | --- |
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ଅଗଷ୍ଟ ୨୦୨୫ | — |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ଅଗଷ୍ଟ ୨୦୨୫ | ଅଗଷ୍ଟ ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ସେପ୍ଟେମ୍ବର ୨୦୨୫ | ସେପ୍ଟେମ୍ବର ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ଅକ୍ଟୋବର ୨୦୨୫ | ନଭେମ୍ବର ୨୦୨୫ |
| ପରୀକ୍ଷାଫଳ ଘୋଷଣା – ମେନ୍ ପରୀକ୍ଷା | ନଭେମ୍ବର ୨୦୨୫ | ନଭେମ୍ବର ୨୦୨୫ |
| ବ୍ୟକ୍ତିତ୍ୱ ପରୀକ୍ଷା | ନଭେମ୍ବର/ ଡିସେମ୍ବର ୨୦୨୫ | — |
| ସାକ୍ଷାତ୍‌କାର ସଞ୍ଚାଳନ | ଡିସେମ୍ବର ୨୦୨୫/ ଜାନୁଆରୀ ୨୦୨୬ | ଡିସେମ୍ବର ୨୦୨୫/ ଜାନୁଆରୀ ୨୦୨୬ |
| ପରୀକ୍ଷାମୂଳକ ଆବଣ୍ଟନ | ଜାନୁଆରୀ/ ଫେବୃଆରୀ ୨୦୨୬ | ଜାନୁଆରୀ/ ଫେବୃଆରୀ ୨୦୨୬ |

ବିବରଣୀ ତଥା ଅଦ୍ୟତନ ସୂଚନା ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ଅନ୍‌ଲାଇନ୍ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ନିର୍ଦ୍ଧାରିତ ତାରିଖରେ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ବୋଲି ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ପ୍ରତ୍ୟେକ ସବିଶେଷ ଅଧିସୂଚନାରେ ଦର୍ଶାଯାଇଥିବା ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ନିହାତି ଆବଶ୍ୟକ ।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୫ ନିର୍ଦ୍ଦେଶକ

# ୩୪୫୮୮ ଚାଷୀ ବିକିଲେ ୨୬.୩୪ ଲକ୍ଷ କୁଇଣ୍ଟାଲ ଧାନ

■ ଗତ ରବିଠାରୁ ଅଧିକ ୫୨୨୪ଚାଷୀ ଧାନ ବିକ୍ରି କଲେ

■ ସୁବର୍ଣ୍ଣପୁର ଜିଲାରେ ସରିଲା ରବି ଧାନକିଣା

ସୋନପୁର,୧।୭(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟରେ ରବି ଧାନ ସଂଗ୍ରହ ଜୁନ୍ ୩୦ ତାରିଖରେ ସରିଛି। ଅଧିକ ଧାନ ଉତ୍ପାଦନ ହେଉଥିବା ସୁବର୍ଣ୍ଣପୁର ଜିଲାରେ ମଧ୍ୟ ଧାନ କିଣାବିକା ସମ୍ପୂର୍ଣ୍ଣ ହୋଇଛି। ଲଗାଣ ବର୍ଷା ସତ୍ତ୍ୱେ ୨୦୨୪-୨୫ ରବି ଧାନ କ୍ରୟ ରେକର୍ଡସ୍ତରକୁ ଛୁଇଁଛି। ଜିଲାରୁ ୨୬ଲକ୍ଷ ୩୪ହଜାର ୬୫୨କୁଇଣ୍ଟାଲ ୮୯କିଲୋ ଧାନ ସଂଗ୍ରହ ହୋଇଛି। ୩୪ହଜାର ୫୮୮ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିଛନ୍ତି। ସରକାର ଧାନ ବିକ୍ରି କରିଥିବା ଜିଲାର ଚାଷୀଙ୍କୁ ଏମ୍ଏସ୍ପି ଓ ଇନ୍‌ପୁଟ ସବ୍‌ସିଡି ବାବଦରେ ମୋଟ ୮୧୬କୋଟି ୭୪ଲକ୍ଷ ଟଙ୍କା ପ୍ରଦାନ କରିବେ। ବର୍ତ୍ତମାନ ସୁଦ୍ଧା ଜିଲାର ୩୦ହଜାର ୭୬୧ଚାଷୀଙ୍କୁ ୪୭୪କୋଟି ୯୮ଲକ୍ଷ ୪୩ହଜାର ଟଙ୍କା ପ୍ରଦାନ କରା ଯାଇଥିବା ରାଜ୍ୟ ଯୋଗାଣ ନିଗମ ତଥ୍ୟରୁ ଜଣାଯାଇଛି। ଗତ ମେ ୧୫ ତାରିଖରୁ ଜିଲାରେ ମଣ୍ଡି ଖୋଲିଥିଲା। ସୁବର୍ଣ୍ଣପୁର ଜିଲାର ୩୫ହଜାର ୪୪୫ଚାଷୀ ରବି ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଥିଲେ। ତେବେ ଧାନ ଅମଳ ସମୟରେ ଲଘୁଚାପ ବର୍ଷା ଯୋଗୁ ଧାନ ଓଦା ହେବା ଓ ପରେ ଆଗୁଆ ମୌସୁମୀ ସକ୍ରିୟ ହେବା କାରଣରୁ ଧାନ ସଂଗ୍ରହ ଧିମେଇ ଯାଇଥିଲା। କିନ୍ତୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ମିଳିବା ଯୋଗୁ ସମସ୍ତ ପଞ୍ଜିକୃତ ଚାଷୀ ମଣ୍ଡିରେ ଧାନବିକ୍ରି କରିବାକୁ ଉତ୍ସାହିତ ହୋଇଥିଲେ। ଗତ ୨୦୨୩-୨୪ ରବିରେ ଜିଲାର ୨୯୩୬୪ ଚାଷୀଙ୍କ ନିକଟରୁ ୨୦ଲକ୍ଷ ୩୨ହଜାର ୩୪୯କୁଇଣ୍ଟାଲ ଧାନ କିଣାଯାଇଥିଲା। ୫ହଜାରରୁ ଊର୍ଦ୍ଧ୍ୱ ପଞ୍ଜିକୃତ ଚାଷୀ ଧାନ ବିକ୍ରି କରି ପାରି ନ ଥିଲେ। ତେବେ ଚଳିତଥର ଗତ ଋତୁଠାରୁ ୬ଲକ୍ଷ ୨୩ହଜାର ୩୨୯କୁଇଣ୍ଟାଲ ଧାନ ଅଧିକ ସଂଗ୍ରହ ହୋଇଛି। ସେହିପରି ଅଧିକ ୫୨୨୪ଚାଷୀ ଧାନ ବିକ୍ରି କରିଛନ୍ତି। ଅଳ୍ପ କିଛି ମଣ୍ଡିକୁ ଛାଡି ଦେଲେ ବାକି ଜାଗାରେ ଚାଷୀ ସୁରୁଖୁରୁରେ ଧାନ ବିକ୍ରି କରିଛନ୍ତି। ଜିଲାର ୬୯ ପାକ୍ସ ଓ ୧୮ ଡବ୍ଲ୍ୟୁଏସ୍ଏଚ୍‌ଜି ଜରିଆରେ ଯୋଗାଣ ନିଗମ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ଏକର ପ୍ରତି ୨୬କୁଇଣ୍ଟାଲ ହିସାବରେ ବଳକା ଧାନ କିଣିଛି। ସୁବର୍ଣ୍ଣପୁର ଜିଲାର ୫୪ ମିଲର୍ସ, ବଲାଙ୍ଗୀର ଜିଲାର ୭ ମିଲର୍ସ ଓ ସମ୍ବଲପୁର ଜିଲାର ୬ ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଚାଷ ଜମି ସମାନ ଥିବା ବେଳେ ଚଳିତଥର ଗତ ବର୍ଷଠାରୁ ୬ଲକ୍ଷ କୁଇଣ୍ଟାଲ ଅଧିକ ଧାନ ସଂଗ୍ରହ ହେବା ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ କୁହନ୍ତି ସରକାର ଧାନ କୁଇଣ୍ଟାଲ ପ୍ରତି ୮୦୦ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଦେବା ପରେ ଚାଷୀଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହୋଇଛି। ପୂର୍ବରୁ କିଛି ଚାଷୀ କମ୍ ଦରରେ ବ୍ୟବସାୟୀଙ୍କୁ ଧାନ ବିକ୍ରି କରି ଦେଉଥିଲେ। ଏବେ ସମସ୍ତ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଉଚିତ ମନେ କରୁଛନ୍ତି।

## ଶିଶୁ ମନ୍ଦିର ନୂତନ ପରିଚାଳନା କମିଟି ଗଠିତ

ବୀରମହାରାଜପୁର,୧।୭ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୂତନ ପରିଚାଳନା କମିଟି ମଙ୍ଗଳବାର ଗଠିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ରୁଦ୍ରାକ୍ଷ ସାହୁ ସଭାପତିତ୍ୱ କରିଥିଲେ। ପରିଚାଳନା କମିଟି ସମସ୍ତ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ। ଆଚାର୍ଯ୍ୟ ଗୋବିନ୍ଦ ସେଠୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଏବଂ ପ୍ରଧାନ ଆଚାର୍ଯ୍ୟ ଜନକରାମ ପଟେଲ ସ୍ୱାଗତ କରିଥିଲେ। ସର୍ବସମ୍ମତିକ୍ରମେ ସଭାପତିଭାବେ ଅଧ୍ୟାପକ ସୂର୍ଯ୍ୟ ନାରାୟଣ ପଣ୍ଡା, ଉପସଭାପତି ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା, ସମ୍ପାଦକ ରାଜେନ୍ଦ୍ର ପଧାନ, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ସ୍ୱାଇଁ,କୋଷାଧ୍ୟକ୍ଷ ଜୀତେନ୍ଦ୍ରିୟ ଦାଶ, ସଦସ୍ୟା ସୁଜାତା ପ୍ରଧାନ ଏବଂ ସନ୍ଧ୍ୟା ଭୋଇ, କାର୍ଯ୍ୟାଳୟ ସଦସ୍ୟ ଜନକରାମ ପଟେଲ ଏବଂ ଆଚାର୍ଯ୍ୟ ପ୍ରତିନିଧି ଗୋବିନ୍ଦ ସେଠୀଙ୍କୁ ମନୋନୀତ କରା ଯାଇଛି। ଶିକ୍ଷାବିକାଶ ସମିତି ସୁବର୍ଣପୁରର ବିଭାଗ ନିରୀକ୍ଷକ ମନୋରଞ୍ଜନ କର ଏବଂ ଦକ୍ଷିଣ ପଶ୍ଚିମ ସଂଭାଗ ସଂଯୋଜକ ରଞ୍ଜନ ପଧାନ ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

TEACHERS REQUIRED for SUNSHINE PLAY SCHOOL (Cuttack)
Qualification: Any Graduate
Contact No.:
9437106767
7854085452

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22-75-2024/1344 Dated, the 23rd June, 2025
Advertisement
Applications are invited from Indian Nationals for engagement of 01 (one) (UR) **Engineer In-Charge (Tug) (Class-II)** on **Direct Recruitment basis** in Paradip Port Authority.
For further details, visit our website : **www.paradipport.gov.in/Career.aspx**.
Sr. Asst. Secretary, Paradip Port Authority
PPA/PR/22/2025-2026, Dt.24/06/2025

# ଖବର ପ୍ରସାରଣ ପରେ ଏନ୍ଏଚ୍ ଗର୍ତ୍ତ ମରାମତି ହେଲା

ଧରିତ୍ରୀ ପ୍ରଭାବ

ଡୁଙ୍ଗୁରିପାଲି,୧।୭(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସ୍ଥିତ ୨୬ନଂ, ଜାତୀୟ ରାଜପଥ ବରଗଡ -ବୋରିଗୁମା ରାସ୍ତାର ହାଇସ୍କୁଲ ଛକ ନିକଟରେ ପିଚୁ ଦବିଯାଇ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ଏହା ବଲାଙ୍ଗୀର ଏନ୍ଏଚ୍ ଡିଭିଜନ ଅଧିନରେ ଆସୁଥିବା ଏହି ରାସ୍ତା କାମ ପ୍ରାୟ ବର୍ଷକ ତଳେ ତିଆରି ହୋଇଥିଲା। ଚାରି ଦିନ ଆଗରୁ ଏହି ଗର୍ତ୍ତ ପାଖରେ ଟ୍ରାକ୍ଟର ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ହୋଇଥିଲା। ଏହି ରାସ୍ତା ଦେଇ ହଜାର ହଜାର ଯାନବାହନ ଚଳାଚଳ କରୁଛି। ବାଇକ ଆରୋହୀମାନେ ଯିବ ସମୟରେ ଦୁର୍ଘଟଣାର ଶିକାର ହେଉଥିଲେ। ମରାମତି ଅଭାବରୁ ରାସ୍ତା ପିଚୁ ଦବିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଦୁର୍ଘଟଣାରୁ ରକ୍ଷା ପାଇଁ ଲୋକେ ଗର୍ତ୍ତ ଉପରେ ଘାସଲଟା ଲଦି ଆଚ୍ଛାଦିତ କରିଦେଇଥିଲେ। ଏ ନେଇ ଏକ ଖବର ଧରିତ୍ରୀରେ ମଙ୍ଗଳବାର ପ୍ରକାଶ ପାଇଥିଲା। କାମ କରୁଥିବା ଠିକାଦାର ଗୁରୁବାର ଆସି ପିଚୁ ଦବି ସୃଷ୍ଟି ହୋଇଥିବା ଗର୍ତ୍ତକୁ ଭରି ମରାମତି କରିଛନ୍ତି।



ଗର୍ତ୍ତକୁ ପୋତି ରାସ୍ତା ମରାମତି କରାଯାଇଛି।

# ଟୋକନ ଲାପ୍ସ, ମଣ୍ଡିରୁ ଧାନ ଫେରେଇ ନେଲେ ଚାଷୀ


ଦୁର୍ଜନତୈଲା ମଣ୍ଡିରୁ ଚାଷୀ ଟ୍ରାକ୍ଟରରେ ଲଦି ଧାନ ଫେରାଇ ନେଉଛନ୍ତି।

ଦୁର୍ଜନତୈଲା ମଣ୍ଡି

ଅମରପାଲି,୧।୭(ପୀତାମ୍ବର ସାହୁ)

ଟୋକନ ଲାପସ ଯୋଗୁଁ ମଣ୍ଡିରେ ଧାନ ବିକ୍ରି କରି ନ ପାରି ଘରକୁ ଧାନ ଫେରାଇ ନେଉଛନ୍ତି ଚାଷୀ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତ ସମ୍ମୁଖରେ ଥିବାଧାନ ମଣ୍ଡିରେ ମଙ୍ଗଳବାର ପୂର୍ବାହ୍ନରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। ଦୂର୍ଜନତୈଲା ପଞ୍ଚାୟତ ଅନ୍ତର୍ଗତ ଗୋଘାଟ ଗ୍ରାମର ଚାଷୀ କ୍ଷେତ୍ର ଚଉଲିଆ ବିକ୍ରି ପାଇଁ ମଣ୍ଡିକୁ ଆଣିଥିବା ଧାନ ବିକ୍ରି ହୋଇ ପାରିନାହିଁ। ଫଳରେ ସେ ମଙ୍ଗଳବାର ତାଙ୍କ ଧାନକୁ ମଣ୍ଡିରୁ ଘରକୁ ନେଇ ଯାଇଛନ୍ତି। ଚଳିତବର୍ଷ ରାଜ୍ୟ ସରକାର ଧାନର ଦାମ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା କରିବାକୁ ଚାଷୀ ରବିଋତୁରେ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲା। ଏହି କ୍ରମରେ ଗୋଘାଟ ଗ୍ରାମର ଚାଷୀ ମଧ୍ୟ ଚଳିତ ରବିରେ ଧାର ଉଧାର କରି ଧାନ ଚାଷ କରିଥିଲେ। ଭଲ ଅମଳ ମଧ ହୋଇଥିଲା। କ୍ଷେତ୍ର ୪୪ବସ୍ତା ଧାନ ମଣ୍ଡିକୁ ବିକ୍ରି କରିବା ପାଇଁ ଗତ ୧୬ ତାରିଖରେ ଆଣିଥିଲେ। ମାତ୍ର ମଣ୍ଡିରେ ଆବଶ୍ୟକ ସୁବିଧା ନ ଥିବାରୁ ନିଜେ ପାଲ ଆଣି ଧାନ ଘୋଡ଼ାଇ ରଖିଥିଲେ। ଦୁର୍ଜନତୈଲା ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସେ ୨୮.୯୪ କୁଇଣ୍ଟାଲର ଟୋକନ ପାଇଥିଲେ। ହେଲେ ଗତ ୨୯ ତାରିଖରେ ତାଙ୍କର ଟୋକନ ଲାପସ ହୋଇ ଯାଇଥିଲା। ଇତି ମଧ୍ୟରେ ଗତ ୩୦ ତାରିଖରେ ଧାନ ବିକ୍ରିର ଅବଧି ସମାପ୍ତ ହୋଇଯାଇଛି। ସେ ଶେଷଦିନ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ ତାଙ୍କର ଧାନ ବିକ୍ରି ହୋଇ ପାରି ନ ଥିଲା। ଫଳରେ କ୍ଷେତ୍ର ଚଉଲିଆ ଉପାୟଶୂନ୍ୟ ହୋଇ ନିଜ ଧାନକୁ ପୁଣି ଘରକୁ ଫେରାଇ ନେଉଛନ୍ତି। ମଣ୍ଡିରେ ଧାନ ରଖିବା ପାଇଁ ଆବଶ୍ୟକ ସୁବିଧା ନ ଥିବାରୁ କେତେକ ଧାନ ବସ୍ତା ଗଜା ହୋଇ ଯାଇଛି। ଏହି ପରିସ୍ଥିତିରେ ସେ କିପରି ଧାର ଉଧାର ପରିଶୋଧ କରିବେ ଏବଂ ବର୍ତ୍ତମାନ ଖରିଫ ଚାଷ କେମିତି କରିବେ ଆଶଙ୍କାରେ ଅଛନ୍ତି। ଏନେଇ ଦୁର୍ଜନତୈଲା ସେବା ସମବାୟ ସମିତି ସମ୍ପାଦକ ସୂର୍ଯ୍ୟକାନ୍ତ ଦେହୁରୀଙ୍କୁ ପଚାରିବାରୁ କ୍ଷେତ୍ର ଚଉଲିଆଙ୍କ ଟୋକନ ଅବଧି ୨୯ ତାରିଖ ପର୍ଯ୍ୟନ୍ତ ଥିଲା। ମାତ୍ର ସେ ମଣ୍ଡିରେ ଧାନ ଗଦା କରି ଦେଇ ଆସି ନ ଥିଲେ। କେବଳ ତାଙ୍କ ପୁଅମାନେ ଆସୁଥିଲେ। ଫଳରେ ତାଙ୍କର ଧାନ ଯାଇ ପାରିଲା ନାହିଁ ବୋଲି ପ୍ରକାଶ କରିଥିଲେ। ତେବେ ପ୍ରଶାସନ ଉକ୍ତ ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

Radhakrishna Institute of Technology & Engineering (RITE), Bhubaneswar
(AICTE Approved, NAAC Accredited, BPUT Affiliated)
Ref. No.: RITE/HR/Advt./2025-26/01
RECRUITMENT OF STAFF & FACULTIES
**RITE Bhubaneswar** is a premier Institute offering **B.Tech., MBA** and **MCA** programs.
**RITE Bhubaneswar** invites applications from eligible & experienced candidateds for following positions in corresponding departments:
01. **Professor/Associate Professor/Assistant Professor/Lab Assistant in following disciplines.**
MBA/MCA/B.Tech (CSE/CIVIL/ME/EE/Comp. Engg., Physics/Chemistry/Mathematics/English)
**Eligibility:** "M.Tech/MSc/MA/PhD in respective Subject"
02. **IT Administrator**
**Eligibility:** "M.Tech/MSc/MA/PhD in respective Subject"
03. **Non-Teaching Staff Positions : Driver** (Truck, Tractor, Car) Plumber, Painter
**Eligibility:** "Candidates must have at least 10th pass and a minimum of 5 years of relevant experience ."
**SALARY:** AS PER AICTE NORMS/INDUSTRY STANDARDS.
For further details visit College Campus
or send your resume to : **career@riteindia.edu.in**
The interested candidates need to email the duly filled application, CV, Photograph, Copy of Pan, Copy of Adhar Card & Testimonial within 7 days of Publication of this Advertisement.
The authority reserves the right to reject any or all applications without assigning any reason.
-SD- PRINCIPAL
RITE BHUBANESWAR
IDCO Plot-1, IDCO Industrial Estate Barunei, Khordha-752057, India,
Phone : 8895199998 Email - riteodisha@gmail.com, web : riteindia.edu.in

## ଅଗ୍ନିକାଣ୍ଡରେ ଜଳିଗଲା ଧାନ, ଚାଉଳ

ଅମରପାଲି,୧।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ସଂଗ୍ରାମପୁର ଗ୍ରାମ ପଞ୍ଚାୟତର ଯୁବରାଜପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ପଧାନଙ୍କ ଘରେ ଘଟିଛି ଏଭଳି ଅଗ୍ନିକାଣ୍ଡ। ଗତ ରାତିରେ ପରିବାର ଘରେ ନଥିବା ସମୟରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ଲୋକେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ପରେ ବୀରମହାରାଜପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁକିଛି ଜଳି ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ପୂର୍ଣ୍ଣଚନ୍ଦ୍ରଙ୍କ ଘରେ ଥିବା ୧୫ ପ୍ୟାକେଟ ଚାଉଳ,୧୫ ପ୍ୟାକେଟ ଧାନ, ୨୦ ହଜାର ଟଙ୍କା, ଏକ କୁଇଣ୍ଟାଲ ଲଙ୍କା, ସୁନା, ବାସନ, କପଡା ତଥା ଅନ୍ୟାନ୍ୟ ଆସବାବପତ୍ର ସବୁକିଛି ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ସ୍ଥାନୀୟ ଆରଆଇ ପୂର୍ଣ୍ଣଚନ୍ଦ୍ରଙ୍କ ଘରେ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି।

# ସମୂହ ଛୁଟିରେ ଗଲେ ଓଏଏସ୍, ଓଆର୍ଏସ୍ ଅଧିକାରୀ

ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣା

ସୋନପୁର,୧।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ କାର୍ଯ୍ୟାଳୟ ପରିସରରେ ଘୋଷାରି ମାଡ ଘଟଣାର ପ୍ରତିବାଦରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଓଡ଼ିଶା ପ୍ରଶାସନିକ ଅଧିକାରୀ, ଓଡିଶା ରାଜସ୍ୱ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ସଂଘ କର୍ମକର୍ତ୍ତା ଏଥିରେ ଯୋଗଦାନ କରି ନିଜର ମତ ରଖିଥିଲେ। ବୈଠକରେ ଅତିରିକ୍ତ କମିଶନରଙ୍କୁ ବିଏମ୍‌ସି କାର୍ଯ୍ୟାଳୟ ପରିସରରେ କେତେଜଣ ବ୍ୟକ୍ତି ଅଶାଳୀନ ଭାଷା ପ୍ରୟୋଗ କରିବା ସହ ମରଣାନ୍ତକ ଆକ୍ରମଣ କରିବା ନିନ୍ଦନୀୟ।



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଏଏସ୍ ଓ ଓଆରଏସ୍ ଅଧିକାରୀମାନେ।

ଏହାଦ୍ୱାରା ଆଗାମୀ ଦିନରେ ରାଜ୍ୟରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ନିଶ୍ଚିତ ଭାବେ ଭୟର ବାତାବରଣ ସୃଷ୍ଟି କରିବ ବୋଲି ଅଧିକାରୀମାନେ ମତ ରଖୁଥିଲେ। ଅଧିକାରୀଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ପ୍ରତିବାଦରେ ସୁବର୍ଣ୍ଣପୁର ଜିଲାର ସମସ୍ତ ଓଏଏସ୍ ଅଧିକାରୀ, ଓଆର୍ଏସ ଅଧିକାରୀ, ଜିଲାସ୍ତରୀୟ କାର୍ଯ୍ୟରତ ଅନ୍ୟାନ୍ୟ ସେବା ଅଧିକାରୀ, ଜିଲା ରାଜସ୍ୱ ଅମଲା ସଂଘ, ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ, ସୁବର୍ଣ୍ଣପୁର ଜିଲା ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘ ଦୃଢ଼ ନିନ୍ଦା ଓ ବିରୋଧ କରିବା ସହ ରାଜ୍ୟସ୍ତରୀୟ ଓଡ଼ିଶା ପ୍ରଶାସନିକ ଅଧିକାରୀ ସଂଘର କାର୍ଯ୍ୟ ବନ୍ଦ ପ୍ରତ୍ୟାହାର ନିଷ୍ପତ୍ତିକୁ ବିରୋଧ କରିଥିଲେ। ସୁବର୍ଣ୍ଣପୁର ଜିଲାର ଓଡ଼ିଶା ପ୍ରଶାସନିକ ଅଧିକାରୀ ସଂଘ ଅତିରିକ୍ତ କମିଶନରଙ୍କୁ ମାଡ଼ ଓ ଦୁର୍ବ୍ୟବହାରକୁ ଘୋର ବିରୋଧ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ଏହି ଦାବିରେ ଅଧିକାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଉଛନ୍ତି। ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସଂଘକୁ ଅନୁରୋଧ କରିବା ପାଇଁ ଜିଲା ସଂଘ ପକ୍ଷରୁ ପ୍ରସ୍ତାବ ଗୃହୀତ ହୋଇଛି। ଜିଲାର ଓଏଏସ ଓ ଓଆରଏସ ଅଧିକାରୀ ମାନେ ସମୂହ ଛୁଟିରେ ଯିବା ନେଇ ସୁବର୍ଣ୍ଣପୁର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

इंस्टीट्यूट ऑफ बैंकिंग पर्सोनेल सिलेक्शन ®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत
In assessment, India trusts us
वेबसाइट देखने हेतु स्कैन करें Scan to visit Website

ସିଆର୍‌ପି ପିଓ/ଏମ୍‌ଟି-XV ଏବଂ ସିଆର୍‌ପି ଏସ୍‌ପିଏଲ୍-XV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନି ଏବଂ ସ୍ପେଶାଲିଷ୍ଟ ଅଫିସର୍ସଙ୍କ ନିଯୁକ୍ତି (୨୦୨୬-୨୭ର ଖାଲିପଦବୀ) ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
ଅଫିସିଆଲ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ସର୍ବସାଧାରଣ କ୍ଷେତ୍ରର ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର / ମ୍ୟାନେଜମେଣ୍ଟ ଟ୍ରେନୀ ପଦବୀ ତଥା ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର ପଦବୀଗୁଡ଼ିକରେ ନିଯୁକ୍ତି ଏବଂ ଚୟନ ପାଇଁ ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା ସମ୍ଭାବ୍ୟ ଭାବେ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ:

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ପିଓ/ଏମ୍‌ଟି | ସ୍ପେଶାଲିଷ୍ଟ ଅଫିସର୍ସ |
|---|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ଅଗଷ୍ଟ ୨୦୨୫ | — |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ଅଗଷ୍ଟ ୨୦୨୫ | ଅଗଷ୍ଟ ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ସେପ୍ଟେମ୍ବର ୨୦୨୫ | ସେପ୍ଟେମ୍ବର ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ଅକ୍ଟୋବର ୨୦୨୫ | ନଭେମ୍ବର ୨୦୨୫ |
| ପରୀକ୍ଷାଫଳ ଘୋଷଣା – ମେନ୍ ପରୀକ୍ଷା | ନଭେମ୍ବର ୨୦୨୫ | ନଭେମ୍ବର ୨୦୨୫ |
| ବ୍ୟକ୍ତିତ୍ୱ ପରୀକ୍ଷା | ନଭେମ୍ବର/ଡିସେମ୍ବର ୨୦୨୫ | — |
| ସାକ୍ଷାତ୍‌କାର ସଞ୍ଚାଳନ | ଡିସେମ୍ବର ୨୦୨୫/ଜାନୁଆରୀ ୨୦୨୬ | ଡିସେମ୍ବର ୨୦୨୫/ଜାନୁଆରୀ ୨୦୨୬ |
| ପରୀକ୍ଷାମୂଳକ ଆବଣ୍ଟନ | ଜାନୁଆରୀ/ଫେବୃଆରୀ ୨୦୨୬ | ଜାନୁଆରୀ/ଫେବୃଆରୀ ୨୦୨୬ |

ବିବରଣୀ ତଥା ଅଦ୍ୟତନ ସୂଚନା ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ଅନ୍‌ଲାଇନ୍ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ନିର୍ଦ୍ଧାରିତ ତାରିଖରେ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ବୋଲି ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ପ୍ରତ୍ୟେକ ସବିଶେଷ ଅଧିସୂଚନାରେ ଦର୍ଶାଯାଇଥିବା ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ନିହାତି ଆବଶ୍ୟକ ।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୫
ନିର୍ଦ୍ଦେଶକ


ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ ଉତ୍ଫୁଲା ମାଉସୀ ମନ୍ଦିରରେ ଶ୍ରୀଜୀଉ ବାମନ ଅବତାର ବେଶରେ ଦର୍ଶନ ଦେଉଛନ୍ତି।


ସୁବର୍ଣ୍ଣପୁର ସହର ରାୟଗୁରୁପଡା ବୃନ୍ଦାବନ ବିହାରୀ ମନ୍ଦିରରେ ପ୍ରଭୁ ଜଗନ୍ନାଥ ରାମ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।


ବଡବଜାର ଗୁଣ୍ଡିଚା ମନ୍ଦିରରେ ମଙ୍ଗଳବାର ରାମ ଓ ଲକ୍ଷ୍ମଣ ବେଶରେ ତିନିଠାକୁର।





ସୁନ୍ଦରଗଡ଼ ରଙ୍ଗାଡିପା ମାଉସୀ ମା' ମନ୍ଦିରରେ ଶ୍ରୀଜୀଉମାନଙ୍କ 'ରାମ ପର୍ଶୁରାମ' ଅବତାର ବେଶ। ସୁନ୍ଦରଗଡ ରାଜବାଟୀ ଜଗନ୍ନାଥ ମନ୍ଦିର ଆଡପ ମଣ୍ଡପରେ ମଙ୍ଗଳବାର ଶ୍ରୀଜୀଉମାନଙ୍କ ରାମବଳରାମ ବେଶ।

# ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଦାବିପତ୍ର

ସୁନ୍ଦରଗଡ, ୧।୭(ଜୟନାରାୟଣ ମେଣ୍ଡୁଲି)

**ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ**

ସୁନ୍ଦରଗଡ଼ ମେଡ଼ିକାଲ କଲେଜ ଏବଂ ହସପିଟାଲ, ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ମଙ୍ଗଳବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୁନ୍ଦରଗଡ ହେଲଥ ୱାରିୟରସ ସଂଗଠନର ଅନୁରୋଧ କ୍ରମେ ସୁନ୍ଦରଗଡ଼ର ବିଭିନ୍ନ ସାମାଜିକ ସଙ୍ଗଠନ ଯଥା ଜିଲା ଓକିଲ ସଂଘ, ନାଗରିକ ସମିତି, ବରିଷ୍ଠ ନାଗରିକ ସମିତି, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ସହ ପୌରାଞ୍ଚଳର ବିଭିନ୍ନ ପୂଜା କମିଟିର ସଭ୍ୟା ତଥା ବିଭିନ୍ନ ରାଜନୈତିକ ଦଳର ସଭ୍ୟଙ୍କ ସହ ହେଲଥ ୱାରିୟରସର ସଭ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସରକାରୀ ମେଡିକାଲ କଲେଜରେ ସ୍ୱାସ୍ଥ୍ୟ ସେବାର ଉନ୍ନତି କରିବା ତଥା ବିଭିନ୍ନ ସମସ୍ୟାର ସମାଧାନ କରିବା ନିମନ୍ତେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଆଠ ଗୋଟି ପ୍ରମୁଖ ସମସ୍ୟା ବିଷୟ ରେ ଦର୍ଶାଯାଇଛି ଓଏସବୁ ସମସ୍ୟାଗୁଡ଼ିକର ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ଜିଲାପାଳଙ୍କୁ ଅନୁରୋଧ କରାଯାଇଅଛି। ଦାବିପତ୍ରରେ ଉଲ୍ଲେଖ ଥିବା ପ୍ରମୁଖ ସମସ୍ୟାଗୁଡ଼ିକ ହେଲା, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସରକାରୀ ମେଡିକାଲ କଲେଜରେ ଆଇସିୟୁ ଓ ଭେଣ୍ଟିଲେଟରର ବ୍ୟବସ୍ଥା କରାଯିବା। ସରକାରୀ ମେଡିକାଲ କଲେଜରେ ହୃଦରୋଗ, ସ୍ନାୟୁରୋଗ ଭଳି ଜରୁରୀକାଳୀନ ବିଭାଗ ଖୋଲାଯିବା। ଅବ୍ୟବହୃତ ହୋଇ ପଡିରହିଥିବା ଅତ୍ୟାଧୁନିକ ଉପକରଣ ଗୁଡିକୁ କାର୍ଯ୍ୟକ୍ଷମ କରାଯିବା। ଉଭୟ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସରକାରୀ ମେଡିକାଲ କଲେଜରେ ଖାଲିଥିବା ଡାକ୍ତର ଓ ଅନ୍ୟାନ୍ୟ ପଦବୀରେ କର୍ମଚାରୀ ନିଯୁକ୍ତି ଆଦି ଦାବି ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲାପାଳ ଅତିଶିଘ୍ର ଏକ ବୈଠକ ଆୟୋଜିତ କରି ସମସ୍ୟାଗୁଡ଼ିକ ସମାଧାନ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଟ୍ରେନ୍‌ରେ କଟି ଯୁବକ ମୃତ

କୁଆଁରମୁଣ୍ଡା, ୧।୭(ମହେନ୍ଦ୍ର କୁମାର ସାହୁ)–ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ତେଲିପୋଷ ରେଳଫାଟକ ନିକଟସ୍ଥ ଧାରଣାରେ ଜଣେ ଯୁବକ କଟି ପଡିଥିବାର ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ଦେଖିଥିଲେ। ଏହି ଖବର ପ୍ରଚାରିତ ହୋଇଯିବା ପରେ ସ୍ଥାନୀୟ ତେଲିପୋସ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନିଥିଲେ। ମୃତକ ହେଉଛନ୍ତି ତେଲିପୋଷ ଭଣ୍ଡାରଟୋଲାର ବିଜୟ ଟପ୍ପୋ(୩୦)। ଏ ନେଇ ମୃତକଙ୍କ ପରିବାର ଲୋକେ କୁଆଁରମୁଣ୍ଡା ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ପୋଲିସ ସେଠାରେ ପହଞ୍ଚି ଘଟଣା ସମ୍ପର୍କରେ ରାଉରକେଲା ଜିଆର୍‌ପିକୁ ଖବର ଦେଇଥିଲେ। ଏହା ପରେ ରେଳବାଇ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## ବଜ୍ରପାତରେ ୧୨ଗୋରୁ ମୃତ

**ସୁନ୍ଦରଗଡ଼,୧।୭(ଜୟନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା କର୍ଲା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ୧୨ଗୋରୁଙ୍କ ମୃତ୍ୟୁ ଘଟିଛି। ପୂର୍ବାହ୍ନ ୧୧ଟା ୩୦ରେ ଗ୍ରାମ ନିକଟ ପଡ଼ିଆରେ ଗୋରୁ ଚରୁଥିଲେ। ବର୍ଷା ହେବାରୁ ୧୨ ଗୋରୁ ଏକ ମହୁଲ ଗଛ ମୂଳେ ଆଶ୍ରୟ ନେଇଥିଲେ। ହଠାତ୍ ବଜ୍ରପାତ ହେବାରୁ ଏହି ୧୨ ଗୋରୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଗ୍ରାମବାସୀ ଏ ନେଇ ଧରୁଆଡ଼ିହି ଥାନାକୁ ଖବର ଦେବା ସହ ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ଅବଗତ କରାଇଛନ୍ତି।

# ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ

ଲହୁଣୀପଡା, ୧।୭(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ନମ୍ବର ଜାତୀୟ ରାଜପଥ ରାଜାମୁଣ୍ଡା ବାଇପାସ ଛକରେ ବାଇକ୍, ଅଟୋକୁ କାର ଧକ୍କା ଦେବାରେ ମୃତ୍ୟୁ ଘଟଣାକୁ ନେଇ ଅସନ୍ତୋଷ ଲାଗି ରହିଛି। ମଙ୍ଗଳବାର ମୃତଦେହ ରଖି ଗ୍ରାମବାସୀ ତିନି ଘଣ୍ଟା ଧରି ରାସ୍ତାଅବରୋଧ କରିଥିଲେ। ପୋଲିସ ଓ ପ୍ରଶାସନ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହେବା ପରେ ବାଧହୋଇ ବଡ଼ପୁରୁଣାପାଣି ପଞ୍ଚାୟତର ସାମୂହିକ ଦୃଷ୍ଟିରୁ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ଲୋକମାନେ ଯୁଟର୍ଣ୍ଣ ଖୋଲି ଦେଇଥିବା ଦେଖିବାକୁ ମିଳିଛି। ୧୪୩ ନମ୍ବର ଜାତୀୟ ରାଜପଥର ବାଇପାସଠାରେ ରବିବାର ଅପରାହ୍ନ ଏକ କାର, ବାଇକ ଓ ଯାତ୍ରୀ ବାହୀ ଅଟୋକୁ ଧକ୍କା ମାରିଥିଲା। ଫଳରେ ଦୁଇ ଶିଶୁଙ୍କ ସମେତ ୧୨ଜଣ ଆହତ ହୋଇଥିଲେ। ସେଥିମଧ୍ୟରୁ ୫ଜଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିଲା। ସେଥିମଧ୍ୟରୁ ସୋମବାର ସକାଳେ ତ୍ରିଲୋଚନ ଦାଶଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ କରି ଆଣିବା ପରେ ଦୁର୍ଘଟଣା ପ୍ରତିବାଦରେ ଏବଂ ଯୁଟର୍ଣ୍ଣ ଦାବିରେ ନୂଆଗାଁ ଓ କପଣ୍ଡ ଉଭୟ ଗ୍ରାମର ଲୋକେ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ୧୪୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ଓ ପ୍ରଶାସନ ପହଞ୍ଚି




ଜାତୀୟ ରାଜପଥ ଅବରୋଧ କରାଯାଇଛି।

**ବାଇକ୍, ଅଟୋକୁ କାର୍ ଧକ୍କା ଦେବାରେ ମୃତ୍ୟୁ ଘଟଣା**

ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଜାତୀୟ ରାଜପଥର ଦୁଇ ଜଣ ପ୍ରତିନିଧି ମଙ୍ଗଳବାର ସକାଳେ ଆସି ଲହୁଣୀପଡା ପୋଲିସ ଉପସ୍ଥିତିରେ ଲୋକ ପ୍ରତିନିଧି ଓ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକମାନେ ପ୍ରଦାନ କରିଥିବା ଦାବିପତ୍ର ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ସହ ସରକାରୀ ନିୟମ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରକାଶ କରିଥିଲେ। କିନ୍ତୁ ସୋମବାର ମୃତ୍ୟୁବରଣ କରିଥିବା ରାଜେନ୍ଦ୍ର କିଷାନଙ୍କ ମୃତଦେହ ମଙ୍ଗଳବାର ବ୍ୟବଚ୍ଛେଦ କରି ଆସିବା ପରେ ନୂଆଗାଁ ଗ୍ରାମବାସୀ ରାଜାମୁଣ୍ଡା ବାଇପାସ ଚାରି ଛକରେ ମୃତଦେହ ଗାଡିକୁ ଅଟକ ରଖି ଦୁର୍ଘଟଣାଜନିତ ସରକାରୀ ସାହାଯ୍ୟ ସହଯୋଗ ପ୍ରଦାନ ଏବଂ ପୋଲିସ ପ୍ରଶାସନ ସୋମବାର ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବା ବିରୋଧରେ ରାସ୍ତା ଅବରୋଧ କରିଥିଲେ। ଏହି ରାସ୍ତାଅବରୋଧ ଅପରାହ୍ନ ପ୍ରାୟ ୩ ଟାରୁ ଆରମ୍ଭ ହୋଇଥିଲା। ଖବର ପାଇ ବଣାଇ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳ, ଲହୁଣୀପଡା ଅତିରିକ୍ତ ତହସିଲଦାର ଝସକେତନ ନାୟକ, ଲହୁଣୀପଡା ଥାନା ଅଧିକାରୀ ସୁରଜ କୁମାର ଝାଙ୍କର, ବଣାଇ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ, ଗୁରୁଣ୍ଡିଆ ଥାନା ଅଧିକାରୀ ରାମେଶ୍ୱର ସିଂ ପୋଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ ଆନ୍ଦୋଳନକାରି ନିଜ ଜିଦରେ ଅଟଳ ରହିଥିଲେ। ଯୁଟର୍ଣ୍ଣ ଖୋଲିବା ପରେ ଯାଇ ରାସ୍ତାଅବରୋଧ ପ୍ରତ୍ୟାହାର ହୋଇଥିଲା। ଦୀର୍ଘ ତିନି ଘଣ୍ଟା କାଳ ରାସ୍ତାଅବରୋଧ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତାଅବରୋଧ ପ୍ରତ୍ୟାହାର ପରେ ଜାତୀୟ ରାଜପଥର ଅବସ୍ଥା ସ୍ୱାଭାବିକ ହୋଇଥିବା ଜଣାପଡିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

TEACHERS REQUIRED for SUNSHINE PLAY SCHOOL (Cuttack)
Qualification: Any Graduate
Contact No.:
9437106767
7854085452

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22-75-2024/1344 Dated, the 23rd June, 2025
Advertisement
Applications are invited from Indian Nationals for engagement of 01 (one) (UR) Engineer In-Charge (Tug) (Class-II) on Direct Recruitment basis in Paradip Port Authority.
For further details, visit our website : www.paradipport.gov.in/Career.aspx.
Sr. Asst. Secretary, Paradip Port Authority
PPA/PR/22/2025-2026, Dt.24/06/2025

Radhakrishna Institute of Technology & Engineering (RITE), Bhubaneswar
(AICTE Approved, NAAC Accredited, BPUT Affiliated)
Ref. No.: RITE/HR/Advt./2025-26/01
RECRUITMENT OF STAFF & FACULTIES
RITE Bhubaneswar is a premier Institute offering B.Tech., MBA and MCA programs.
RITE Bhubaneswar invites applications from eligible & experienced candidateds for following positions in corresponding departments:
01. Professor/Associate Professor/Assistant Professor/Lab Assistant in following disciplines.
MBA/MCA/B.Tech (CSE/CIVIL/ME/EE/Comp. Engg., Physics/Chemistry/Mathematics/English)
Eligibility: "M.Tech/MSc/MA/PhD in respective Subject"
02. IT Administrator
Eligibility: "M.Tech/MSc/MA/PhD in respective Subject"
03. Non-Teaching Staff Positions : Driver (Truck, Tractor, Car) Plumber, Painter
Eligibility: "Candidates must have at least 10th pass and a minimum of 5 years of relevant experience ."
SALARY: AS PER AICTE NORMS/INDUSTRY STANDARDS.
For further details visit College Campus or send your resume to : career@riteindia.edu.in
The interested candidates need to email the duly filled application, CV, Photograph, Copy of Pan, Copy of Adhar Card & Testimonial within 7 days of Publication of this Advertisement.
The authority reserves the right to reject any or all applications without assigning any reason. -SD- PRINCIPAL
RITE BHUBANESWAR
IDCO Plot-1, IDCO Industrial Estate Barunei, Khordha-752057, India,
Phone : 8895199998 Email - riteodisha@gmail.com, web : riteindia.edu.in

# ବନବିଭାଗ ପକ୍ଷରୁ ଚାରା ବିତରଣ

ହେମଗିର,୧।୭(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିରଠାରେ ମଙ୍ଗଳବାର ବନୀକରଣ ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସ୍ୱତନ୍ତ୍ର ଚାରା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହା ସହ ୭୬ତମ ବନ ମହୋତ୍ସବ ସପ୍ତାହ ଉତ୍ସାହର ସହିତ ପାଳନ କରାଯାଇଥିଲା। ଏହି ଅବସରରେ ହେମଗିର ଥାନା ଅଧିକାରୀ ଚିତ୍ତରଞ୍ଜନ ନାୟକ, ଏବିଡିଓ ଜିତେନ୍ଦ୍ରିୟ ମୁଣ୍ଡା, ପରିଷଦ ସଭ୍ୟା ମହିମା ସେଠ, ସମିତି ସଭ୍ୟା ମାନସୀ ଦର୍ଜୀ, ହେମଗିର ବନାଞ୍ଚଳ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ଏସ୍‌ବିଆଇ ଶାଖା ପରିଚାଳକ ଦେବରାଜ ଓରାମ, ସୁକାନ୍ତ ପତି, ପ୍ରମୋଦ ପତି, ହେମଗିର ଫରେଷ୍ଟ ସଞ୍ଜୟ କୁମାର ନାଏକ, ହେମଗିର ସେକ୍ସନ ଏବଂ ହେମଗିର ରେଞ୍ଜର କର୍ମଚାରୀ ଉପସ୍ଥିତି ଥିଲେ। ଏହି ଅବସରରେ ଜନସାଧାରଣଙ୍କୁ ଔଷଧୀୟ ଏବଂ ଫଳଦାୟକ ଗଛ ସମେତ ବିଭିନ୍ନ ଚାରା ବଣ୍ଟନ କରାଯାଇଥିଲା। ବୃକ୍ଷରୋପଣରେ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଥିଲେ।



ଚାରା ବଣ୍ଟନ କରାଯାଉଛି।



ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଧକ୍ଷ, ଅଧାପିକା ଅଧାପକ।

# ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ହେମଗିର,୧।୭(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଡୁଡୁକା ଭେଷଜ ପଟେଲ ମହାବିଦ୍ୟାଳୟର ଅଧକ୍ଷ ଡ.ଅଶୋକ କୁମାର ନାଏକଙ୍କ ଚାକିରି କାର୍ଯ୍ୟକାଳ ସମାପନ ହୋଇଛି। ଏହି ଅବସରରେ ସୋମବାର ମହାବିଦ୍ୟାଳୟଠାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ନାଏକ ଏହି ମହାବିଦ୍ୟାଳୟ ଠାରେ ୩୬ବର୍ଷରୁ ଅଧିକ ରହିଥିବାବେଳେ ୪ ବର୍ଷ ୩ମାସ ଅଧକ୍ଷ ଭାବରେ କାର୍ଯ୍ୟକାଳ ତୁଲାଇଥିଲେ। ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମହାବିଦ୍ୟାଳୟ ନୂତନ ଅଧକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମିନତୀ ମିଶ୍ରଙ୍କୁ ମଧ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଅନ୍ୟ ମହାବିଦ୍ୟାଳୟକୁ ବଦଳି ହୋଇଥିବା ପ୍ରାଧାପିକା ଡ. ସୌଦାମିନୀ ତ୍ରିପାଠୀ, ଅଧାପକ ଡ. ଉମାକାନ୍ତ ମହାରଣା ଓ ଅଧାପିକା ଡ. ମୋନାଲିସା ପ୍ରଧାନଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସଭାକୁ ପ୍ରାଧାପକ ବିଭୂତି ଭୂଷଣ ମିଶ୍ର ପରିଚାଳନା, ଅଧାପିକା ପଦ୍ମିନୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଏମ୍‌ପିଏଫ୍ ଟଙ୍କା ପ୍ରଦାନ ପାଇଁ ଦାବିପତ୍ର

**ହେମଗିର,୧।୭(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ବସୁନ୍ଧରା ସ୍ଥିତ ଜିଏମ୍‌ଙ୍କ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଏକ କମ୍ପାନୀରେ କାମ କରୁଥିବା କର୍ମଚାରୀମାନେ ସିଏମ୍‌ପିଏଫ ପାଣ୍ଠି ପ୍ରଦାନରେ କମ୍ପାନୀ ଅବହେଳା କରୁଥିବାର ଅଭିଯୋଗ କରି ଜିଏମ୍‌ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୨୦୧୯ରେ କମ୍ପାନୀ ବସୁନ୍ଧରାସ୍ଥିତ କୁଲଡା ମାଇନ୍ସଠାରେ କାମ କରୁଥିବାବେଳେ ୫ବର୍ଷ ପରେ କମ୍ପାନୀର ଚୁକ୍ତି ବନ୍ଦ ହୋଇଯାଇଥିଲା। କମ୍ପାନୀ ବନ୍ଦ ହେବାପରେ ପ୍ରାୟ ୨୫୦ କର୍ମଚାରୀ ସେମାନଙ୍କ ସିଏମପିଏଫ ଟଙ୍କା ପାଇପାରି ନ ଥିଲେ। ପ୍ରାୟ ଜଣକ ପ୍ରତି ଚାରିରୁ ପାଞ୍ଚ ଲକ୍ଷ ଥିବା ବେଳେ ଏହି ପଇସାକୁ କର୍ମଚାରୀମାନଙ୍କୁ ତୁରନ୍ତ ପ୍ରଦାନ କରିବା ପାଇଁ କର୍ମଚାରୀମାନେ ଦାବି କରିଛନ୍ତି। ନଚେତ ବସୁନ୍ଧରା ଜିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ମହରମ ପର୍ବ ପାଳନ ପାଇଁ ଶାନ୍ତି କମିଟି ବୈଠକ

ରାଜଗାଙ୍ଗପୁର, ୧।୭(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଆସନ୍ତା ୬ ତାରିଖରେ ମୁସଲିମ ସମ୍ପ୍ରଦାୟର ମହରମ ପର୍ବ ପାଳନ ହେବ। ଏହି ଅବସରରେ ଆୟୋଜିତ ହେବାକୁ ଥିବା ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ମଙ୍ଗଳବାର ରାତିରେ ସ୍ଥାନୀୟ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସୁନ୍ଦରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତ ନୂତନ ସାମଦ, ଡିଆଇଭି ଅତିରିକ୍ତ ଅଧୀକ୍ଷକ ମହେନ୍ଦ୍ର



ମହରମ ପର୍ବ ପାଳନ ପାଇଁ ଶାନ୍ତିକମିଟି ବୈଠକରେ ଉପସ୍ଥିତ ଅଧିକାରୀ।

ମୁର୍ମୁ ,ଏସ୍‌ଡିପିଓ ବିଭୂତିଭୂଷଣ ଭୋଇ, ଥାନାଧିକାରୀ ମନୋରଞ୍ଜନ ପ୍ରଧାନ, ଅତିରିକ୍ତ ଥାନା ଅଧିକାରୀ ବିଜୟ ଦାସ, ଉପନଗରପାଳ ମହମ୍ମଦ ଇରଫାନ ପ୍ରମୁଖ ଯୋଗଦେଇଥିଲେ। ମହରମ ପର୍ବ ପାଳନ ତଥା ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବା ପାଇଁ ଅନୁରୋଧ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ କହିଥିଲେ, ରାଜଗାଙ୍ଗପୁରରେ ପ୍ରତିଟି ପର୍ବ ଶାନ୍ତିପୂର୍ଣ୍ଣ ଭାବେ ହୋଇଥିବାରୁ ରାଜଗାଙ୍ଗପୁରବାସୀଙ୍କୁ ଧନ୍ୟବାଦ ଦେଇଥିଲେ। ସୋସିଆଲ ମିଡିଆରୁ ନିବୃତ୍ତ ରହିବା ପାଇଁ କହିଥିଲେ। ଯଦି କେହି ବିଶୃଙ୍ଖଳା କରିବା ପାଇଁ ଚେଷ୍ଟା କରିବେ ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହି ସମସ୍ତେ ମିଳିମିଶି ଶାନ୍ତିପୂର୍ଣ୍ଣ ଭାବେ ସମାପନ ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ମୁସଲିମ ପଞ୍ଚାୟତ ସମିତିର ସମ୍ପାଦକ ମହମ୍ମଦ ଅମନ ବିଭିନ୍ନ ସମସ୍ୟା ଉପସ୍ଥାପନ କରି ଏହାର ପ୍ରତିକାର ପାଇଁ ପ୍ରଶାସନକୁ ଅନୁରୋଧ କରିଥିଲେ। କଂଗ୍ରେସ ଟାଉନ ସଭାପତି ଦେବରଞ୍ଜନ ବିନୋଦଙ୍କ ସହ ଅନ୍ୟମାନେ ମତାମତ ଦେଇଥିଲେ।

इंस्टीट्यूट ऑफ बैंकिंग पर्सोनेल सिलेक्शन ®
(भारतीय रिजर्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
Scan to visit Website
ସିଆର୍‌ପି ପିଓ/ଏମ୍‌ଟି-XV ଏବଂ ସିଆର୍‌ପି ଏସ୍‌ପିଏଲ୍-XV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନି ଏବଂ ସ୍ପେଶାଲିଷ୍ଟ ଅଫିସର୍ସଙ୍କ ନିଯୁକ୍ତି (୨୦୨୬-୨୭ର ଖାଲିପଦବୀ) ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
ଅଫିସିଆଲ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ସର୍ବସାଧାରଣ କ୍ଷେତ୍ରର ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର / ମ୍ୟାନେଜମେଣ୍ଟ ଟ୍ରେନୀ ପଦବୀ ତଥା ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର ପଦବୀଗୁଡ଼ିକରେ ନିଯୁକ୍ତି ଏବଂ ଚୟନ ପାଇଁ ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା ସମ୍ଭାବ୍ୟ ଭାବେ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ:

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ପିଓ/ଏମ୍‌ଟି | ସ୍ପେଶାଲିଷ୍ଟ ଅଫିସର୍ସ |
|---|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପେମେଣ୍ଟ (ଅନ୍‌ଲାଇନ୍) | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ଅଗଷ୍ଟ ୨୦୨୫ | — |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ଅଗଷ୍ଟ ୨୦୨୫ | ଅଗଷ୍ଟ ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ସେପ୍ଟେମ୍ବର ୨୦୨୫ | ସେପ୍ଟେମ୍ବର ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ଅକ୍ଟୋବର ୨୦୨୫ | ନଭେମ୍ବର ୨୦୨୫ |
| ପରୀକ୍ଷାଫଳ ଘୋଷଣା – ମେନ୍ ପରୀକ୍ଷା | ନଭେମ୍ବର ୨୦୨୫ | ନଭେମ୍ବର ୨୦୨୫ |
| ବ୍ୟକ୍ତିତ୍ୱ ପରୀକ୍ଷା | ନଭେମ୍ବର/ଡିସେମ୍ବର ୨୦୨୫ | — |
| ସାକ୍ଷାତ୍କାର ସଞ୍ଚାଳନ | ଡିସେମ୍ବର ୨୦୨୫/ଜାନୁଆରୀ ୨୦୨୬ | ଡିସେମ୍ବର ୨୦୨୫/ଜାନୁଆରୀ ୨୦୨୬ |
| ପରୀକ୍ଷାମୂଳକ ଆବଣ୍ଟନ | ଜାନୁଆରୀ/ଫେବୃଆରୀ ୨୦୨୬ | ଜାନୁଆରୀ/ଫେବୃଆରୀ ୨୦୨୬ |

ବିବରଣୀ ତଥା ଅଦ୍ୟତନ ସୂଚନା ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ଅନ୍‌ଲାଇନ୍ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ନିର୍ଦ୍ଧାରିତ ତାରିଖରେ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ବୋଲି ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ପ୍ରତ୍ୟେକ ସବିଶେଷ ଅଧିସୂଚନାରେ ଦର୍ଶାଯାଇଥିବା ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ନିହାତି ଆବଶ୍ୟକ ।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୫ — ନିର୍ଦ୍ଦେଶକ

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ

**ଝାରସୁଗୁଡ଼ା,୧୭(ଆଶିଷ ରଞ୍ଜନ ଦାଶ)**

ଜିଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମଙ୍ଗଳବାର ପୂର୍ବାହ୍ନରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅବସରକାଳୀନ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ପ୍ରଦାନ କରାଯାଇଛି। ସେମାନେ ହେଲେ ଭାଲୁପତ୍ରା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସିଦ୍ଧେଶ୍ୱର ପାଣିଗ୍ରାହୀ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଦଲଗାଁର ଚତୁର୍ଥ ଶ୍ରେଣୀ କର୍ମଚାରୀ ବ୍ରଜଲାଲ ଧୂରୁଆ ଓ ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଢୁଗୁ ଧୂରୁଆ। ସେମାନେ ଜୁନ୍‌ରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ଅବସର ନେଇଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ପେପର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା, ଝାରସୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲଙ୍କ ସହିତ ଜିଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକୋ

**ଝାରସୁଗୁଡ଼ା/କିର୍ମିରା)୧୭, (ଆଶିଷ ରଞ୍ଜନ ଦାଶ/ସୁରେଶ ଜୟପୁରିଆ)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅଧୀନ ଅର୍ଡା ପଞ୍ଚାୟତର ଧୂତୁରା ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡିଛି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତା ନିର୍ମାଣ ଦାବିରେ ମଙ୍ଗଳବାର ପୂର୍ବାହ୍ନରେ ଗ୍ରାମବାସୀ ଆମ୍ବେଡକର ଛକଠାରେ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ଧୂତୁରା ମୁଖ୍ୟ ରାସ୍ତାରେ ଅଲଟ୍ରାଟେକ୍ ସିମେଣ୍ଟ କାରଖାନା ସମେତ ବିଭିନ୍ନ କମ୍ପାନୀର ଭାରିଯାନ ଚଳାଚଳ କରିବା ଦ୍ୱାରା ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ଖାଲ ହୋଇଥିବାବେଳେ ବର୍ଷା ହେଲେ ସେଥିରେ ପାଣି ଜମି ରହୁଛି। ଫଳରେ ଯାତାୟାତ ପାଇଁ ଛାତ୍ରୀଛାତ୍ର, ଶ୍ରମିକ ଓ ସରକାରୀ କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ବେଆଇନ ପାର୍କିଂ ଯୋଗୁ ଅଧିକାଂଶ ସମୟ ଦୁର୍ଘଟଣା ଘଟୁଛି। ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ଜିଲା ପ୍ରଶାସନ, କାରଖାନା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ଶେଷରେ ବାଧ୍ୟ ହୋଇ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଏପରିକି କାଦୁଅ ରାସ୍ତାରେ ଶୋଇଥିଲେ। ଏଥିଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଅଲଟ୍ରାଟେକ୍ ସିମେଣ୍ଟ କାରଖାନାର ମାନବ ସମ୍ବଳ ଅଧିକାରୀ ପୀତାମ୍ବର ପୃଷେଠ୍ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ବର୍ଷା ସମୟରେ ସାମୟିକ ଭାବେ ରାସ୍ତା ମରାମତି କରାଯିବ। ପରବର୍ତ୍ତୀ ସମୟରେ ଜିଲାପାଳଙ୍କ ଆଦେଶ ମିଳିବା ପରେ ରାସ୍ତା ନିର୍ମାଣ ହେବ। ଏଥିସହ ଯାନବାହନ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ ପୋଲିସ ମୁତୟନ କରାଯିବ ବୋଲି ସେ କହିଛନ୍ତି। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।




ଧୂତୁରା ଗ୍ରାମର ଜଣେ ବ୍ୟକ୍ତି କାଦୁଅରେ ଶୋଇ ରାସ୍ତାରେକୋ କରୁଛନ୍ତି।

## ପୁରୁଣା କୋଠାକୁ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ମାନ୍ୟତା ଦାବି

**ଦେବଗଡ଼,୧୭(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଲୋକାର୍ପିତ ହେବା ପରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରୁ ବିଭିନ୍ନ ଉପକରଣ ସେଠାକୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି। ସରକାରଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତେବେ ସହର ମଧ୍ୟ ସ୍ଥଳରେ ଥିବା ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାକୁ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟର ମାନ୍ୟତା ଦେଇ ଜନସାଧାରଣଙ୍କୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ବିଭିନ୍ନ ମହଲରେ ଦାବି ହୋଇଛି। ଏହିକ୍ରମରେ ଜିଲା ବରିଷ୍ଠ ନାଗରିକ ଫୋରମ ପକ୍ଷରୁ ଉପରୋକ୍ତ ଦାବିରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ସଭାପତି ରାମଚନ୍ଦ୍ର ମହାପାତ୍ର, ସମ୍ପାଦକ ଗୌରହରି ଷଡ଼ଙ୍ଗୀ, ସୁଦର୍ଶନ ଦାଶ, ଯୁଧିଷ୍ଠିର ଦାଶ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ରୁଦ୍ର ନାରାୟଣ ପାଣି, ଇଂ. ଘନଶ୍ୟାମ ଦ୍ୱିବେଦୀ ଓ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

**ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣା**

**ଦେବଗଡ଼,୧୭(ଶଶାଙ୍କ ଶେଖର ଝାଙ୍କର)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସୋମବାର କାର୍ଯ୍ୟାଳୟ ପରିସରରେ କେତେଜଣ ବ୍ୟକ୍ତି ମାଡ଼ ମାରିଥିଲେ। ଏହି ଘଟଣାକୁ ଦେବଗଡ଼ ଜିଲା ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଫିସର୍ସ ସଂଘ ଦୃଢ ନିନ୍ଦା କରିବା ସହ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ତେବେ ଏହି ଘଟଣାକୁ ନେଇ ମଙ୍ଗଳବାରଠାରୁ ସମସ୍ତ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀ ଛୁଟିରେ ରହିଛନ୍ତି। ଏଭଳି ପଦକ୍ଷେପ ସାହୁଙ୍କ ପ୍ରତି ଆମର ଏକତା ପ୍ରକାଶ କରିବା ଏବଂ ସରକାରୀ କର୍ମଚାରୀଙ୍କ ଉପରେ ବାରମ୍ବାର ହେଉଥିବା ଆକ୍ରମଣ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ପାଇଁ ଉଦ୍ଦିଷ୍ଟ। ତେବେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି। ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରୀକ୍ଷିତ ସାହୁ, ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ଏଜଲିନ ବାରା, ସୂର୍ଯ୍ୟକାନ୍ତ ବରିହା, ସହକାରୀ ଜିଲାପାଳ ହେମନ୍ତ ସିଂହ, ଈଶ୍ୱର ଗୁରୁ, ତାପସ ମହନ୍ତ, ତହସିଲଦାର କର୍ଣ୍ଣ ମଲ୍ଲିକ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା, ତିଳେଇବଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ସମେତ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀ ଉପସ୍ଥିତ ଥିଲେ।

# ଡାଇରିଆ ନିରାକରଣ ସଚେତନତା ବୈଠକ



ସମୀକ୍ଷା ବୈଠକରେ ଜିଲାପାଳ କବୀନ୍ଦ୍ର କୁମାର ସାହଙ୍କ ସହ ଅନ୍ୟ ଅଧିକାରୀ।

**ଦେବଗଡ଼,୧୭(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ମିଶନ ଶକ୍ତି ଡିପିସି ଶିଶିର କୁମାର ଷଡ଼ଙ୍ଗୀଙ୍କ ଆହ୍ୱାନକ୍ରମେ ଡାଇରିଆ ନିରାକରଣ ସଚେତନତା ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲାରେ ୩ଟି ବ୍ଲକ ଅଞ୍ଚଳରେ ଡାଇରିଆ ନିରାକରଣ ପାଇଁ ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଡାଇରିଆ ନିରାକରଣ ପାଇଁ ବିଶୁଦ୍ଧ ଖାଦ୍ୟ ଖାଇବା, ପିଇବା ପାଣିକୁ ଅଧଘଣ୍ଟା ଫୁଟାଇ ଥଣ୍ଡା ହେବା ପରେ ପିଇବା, ଖାଇବା ପୂର୍ବରୁ ହାତକୁ ସାବୁନରେ ସଫା କରିବା, ଖୋଲାରେ ବିକ୍ରି ହେଉଥିବା ଖାଦ୍ୟ ନ ଖାଇବା ଝାଡାବାନ୍ତି ହେଲେ ଓଆର୍‌ଏସ୍ ପାଣି ପିଇବାକୁ ଦେବା ସହ ତୁରନ୍ତ ଡାକ୍ତରଖାନା ନେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଜିଲାର ୩ଟି ବ୍ଲକ୍‌ରେ ୭ ସପ୍ତାହ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱମୋହନ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ସିଡିପିଓ ଏବଂ ଅନ୍ୟମାନେ ଯୋଗଦେଇଥିଲେ।

See Career Appointment on every Wednesday & Saturday

TEACHERS REQUIRED for SUNSHINE PLAY SCHOOL (Cuttack)
Qualification: Any Graduate
Contact No.:
9437106767
7854085452

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22-75-2024/1344 Dated, the 23rd June, 2025
Advertisement
Applications are invited from Indian Nationals for engagement of 01 (one) (UR) Engineer In-Charge (Tug) (Class-II) on Direct Recruitment basis in Paradip Port Authority.
For further details, visit our website : www.paradipport.gov.in/Career.aspx.
Sr. Asst. Secretary, Paradip Port Authority
PPA/PR/22/2025-2026, Dt.24/06/2025

Radhakrishna Institute of Technology & Engineering (RITE), Bhubaneswar
(AICTE Approved, NAAC Accredited, BPUT Affiliated)
Ref. No.: RITE/HR/Advt./2025-26/01
RECRUITMENT OF STAFF & FACULTIES
RITE Bhubaneswar is a premier Institute offering B.Tech., MBA and MCA programs.
RITE Bhubaneswar invites applications from eligible & experienced candidateds for following positions in corresponding departments:
01. Professor/Associate Professor/Assistant Professor/Lab Assistant in following disciplines.
MBA/MCA/B.Tech (CSE/CIVIL/ME/EE/Comp. Engg., Physics/Chemistry/Mathematics/English)
Eligibility: "M.Tech/MSc/MA/PhD in respective Subject"
02. IT Administrator
Eligibility: "M.Tech/MSc/MA/PhD in respective Subject"
03. Non-Teaching Staff Positions : Driver (Truck, Tractor, Car) Plumber, Painter
Eligibility: "Candidates must have at least 10th pass and a minimum of 5 years of relevant experience."
SALARY: AS PER AICTE NORMS/INDUSTRY STANDARDS.
For further details visit College Campus or send your resume to : career@riteindia.edu.in
The interested candidates need to email the duly filled application, CV, Photograph, Copy of Pan, Copy of Adhar Card & Testimonial within 7 days of Publication of this Advertisement.
The authority reserves the right to reject any or all applications without assigning any reason. -SD- PRINCIPAL
RITE BHUBANESWAR
IDCO Plot-1, IDCO Industrial Estate Barunei, Khordha-752057, India,
Phone : 8895199998 Email - riteodisha@gmail.com, web : riteindia.edu.in

# ନାଳରୁ ଅଚିହ୍ନା ଯୁବତୀଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**ଦେବଗଡ଼,୧୭(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଠିଆନାଳ ଗ୍ରାମର ଏକ ନାଳରେ ମଙ୍ଗଳବାର ଜଣେ ଅଚିହ୍ନା ଯୁବତୀଙ୍କ ମୃତଦେହ ଠାବ କରାଯାଇଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ତାଙ୍କୁ ହତ୍ୟାପରେ ନାଳରେ ଫିଙ୍ଗି ଦିଆଯାଇଥିବା ଅନୁମାନ କରାଯାଉଛି। ମୃତଦେହ ନିକଟରେ ଯୁବତୀଙ୍କ ଚପଲ, ହେୟାରକ୍ଲିପ୍, ମୋବାଇଲ୍ ସ୍କ୍ରିନ୍‌ଗାର୍ଡ ସମେତ ମଦ ବୋତଲ ପଡିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର କେତେଜଣ ଯୁବକ ମାଛ ଧରିବାକୁ ଯାଇଥିବାବେଳେ ନାଳରେ ଯୁବତୀଙ୍କ ଗଳିତ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯୁବତୀଙ୍କ ମୁହଁକୁ ଓଢଣିରେ ଢାଙ୍କି ଦିଆଯାଇଛି। ତେବେ ତାଙ୍କୁ କିଏ ଏବଂ କାହିଁକି ହତ୍ୟା କରିଛି ତାହା ସ୍ପଷ୍ଟ ହୋଇନାହିଁ। ବୁଧବାର ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ।

# ରକ୍ତଦାନ, ସ୍ୱାସ୍ଥ୍ୟସେବା ଶିବିର



ଶିବିରରେ ବିଧାୟକ ଟଙ୍କଧର ତ୍ରିପାଠୀ ଓ ଅନ୍ୟମାନେ।

**ଝାରସୁଗୁଡ଼ା,୧୭(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ତାଲପଟିଆ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ପୂର୍ବାହ୍ନରେ ଝାରସୁଗୁଡ଼ା ସିଏ ଆସୋସିଏଶନ, ଡାକ୍ତର ଆସୋସିଏଶନ ଓ ଲାୟନ୍ସ କ୍ଲବ୍ ଆନୁକୂଲ୍ୟରେ ମେଗା ରକ୍ତଦାନ ଏବଂ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ୍ ୧୬୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେହିପରି ରକ୍ତଦାନ ଶିବିରରୁ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏଥିରେ ଚକ୍ଷୁରୋଗ ବିଶେଷଜ୍ଞ ଦିଲୀପ ପଟ୍ଟନାୟକ, ସର୍ଜରି ବିଭାଗର ଆର୍.କେ. ଜୋଷୀ, ଦନ୍ତ ଚିକିତ୍ସକ ପି.କେ. ପଣ୍ଡା, ସିଏ ଆସୋସିଏଶନର ଏସ୍. ବଡ଼ପଣ୍ଡା, ପୱନ ସୁଲତାନିଆ, ଲାୟନ୍ସ କ୍ଲବ୍ ସଦସ୍ୟ ଏବଂ ଏସ୍‌ବିଆଇର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ | ସମସ୍ୟା ସମାଧାନ ଦାବି

**ଝାରସୁଗୁଡ଼ା,୧୭(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବନହରପାଲିସ୍ଥିତ ଓଡ଼ିଶା ପାୱାର ଜେନେରେଶନ କମ୍ପାନୀ (ଓପିଜିସି) ପୂର୍ବରୁ ୟୁନିଟ୍ ୩ ଓ ୪ ସମ୍ପ୍ରସାରଣ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରି ନ ଥିବା ତେଲେନପାଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏବେ ପୁଣି ଓପିଜିସିର ୟୁନିଟ୍ ୫ ଓ ୬ ସମ୍ପ୍ରସାରଣ ପାଇଁ ପୁଣିଥରେ ଜନଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ତେଣୁ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ଏବଂ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ତେଲେନପାଲି ପଞ୍ଚାୟତବାସୀ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତେଲେନପାଲି ପଞ୍ଚାୟତବାସୀ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଛନ୍ତି। ହେଲେ ସେମାନଙ୍କ ସମସ୍ୟା ସମାଧାନ ଦିଗରେ କମ୍ପାନୀ କର୍ତ୍ତୃପକ୍ଷ ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ତେଣୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ପଞ୍ଚାୟତବାସୀ ଏହାର ସମ୍ପ୍ରସାରଣକୁ ବିରୋଧ କରିବା ପାଇଁ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଏନେଇ ଓପିଜିସି କର୍ତ୍ତୃପକ୍ଷ କହିଛନ୍ତି, ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ମଧ୍ୟରୁ ଅଧିକାଂଶ ପୂରଣ କରିଛୁ। ଆଗାମୀ ଲୋକଙ୍କ ଯେପରି ଅସୁବିଧା ନ ହେବ ସେଥିପ୍ରତି ଆମେ ଯତ୍ନବାନ୍ ରହିଛୁ।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ତେଲେନପାଲି ପଞ୍ଚାୟତବାସୀ।

## ଝାରସୁଗୁଡ଼ା ଡିଏଭିରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

**ଝାରସୁଗୁଡ଼ା,୧୭(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଡିଏଭି ସ୍କୁଲର ନୂତନ ଅଧ୍ୟକ୍ଷ ଭାବରେ ଲକ୍ଷ୍ମୀକାନ୍ତ ଦେବତା ମଙ୍ଗଳବାର ଯୋଗ ଦେଇଛନ୍ତି। ପୂର୍ବରୁ ଏଠାରେ ଅଧ୍ୟକ୍ଷ ପଦରେ ରହିଥିବା ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ପଦୋନ୍ନତି ସହ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍, କଳିଙ୍ଗ ଏରିଆ, ତାଳଚେର ଡିଏଭିର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଅପରପକ୍ଷରେ ଲକ୍ଷ୍ମୀକାନ୍ତ ଏନ୍‌ଟିପିସି କଣିହାଁ ଅନୁଗୋଳ ଡିଏଭିରେ ପ୍ରାୟ ୮ ବର୍ଷ ଧରି ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ଝାରସୁଗୁଡ଼ା ଡିଏଭିକୁ ଉତ୍କୃଷ୍ଟ ସ୍ଥାନରେ ପହଞ୍ଚାଇବା ପାଇଁ ସର୍ବଦା ଚେଷ୍ଟା କରିବି ବୋଲି ଲକ୍ଷ୍ମୀକାନ୍ତ କହିଛନ୍ତି।

# ମୃତଦେହ ଛୁଇଁଲାନି ଜାତି ସମାଜ, ମଶାଣିରେ ପୋତିଲେ ସ୍ୱେଚ୍ଛାସେବୀ

**ଦେବଗଡ଼,୧୭(ଶଶାଙ୍କ ଶେଖର ଝାଙ୍କର)**

ଭିନ୍ନ ଜାତିରେ ବିବାହ କରିଥିବାରୁ ମୃତଦେହ ଛୁଇଁଲେନି ଜାତି ସମାଜର ଜନସାଧାରଣ। ପ୍ରାୟ ୩ ଘଣ୍ଟା ମୃତଦେହ ପଡ଼ିରହିବା ପରେ ସ୍ୱେଚ୍ଛାସେବୀମାନେ ବୋହିନେଇ ମଶାଣିରେ ପୋତିଛନ୍ତି। ମଙ୍ଗଳବାର ଏଭଳି ଘଟଣା ଦେଖିବାକୁ ମିଳିଛି ଦେବଗଡ଼ ଜିଲା ତିଳେଇବଣି ବ୍ଲକ ଟାଇଁସର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜରେଇକେଲା ଗ୍ରାମରେ। ସୂଚନା ଅନୁଯାୟୀ, ଜରେଇକେଲା ଗ୍ରାମର ଲୋକନାଥ ମହାକୁଳ ବାସନ୍ତୀ ନାମ୍ନୀ ଜଣେ ଭିନ୍ନ ଜାତିର ଯୁବତୀଙ୍କୁ ପ୍ରେମ ବିବାହ କରି ସାମାଜିକ କଟକଣାର ସମ୍ମୁଖୀନ ହୋଇଥିଲେ। ସମୟ ଗଡ଼ିବା ସହିତ ଉଭୟଙ୍କ ବୟସ ମଧ୍ୟ ବଢ଼ିଚାଲିଥିଲା। ପ୍ରାୟ ୩/୪ ବର୍ଷ ପୂର୍ବେ ବାର୍ଦ୍ଧକ୍ୟଜନିତ ରୋଗରେ ଲୋକନାଥଙ୍କ ମୃତ୍ୟୁ ଘଟିଥିଲା। ତେବେ ସେମାନଙ୍କର କୌଣସି ସନ୍ତାନ ନ ଥିବାବେଳେ ବାର୍ଦ୍ଧକ୍ୟଜନିତ ଦୁର୍ବଳତା କାରଣରୁ କୌଣସି କାମ କରିପାରୁ ନ ଥିଲେ ୮୦ ବର୍ଷୀୟା ବୃଦ୍ଧା ବାସନ୍ତୀ। ଫଳରେ ସେ ମାଗିକରି ଚଳିବା ସହିତ ସରକାରଙ୍କ ପକ୍ଷରୁ ମିଳିଥିବା ଆବାସ ଗୃହରେ ଏକାକୀ ରହୁଥିଲେ। କିଛିମାସ ହେବ ସେ ଶଯ୍ୟାଶାୟୀ ହୋଇପଡିବାରୁ ବଞ୍ଚିବା ପାଇଁ ପଡ଼ୋଶୀଙ୍କ ସହାୟତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲେ। ତାଙ୍କର ଜଣେ ପଡ଼ୋଶୀ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ତାଙ୍କ ଘରକୁ ଖାଦ୍ୟ ଆଣି ଆସିଥିବାବେଳେ ଘର ଚଟାଣରେ ବାସନ୍ତୀଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ସେ ଉକ୍ତ ଗ୍ରାମର ପୂର୍ବତନ ସମିତି ସଭ୍ୟ ବଳରାମ ଗଡ଼ନାୟକଙ୍କ ସମେତ ଗ୍ରାମବାସୀ ଏବଂ ବୃଦ୍ଧାଙ୍କ ଜାତି ସମାଜ ଲୋକଙ୍କୁ ଜଣାଇଥିଲେ। ତେବେ ବାସନ୍ତୀ ଭିନ୍ନ ଜାତିର ହୋଇଥିବାରୁ ଜାତି ସମାଜ ଲୋକେ ତାଙ୍କର ମୃତଦେହ ଛୁଇଁବାକୁ ମନା କରିଦେଇଥିଲେ। ଏଭଳି ପରିସ୍ଥିତିରେ ପୂର୍ବତନ ସମିତି ସଭ୍ୟ ଗଡ଼ନାୟକ କୌଣସି ଉପାୟ ନ ପାଇ ସ୍ୱେଚ୍ଛାସେବୀ ଅକ୍ଷୟ ସାହୁଙ୍କ ସହାୟତା ଲୋଡ଼ିଥିଲେ। ସ୍ୱେଚ୍ଛାସେବୀ ସାହୁଙ୍କ ସମେତ ସ୍ୱେଚ୍ଛାସେବୀ ବିପ୍ରଚରଣ ଜୟପୁରିଆ, ପ୍ରସନ୍ନ ଧଳ, ବିନୋଦ ବରୁଆ, ଟୁନା ବେହେରା, ରମେଶ ନାୟକ, ସଞ୍ଜୟ କିଣ୍ଡୋ, ସିଲ୍‌ବେଷ୍ଟାର ବାହାଲ ପ୍ରମୁଖ ଉକ୍ତ ଗ୍ରାମରେ ପହଞ୍ଚିଥିଲେ। ଅନୁରୂପ ଭାବେ ସୂଚନା ପାଇ ଦେବଗଡ଼ସ୍ଥିତ ଭୀମ ଆର୍ମୀର ସ୍ୱେଚ୍ଛାସେବୀ ରିଙ୍କୁ ବେହେରା, ପରମାନନ୍ଦ କୁସୁମ, ବିକାଶ ରଣଜିତ୍, ସୁନୀଲ ନାଏକ ଓ କେଦାର ରଣା ସେଠାରେ ପହଞ୍ଚିଥିଲେ। ପୂର୍ବତନ ସମିତି ସଦସ୍ୟ ଗଡ଼ନାୟକଙ୍କ ସହାୟତାରେ ଜେସିବି ସହାୟତାରେ ଗ୍ରାମ ମଶାଣିରେ ଗାତ ଖୋଳାଯାଇଥିଲା। ପରେ ଉପରୋକ୍ତ ସ୍ୱେଚ୍ଛାସେବୀ ପ୍ରବଳ ବର୍ଷା ସତ୍ତ୍ୱେ ଅପରାହ୍ନ ପ୍ରାୟ ୨ଟାରେ ବାସନ୍ତୀଙ୍କ ମୃତଦେହକୁ କଦଳୀଗଛରେ ସୁସଜ୍ଜିତ ଏକ ଖଟ ଦ୍ୱାରା ମଶାଣିକୁ ଆଣି ଗାତରେ ପୋତି ଦେଇଥିଲେ। ସ୍ୱେଚ୍ଛାସେବୀମାନଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

इंस्टीट्यूट ऑफ बैंकिंग पर्सोनेल सिलेक्शन ®
(भारतीय रिजर्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें / Scan to visit Website

ସିଆର୍‌ପି ପିଓ/ଏମ୍‌ଟି-XV ଏବଂ ସିଆର୍‌ପି ଏସ୍‌ପିଏଲ୍-XV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନି ଏବଂ ସ୍ପେଶାଲିଷ୍ଟ ଅଫିସର୍ସଙ୍କ ନିଯୁକ୍ତି (୨୦୨୬-୨୭ର ଖାଲିପଦବୀ) ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
ଅଫିସିଆଲ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ସର୍ବସାଧାରଣ କ୍ଷେତ୍ରର ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର / ମ୍ୟାନେଜମେଣ୍ଟ ଟ୍ରେନୀ ପଦବୀ ତଥା ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର ପଦବୀଗୁଡ଼ିକରେ ନିଯୁକ୍ତି ଏବଂ ଚୟନ ପାଇଁ ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା ସମ୍ଭାବ୍ୟ ଭାବେ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ:

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ପିଓ/ଏମ୍‌ଟି | ସ୍ପେଶାଲିଷ୍ଟ ଅଫିସର୍ସ |
|---|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ | ୦୧।୦୭।୨୦୨୫ରୁ ୨୧।୦୭।୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ଅଗଷ୍ଟ ୨୦୨୫ | — |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ଅଗଷ୍ଟ ୨୦୨୫ | ଅଗଷ୍ଟ ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ସେପ୍ଟେମ୍ବର ୨୦୨୫ | ସେପ୍ଟେମ୍ବର ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ଅକ୍ଟୋବର ୨୦୨୫ | ନଭେମ୍ବର ୨୦୨୫ |
| ପରୀକ୍ଷାଫଳ ଘୋଷଣା – ମେନ୍ ପରୀକ୍ଷା | ନଭେମ୍ବର ୨୦୨୫ | ନଭେମ୍ବର ୨୦୨୫ |
| ବ୍ୟକ୍ତିତ୍ୱ ପରୀକ୍ଷା | ନଭେମ୍ବର/ଡିସେମ୍ବର ୨୦୨୫ | — |
| ସାକ୍ଷାତ୍କାର ସଞ୍ଚାଳନ | ଡିସେମ୍ବର ୨୦୨୫/ଜାନୁଆରୀ ୨୦୨୬ | ଡିସେମ୍ବର ୨୦୨୫/ଜାନୁଆରୀ ୨୦୨୬ |
| ପରୀକ୍ଷାମୂଳକ ଆବଣ୍ଟନ | ଜାନୁଆରୀ/ଫେବୃଆରୀ ୨୦୨୬ | ଜାନୁଆରୀ/ଫେବୃଆରୀ ୨୦୨୬ |

ବିବରଣୀ ତଥା ଅଦ୍ୟତନ ସୂଚନା ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ଅନ୍‌ଲାଇନ୍ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ନିର୍ଦ୍ଧାରିତ ତାରିଖରେ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ବୋଲି ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ପ୍ରତ୍ୟେକ ସବିଶେଷ ଅଧିସୂଚନାରେ ଦର୍ଶାଯାଇଥିବା ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ନିହାତି ଆବଶ୍ୟକ ।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୫ ନିର୍ଦ୍ଦେଶକ

## ସଂକ୍ଷେପରେ

### ଶ୍ରୀଜଗନ୍ନାଥଙ୍କ ନୃସିଂହ ଅବତାର ବେଶ



**ରିଷିଡ଼ା,୧୭ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ରିଷିଡ଼ାସ୍ଥିତ ମାଉସୀ ମା’ ମନ୍ଦିରରେ ମଙ୍ଗଳବାର ଚତୁର୍ଥ ଦିବସରେ ଶ୍ରୀଜଗନ୍ନାଥଙ୍କ ନୃସିଂହ ଅବତାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅବତାରରେ ମହାପ୍ରଭୁଙ୍କୁ ଦର୍ଶନକରିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିଥିଲା। ଠାକୁରଙ୍କ ନୀତିକାନ୍ତିରେ ମନ୍ଦିର କମିଟି ସଭାପତି କରୁଣାକର ରଣା, ସମ୍ପାଦକ ପାର୍ଥ ସାହୁ, ବାବୁଲା ସାହୁ, ଦୁଷ୍ମନ୍ତ ଲେଙ୍କା, ଅନ୍ତର୍ଯାମୀ ସାହୁ, ସଞ୍ଜୟ ରଣା, ଗୁନୁ ସାହୁ, ସଞ୍ଜୟ କୁମାର ଜୈନ, କ୍ଷୀରସାଗର ରଣା ପ୍ରମୁଖ ସହଯୋଗ କରୁଛନ୍ତି।

### ଓଡ଼ିଶା ଷ୍ଟେଟ ଓପନ ଶୁଟିଂ ଚାମ୍ପିୟନଶିପ
### କମାଲ ଦେଖାଇଲେ କଳାହାଣ୍ଡିର ପୁଅ

**ଭବାନୀପାଟଣା,୧୭(ଉତ୍ତମ କୁମାର ଦାଶ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ୨ ଦିନ ଧରି ଚାଲିଥିବା ଦ୍ୱିତୀୟ ଓଡ଼ିଶା ଷ୍ଟେଟ ଓପନ ଶୁଟିଂ ଚାମ୍ପିୟନଶିପରେ କମାଲ ଦେଖାଇଛନ୍ତି କଳାହାଣ୍ଡିର ପୁଅ ବିଶ୍ୱଜିତ ପାତ୍ର। ଓଡ଼ିଶା ରାଇଫଲ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କଳାହାଣ୍ଡି ଜିଲା ଭବାନୀପାଟଣା ସହରର ବିଶ୍ୱଜିତ ୨ଟି ଇଭେଣ୍ଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରି ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ବିଶ୍ୱଜିତ ୧୦ ମିଟର ଓପନ ସାଇଟ ଏୟାର ରାଇଫଲ (ବରିଷ୍ଠ) ବର୍ଗରେ ସ୍ୱର୍ଣ୍ଣ ଓ ୫୦ ମିଟର ରାଇଫଲ (ବରିଷ୍ଠ ବର୍ଗରେ) ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।



### ଜଳନ୍ଧର ନାଏକ କଳାହାଣ୍ଡି ଜିଲା କଂଗ୍ରେସ ସଭାପତି

**ଭବାନୀପାଟଣା,୧୭(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଜଳନ୍ଧର ନାଏକଙ୍କୁ ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ ମନୋନୀତ କରିଛନ୍ତି। ଜଳନ୍ଧର ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରି ଜିଲା ଯୁବ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଜିଲା ସଭାପତି ଭାବେ ମନୋନୀତ ହେବା ପରେ ଭବାନୀପାଟଣାସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ରାଜ୍ୟ ସାଧାରଣ ସମ୍ପାଦିକା ମନ୍ଦାକିନୀ ବାଣୁଆ, ଜିଲା ଉପସଭାପତି ପ୍ରିତମ ବେହେରା, ଭବାନୀପାଟଣା ସଦର ବ୍ଲକ ସଭାପତି ସୁବାସ ପ୍ରଧାନ, ବ୍ରଜ ସାହୁ, ନିମାଞ୍ଚଳ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସଂଗଠନକୁ ମଜଭୁତ କରିବା ସହ ରାଜ୍ୟ ଓ କେନ୍ଦ୍ର ଶାସନଧୀନ ଭାଜପା ସରକାରର ସମସ୍ତ ଅବହେଳାକୁ ଲୋକ ଲୋଚନକୁ ଆଣିବା ପାଇଁ ଚେଷ୍ଟା ଜାରି ରହିବ ବୋଲି ଜିଲା ସଭାପତି ନାଏକ ପ୍ରକାଶ କରିଛନ୍ତି।

### ବନ ମହୋତ୍ସବରେ ଚାରା ରୋପଣ

**କେସିଙ୍ଗା,୧୭(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ତାଲୁକ ଆଇନସେବା ସମିତି ତରଫରୁ ବନ ମହୋତ୍ସବ ସପ୍ତାହ ଆରମ୍ଭ ଅବସରରେ ବ୍ଲକ୍‌ର ଦେଓଗାଁସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବରେ କେସିଙ୍ଗା ଜେଏମ୍‌ଏଫ୍‌ସି ଅଦାଲତ ବିଚାରପତି ଦୀପ୍ତା ସେଠୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଇନ ପରାମର୍ଶଦାତା ସୁକାନ୍ତ କୁମାର ପଧାନ, କେସିଙ୍ଗା ବନାଞ୍ଚଳ ଅଧିକାରୀ ସ୍ନିଗ୍ଧାସରିତା ବରିଆରସିଂ ଉପସ୍ଥିତ ଥିଲେ।

# ଶିକ୍ଷା ହିଁ ସୁସ୍ଥ ସମାଜର ପ୍ରତୀକ

**ନୂଆପଡ଼ା,୧୭ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ସିଲଭା ପଞ୍ଚାୟତ ଛିନ୍ଦପାଣି ଗାଁଠାରେ ମଙ୍ଗଳବାର ଚାରିଗଡ ଅଖଣ୍ଡ ମାଣିକପୁରୀ ପନିକା ସମାଜ କର୍ମଚାରୀ ସଂଘ ପକ୍ଷରୁ ଦଶମ ଓ ଯୁକ୍ତ ୨ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କବୀର ସାହେବଙ୍କୁ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ମଚାରୀ ସଂଘ ସଭାପତି ଦେବୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟ ତଥା ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଯୋଶୀ ମୁଖ୍ୟଅତିଥି, ଶାନ୍ତିଲାଲ ଦାସ, ଲାଲ ବାହାଦୁର ଦାସ, ଭୋଳା ଦାସ, ସନ୍ତୋଷ ଦାସ, ବଚନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ହେଉଛନ୍ତି ଆସନ୍ତାକାଲିର ଭବିଷ୍ୟତ । ଶିକ୍ଷା ବିନା ମଣିଷ ସଂସାରକୁ ଦେଖିପାରେ ନାହିଁ କିମ୍ବା ଆଗକୁ ବଢିପାରେ ନାହିଁ। ଶିକ୍ଷା ହିଁ ସୁସ୍ଥ ସମାଜର ପ୍ରତୀକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଚଳିତ ଶିକ୍ଷାବର୍ଷରେ ଦଶମ ଓ ଯୁକ୍ତ ୨ ବୋର୍ଡ ପରୀକ୍ଷାରେ ୬୦%ରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପନିକା ସମାଜ କର୍ମଚାରୀ ସଂଘ ପକ୍ଷରୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଖେମ ଦାସ ସଭା ପରିଚାଳନା କରିଥିବା ବେଳେ ନେତ୍ରମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ସଂଘ ସଦସ୍ୟ ଅଞ୍ଜଳି ଦାସ, ସେବନ ଦାସ, ନାରାୟଣ ଦାସ, ରାଧେ ଦାସ ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ସଚେତନତା ଶିବିର

**ଭୁବନେଶ୍ୱର,୧୭:** ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ସଚେତନତା ଶିବିର ଅଭିଯାନ ଭବାନୀପାଟଣାର ପ୍ରଗତି ଡିଗ୍ରୀ କଲେଜରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଗତି ଡିଗ୍ରୀ କଲେଜରୁ ୨୦୦୦ ରୁ ଅଧିକ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ସେହିଭଳି ଭବାନିପାଟଣାଠାରେ ଆୟୋଜିତ ଏହି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅନେକ ବିଷୟ ଆଲୋଚନା ହୋଇଥିଲା। ବିଶେଷକରି କମ୍ ବୟସରୁ ସଡ଼କ ସୁରକ୍ଷା ଆଚରଣକୁ ଅନ୍ତର୍ନିବେଶ କରିବା ନିମନ୍ତେ ଡିଜାଇନ କରାଯାଇଥିବା ଏହି ପ୍ରୟାସ ପ୍ରଗତି ଡିଗ୍ରୀ କଲେଜର ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ପ୍ରଭାବିତ କରିଥିଲା। ଏହି ଆନ୍ତଃ କ୍ରିୟାଶୀଳ କାର୍ଯ୍ୟକ୍ରମ ଏବଂ ବାସ୍ତବସ୍ତରରେ ସଡ଼କ ନିରାପତ୍ତା ସମ୍ପର୍କିତ ପ୍ରଶିକ୍ଷଣ ଜରିଆରେ ଶିକ୍ଷଣ ଓ ନିୟୋଜିତ କରିବା ନିମନ୍ତେ ଆଗ୍ରହୀ ଅଂଶଗ୍ରହଣକୁ ଏକତ୍ରିତ କରିଥିଲାବେଳେ ସଡ଼କ ନିରାପତ୍ତା ଏବଂ ସଚେତନତାର ସଂସ୍କୃତି ଗଢି ତୋଳିବାର ପ୍ରୟାସ କମ୍ପାନୀ ଜାରି ରଖିଛି। ଏହି ଅଭିଯାନରେ ଏକାଧିକ କାର୍ଯ୍ୟକଳାପ ଓ ଅଧିବେଶନ ଜରିଆରେ ଛାତ୍ରୀଛାତ୍ରୀଙ୍କୁ ନିୟୋଜିତ ରଖାଯାଇଥିଲା, ଯାହା ସେମାନଙ୍କ ଦୈନନ୍ଦିନ ପରିବେଶକୁ ନିରାପଦ ସଡ଼କ ବ୍ୟବହାର ପ୍ରଶିକ୍ଷଣ ନିମନ୍ତେ ଏକ ପ୍ଲାଟ୍‌ଫର୍ମରେ ପରିଣତ କରିଥିଲା। ଶିକ୍ଷଣକୁ ଉଭୟ ନିୟୋଜନକାରୀ ଏବଂ ପ୍ରଭାବୀ କରି ଗଢିତୋଳିବା ନିମନ୍ତେ ଅଧିବେଶନଗୁଡିକୁ ନିଖୁଣ ଭାବରେ ଡିଜାଇନ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କୁ ନିରାପଦ ଗାଡ଼ିଚାଳନାର ମୌଳିକ ବିଷୟଗୁଡିକ ସମ୍ପର୍କରେ ଅବଗତ କରାଯାଇଥିଲା, ଯେଉଁଥିରେ ସଡ଼କରେ ଗାଡ଼ିଚାଳନା ସମୟରେ ହେଲ୍‌ମେଟ୍ ପିନ୍ଧିବା ଏବଂ ଶୃଙ୍ଖଳା ଅନୁପାଳନ କରିବାର ଗୁରୁତ୍ୱ ସାମିଲ ଥିଲା।

## ଅଧିକରୁ ଅଧିକ ଚାରା ରୋପଣ ପାଇଁ ଆହ୍ୱାନ

**ଭବାନୀପାଟଣା,୧୭(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିବା ସହ ସ୍ୱେଚ୍ଛାସେବୀମାନଙ୍କୁ ଅଧିକରୁ ଅଧିକ ଚାରା ରୋପଣ ଲାଗି ଆହ୍ୱାନ ଦେଇଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ (ପୁରୁଷ) ଡ. ଜୟନ୍ତ କୁମାର ଦନସନା, ମହିଳା ବିଭାଗ ଅଧିକାରୀ ରୋଜ ମାରି ରଶ୍ମିତା ଏକ୍କା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷା ଋତୁରେ ହଜାରରୁ ଅଧିକ କ୍ୟାମ୍ପସ୍, କ୍ୟାମ୍ପସ ବାହାରେ ତଥା ଏନ୍‌ଏସ୍‌ଏସ୍‌ର ପୋଷ୍ୟଗ୍ରାମ ଓ ଜିଲାର ବିଭିନ୍ନ ଅନୁଷ୍ଠାନରେ ବୃକ୍ଷରୋପଣ ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯିବା ଲାଗି ପ୍ରସ୍ତାବ ପାରିତ ହୋଇଥିଲା। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଦୀପକ ବେହେରା, ଶାଶ୍ୱତ ଦାନୀ, ଅଭିଶେକ ମହାପାତ୍ର, ବିକାଶ ପଟେଲ, ବିଭୂତି ମଲ୍ଲିକ ପ୍ରମୁଖ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ।




ଭାରପ୍ରାପ୍ତ କୁଳପତି ଚାରା ରୋପଣ କରୁଛନ୍ତି।

## ନୂତନ କର୍ମଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଖଡ଼ିଆଳ,୧୭ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ପଞ୍ଚାୟତ ସମିତି ସଭାଗୃହଠାରେ ନୂତନ ଭାବେ ଯୋଗଦାନ କରିଥିବା କର୍ମଚାରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରସିଂହ ଗଡବା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ବିନୋଦ ବିହାରୀ ପଣ୍ଡା, ବିଏଫ୍‌ଓ ରମାକାନ୍ତ ବେହେରା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ବଦଳିହୋଇ ଆସିଥିବା ଏଇ ପର୍ଶୁରାମ କଅଁର, ଜେଇ ଶକୁନ୍ତଳା ଦାସ, ଜେଇ ସତ୍ୟମ ପୁରୋହିତ, ଏସ୍‌ଆର୍‌ଏ ରଞ୍ଜନା ଶବର, ଏସ୍‌ଆର୍‌ଏ ମୋହନ ବାଗ, ଏସ୍‌ଆର୍‌ଏ ରେଶମା ସାହୁ, ଜେଆର୍‌ଏ ଅଜୟ କୁମାର ଦଳେଇ, ପିଇଓ ସଞ୍ଜୟ କୁମାର ପ୍ରଧାନ, ପିଇଓ ସସ୍ମିତା ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସ୍ୱାଗତ କରାଯାଇଥିଲା। ବିଭୂତି ଭୂଷଣ ବିଶି ମଞ୍ଚ ପରିଚାଳନା କରିଥିବା ବେଳେ ବିଏଫ୍‌ଓ ରମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ତିଲେଇମାଲରେ ହେରାପଞ୍ଚମୀ ନୀତି



ହେରାପଞ୍ଚମୀ ନୀତି ସମ୍ପନ୍ନ କରାଯାଉଛି।

**ସିନାପାଲି,୧୭ (ମନଫୁଲ ମେହେର)**

ନୂଆପଡ଼ା ଜିଲା ଝାରବନ୍ଧ ଜଗନ୍ନାଥ ମନ୍ଦିର ତରଫରୁ ତିଲେଇମାଲ ଗ୍ରାମଠାରେ ମଙ୍ଗଳବାର ପବିତ୍ର ହେରାପଞ୍ଚମୀ ନୀତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ମନ୍ଦିରଠାରୁ ଶୋଭାଯାତ୍ରାରେ ଏକ ସୁସଜ୍ଜିତ ରଥରେ ମା’ ଲକ୍ଷ୍ମୀଙ୍କୁ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା। ସେଠାରେ ମା’ ଲକ୍ଷ୍ମୀଙ୍କ ବନ୍ଦାପନା ପରେ ଆଡପ ମଣ୍ଡପରେ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଏହା ପରେ ପ୍ରଭୁଙ୍କ ଉପରେ ଅସନ୍ତୁଷ୍ଟ ମା’ ଲକ୍ଷ୍ମୀ ବିଧି ଅନୁଯାୟୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭାଙ୍ଗିଥିଲେ । ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ପ୍ରଭୁ ଜଗନ୍ନାଥ ମାତା ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ଛାଡିଦେଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ମାଉସୀ ଘରକୁ ଆସିଥାନ୍ତି । ଏଥିରେ ଅସନ୍ତୁଷ୍ଟ ଥିବା ମା’ ଲକ୍ଷ୍ମୀ ହେରାପଞ୍ଚମୀ ତିଥିରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଭାଙ୍ଗିବା ପରମ୍ପରା ରହିଛି। କମିଟି ସଭାପତି ନୀଳ ରାଜ ସିଂ ମାଝୀ, ଉପସଭାପତି କେଶବ ମାଝୀ, ସମ୍ପାଦକ ସୁବାସ ଚନ୍ଦ୍ର ମାଝୀ, ସହ ସମ୍ପାଦକ କୃତ୍ତିବାସ ତେଜୀ ତଥା କମିଟିର ହୃଦାନନ୍ଦ ମାଝୀ, ଦାମୋଦର ଚିନ୍ଦା, ରିଖି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଦୀର୍ଘବର୍ଷ ଧରି ଝାରବନ୍ଧ ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତବର୍ଷ ପ୍ରଥମଥର ପାଇଁ ପଡ଼ୋଶୀ ତିଲେଇମାଲ ଗ୍ରାମରେ ମାଉସୀ ମା’ ମନ୍ଦିର କରାଯାଇଛି।

## ବନ ମହୋତ୍ସବ ସପ୍ତାହ ପାଳିତ



ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ଅତିଥିଙ୍କ ସହ ଅନ୍ୟମାନେ।

**ତୁଣ୍ଡଲା,୧୭(ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗା ବନ ବିଭାଗ ଓ ଇସିଓ କ୍ଲବ ତରଫରୁ ମଙ୍ଗଳବାର ‘ବନ ମହୋତ୍ସବ ସପ୍ତାହ’ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକର ହାତୀଖୋଜ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ପରିଚାଳନା କମିଟି ସଭାପତି ସୌଭାଗ୍ୟ ଭୋଇ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧବଳେଶ୍ୱର ସାହୁ, ଫରେଷ୍ଟର ବିସିକେଶନ କରୁଆଁ, ଇନ୍ଦ୍ରମଣି ମାଝୀ, ସୁଜାତା ବାଗ, ରୁକ୍ମିଣୀ ମାଝୀ, ରାଜଲକ୍ଷ୍ମୀ ପଧାନ, ବିଦ୍ୟାଳୟର ବରିଷ୍ଠ କିରାଣୀ ବିରଥ ସାହୁ, ସହକାରୀ ଶିକ୍ଷକ ଫଗୁଲାଲ ପଧାନଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମ କେସିଙ୍ଗା ବ୍ଲକର ବିଭିନ୍ନ ଅଞ୍ଚଳରେ ଜୁଲାଇ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ଶହୀଦ ଯବାନଙ୍କ ବଳିଦାନ ଦିବସ

**କେସିଙ୍ଗା,୧୭(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ କଣ୍ଡୁପଡ଼ା ଗ୍ରାମ ମାର୍କେଟ କମ୍ପ୍ଲେକ୍ସଠାରେ ସ୍ଥାପିତ ଗ୍ରାମର ଶହୀଦ ଯବାନ ଡୋଲାମଣି ସା’ଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ତାଙ୍କ ବଳିଦାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଡୋଲାମଣି ୧୯୯୭ ଜୁଲାଇ ୧ରେ ଭାରତୀୟ ସେନାରେ କାର୍ଯ୍ୟରତ ଅବସ୍ଥାରେ ବୀରଗତି ପ୍ରାପ୍ତ ହୋଇଥିଲେ। ସ୍ଥାନୀୟ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଶିକ୍ଷକ ତିରମ ସୁନାନୀଙ୍କ ତତ୍ତ୍ୱାବଧାନରେ ଜଳ ଓ ଆକାଶ ବାହିନୀର କ୍ୟାଡେଟମାନେ ଅଂଶଗ୍ରହଣ କରିଥିଲେ। ସରପଞ୍ଚ ଅରୁଣା ନାଗ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ, ପୂର୍ବତନ ଶିକ୍ଷକ ଚୈତନ୍ୟ ଭୋଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶହୀଦ ଯବାନଙ୍କ ଭାଇ ବିଭୂତି ସା, ବୈବସ୍ୱତ ସା, ମୀନକେତନ ସା, ଚନ୍ଦ୍ରଶେଖର ସା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଗୋବିନ୍ଦ ବ୍ରହ୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ସହ କ୍ୟାଡେଟ୍‌ମାନେ।

## ହାଇସ୍କୁଲରେ ଶହେଶଯ୍ୟା ବିଶିଷ୍ଟ ଛାତ୍ରାବାସ ଉଦ୍‌ଘାଟିତ

**ନୂଆପଡ଼ା,୧୭ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟତ ମେଣ୍ଡାଟାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଶହେ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଲଖନା ସରପଞ୍ଚ ପଦ୍ମିନୀ ସୁନା ମୁଖ୍ୟଅତିଥି, ଗାଁ ଗୌନ୍ତିଆ ରୋହିତ ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଯଶୋବନ୍ତି ବାଗ, ଡିଙ୍ଗର ମାଝି, ଦେବରାଜ ଶବର, ବୃଷବ ଶବର, ନାରାୟଣ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଛାତ୍ରାବାସ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ବିକାଶରେ ସାହାଯ୍ୟ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

## ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ

**ନୂଆପଡ଼ା,୧୭ (ମକାରୁ ବେମାଲ):** ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ପ୍ରତି ହୋଇଥିବା ଆକ୍ରମଣ ଘଟଣାକୁ ନେଇ ମଙ୍ଗଳବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ସଦର ବିଡିଓ ରୋହିତ ଭୋଇ, ଖରିଆର ରୋଡ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ, ନୂଆପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଉପସ୍ଥିତ ଥିଲେ। ସଭାରେ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅଧିକାରୀମାନଙ୍କ ସୁରକ୍ଷା ଦାବି କରାଯାଇଥିଲା। ଏହା ସହ ଦୋଷୀଙ୍କୁ ଧରା ନ ଯିବା ଯାଏ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀ ସାମୂହିକ ଛୁଟିରେ ଯିବା ପାଇଁ ଘୋଷଣା କରିଛନ୍ତି। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟକ୍ରମକୁ ଜିଲାର ସମସ୍ତ ଓଏଏସ୍, ଓଆର୍‌ଏସ୍ ଅଧିକାରୀ ବର୍ଜନ କରିଥିଲେ ।

## ମୁକ୍ତ ବିଚାରମଞ୍ଚର ଆଲୋଚନାଚକ୍ର

**ଖଡ଼ିଆଳ,୧୭ (ସୁଜିତ କୁମାର ପ୍ରଧାନ):** ମୁକ୍ତ ବିଚାରମଞ୍ଚ ଖଡ଼ିଆଳ ଆନୁକୂଲ୍ୟରେ ‘ଇରାନ ଉପରେ ଇସ୍ରାଏଲର ଆକ୍ରମଣ ଯଥାର୍ଥ’ ଶୀର୍ଷକରେ କ୍ଷତ୍ରିୟପାଟଣା ସଭାଗୃହ ମୁକ୍ତାପୁରଠାରେ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପୁଣ୍ୟତୋଷ ମୁଣ୍ଡ ଓ ଭଗତ ସିଂହ ବିଷୟ ସପକ୍ଷରେ ଏବଂ ଡ. ବି.କେ. ପତି ଓ ଆଦିତ୍ୟ ନାରାୟଣ ପଣ୍ଡା ବିଷୟ ବିପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏଥିରେ ସହରର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ପ୍ରଶ୍ନ ଉତ୍ତରରେ ସକ୍ରିୟ ଯୋଗଦାନ କରିଥିଲେ। ସର୍ବଶ୍ରୀ ସାମୁଏଲ ଦାନୀ, ଅଶ୍ୱିନୀ ପାଢ଼ୀ, ସୁଶାନ୍ତ ବିଶି, କାର୍ତ୍ତିକ ବାଗ, ଠାକୁର ଦାସ ମହାନନ୍ଦ, ନନ୍ଦକିଶୋର ପ୍ରଧାନୀ, ନନ୍ଦଲାଲ ବାରିକ ଉପସ୍ଥିତ ଥିଲେ।

# ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା



କଳାହାଣ୍ଡି ଓଏଏସ୍ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।



ନୂଆପଡ଼ା ଅମଲା ସଂଘ କର୍ମକର୍ତ୍ତା ପ୍ରତିବାଦ କରୁଛନ୍ତି।

**ଭବାନୀପାଟଣା,୧୭(ଉତ୍ତମ କୁମାର ଦାଶ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାର ତୀବ୍ର ନିନ୍ଦା କରିଛି କଳାହାଣ୍ଡି ଓଏଏସ୍ ସଂଘ। ଜଣେ କର୍ତ୍ତବ୍ୟରତ ବରିଷ୍ଠ ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟରେ ମାଡ଼ ମାରିବା ଘଟଣା ନେଇ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ଏହାସହ ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କଳାହାଣ୍ଡି ଓଏଏସ୍ ସଂଘ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଓଏଏସ୍ ସଂଘ ସଭାପତି ତଥା ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଛି। ଏହି ସମୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତାରୁ ଦୀପ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡାଙ୍କ ସମେତ ସଂଘର ବହୁ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରି ଜିଲାର ସମସ୍ତ ପ୍ରଶାସନିକ ସେବା ଅଧିକାରୀ ସାମୂହିକ ଛୁଟିରେ ରହିଥିବା ସୂଚନା ମିଳିଛି। ଏହାକୁ ଜିଲା ଓଆର୍‌ଏସ୍ ସଂଘ ପୂର୍ଣ୍ଣ ସମର୍ଥନ ଜଣାଇଛି।

## କାର୍ଯ୍ୟାନୁଷ୍ଠାନ ଦାବି କଲା ନୂଆପଡ଼ା ଅମଲା ସଂଘ

**ନୂଆପଡ଼ା,୧୭ (ମକାରୁ ବେମାଲ):** ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ କରିବା ଘଟଣାକୁ ଓଡ଼ିଶା ରାଜସ୍ୱ ଅମଲା ସଂଘ ନୂଆପଡ଼ା ଶାଖା ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଆକ୍ରମଣ କରିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିବାରୁ ଅଧିକାରୀ ଓ କର୍ମଚାରୀ ସଂଘ ଚିନ୍ତା ବ୍ୟକ୍ତ କରି ସୁରକ୍ଷା ଦାବି କରିଛନ୍ତି । ଏହି ଘଟଣାକୁ ରାଜ୍ୟ ସରକାର ଗୁରୁତର ସହ ଗ୍ରହଣ କରି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏହି ସମୟରେ ରାଜସ୍ୱ ଅମଲା ସଂଘ ସଭାପତି ତ୍ରିଲୋଚନ ରଥ, ସମ୍ପାଦକ ମଦନ ସୁନ୍ଦର ସାହୁ, କାର୍ଯ୍ୟକାରୀ ସଭାପତି ମନୋଜ କୁମାର ମହାରଣା, ରୀତା ବେହେରା, ଦିଲିପ କୁମାର କର, କେଶବ ରାମ ପୁଞ୍ଜି, ଦେବାଶିଷ ମହାପାତ୍ର, ମିନେଶ କୁମାର ଧରୁଆ, ତନ୍ମୟା କୁମାର ଜେନା, ଗୋକୁଳ ଜାନି, ସରଦୋଜ ହୋତା, ପୂଜା ଅରପିତା ଦାସ, କ୍ଷେତ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଚାଷୀଙ୍କ ବାଇକ୍ ଡିକି ଭାଙ୍ଗି ନେଇଗଲେ ଲକ୍ଷେ

**ସୋନପୁର,୧।୭(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ସହର ଘୋଡାଘାଟପଡା ଛକ ନିକଟରେ ବାଇକ୍ ଡିକି ଭାଙ୍ଗି ମଙ୍ଗଳବାର ୧ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଖଲିଆପାଲି ପଞ୍ଚାୟତ କିର୍ତ୍ତିପୁର ଗ୍ରାମର କୃଷ୍ଣମୁରାରି ପଣ୍ଡା ସୋନପୁର ୟୁନିଅନ ବ୍ୟାଙ୍କ ଶାଖାକୁ ନିଜ ଧାନ ବିକ୍ରି ଟଙ୍କା ଉଠାଇବାକୁ ଆସିଥିଲେ। ବ୍ୟାଙ୍କରୁ ୧ଲକ୍ଷ ଟଙ୍କା ଉଠାଇ ସେ ନିଜର ବ୍ୟାଙ୍କ ପାସବୁକ୍, ଚେକ୍ ବୁକ୍ ଓ ପାନ କାର୍ଡ ସହିତ ବାଇକ୍ ଡିକିରେ ରଖିଥିଲେ। ବାଇକ୍ ପଛରେ ଦୁଇ ଛୋଟ ଝିଅଙ୍କୁ ବସାଇ ସେ ଘର ଅଭିମୁଖେ ଯାଉଥିଲେ। ତେବେ ଘୋଡାଘାଟପଡା ଛକରେ ଦୁଇ ଝିଅଙ୍କୁ ଜଳଖିଆ ଖୁଆଇବା ପାଇଁ ସେ ଅଟକିଥିଲେ। ବାଇକ୍‌କୁ ରାସ୍ତା ପାର୍ଶ୍ୱରେ ରଖି ଉଠା ଦୋକାନୀ ନିକଟକୁ ସେ ଛୋଟ ପିଲାଙ୍କ ସହିତ ଜଳଖିଆ ଖାଇବାକୁ ଯାଇଥିଲେ। ଏହି ସମୟରେ ବ୍ୟାଙ୍କରୁ ପିଛା କରି ଆସିଥିବା ୩ ଜଣ ଯୁବକ ଡିକି ଭାଙ୍ଗି ସବୁ ତକ ଟଙ୍କା ନେଇ ଫେରାର ହୋଇ ଯାଇଛନ୍ତି। ଚାଷୀ ପଣ୍ଡା ଏ ସମ୍ପର୍କରେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଜାରି ରଖିଥିଲେ ମଧ୍ୟ ଏଥିରେ ସଫଳତା ମିଳିନାହିଁ।

### ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼,୧।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପଞ୍ଚାୟତ କଲେଜରେ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । କଲେଜରେ ଦୀର୍ଘଦିନ ଧରି କାର୍ଯ୍ୟ ତୁଲାଇଥିବା ଅଣଶିକ୍ଷକ କର୍ମଚାରୀ ମୁଖ୍ୟ କିରାଣି ତଥା ସେକ୍ସନ ଅଫିସର ଦୋଳଗୋବିନ୍ଦ ପ୍ରଧାନ, ରସାୟନ ବିଜ୍ଞାନ ବିଭାଗର ଷ୍ଟୋର କିପର ତ୍ରିନାଥ ପ୍ରସାଦ ତ୍ରିପାଠୀ ଏବଂ ରାତ୍ର ଜଗୁଆଳି ବାହାଦୁର କିରଣ ଗିରିଙ୍କୁ ଆନୁଷ୍ଠାନିକ ଭାବରେ ଏକକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମାରୋହର ସଭାପତି ଅଧ୍ୟକ୍ଷ ପ୍ରଫେସର ନକୁଳ ସେଠ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ବିଦାୟୀ ସହକର୍ମୀଙ୍କ ଦୀର୍ଘ ଦିନଧରି ମହାବିଦ୍ୟାଳୟ ପ୍ରତି ଏବଂ ଚାକିରି କାର୍ଯ୍ୟକ୍ଷେତ୍ରରେ ରହିଥିବା ସେମାନଙ୍କ ନିଷ୍ଠା ,ସେବା, ତ୍ୟାଗ ମନୋବୃତ୍ତିର ସ୍ମୃତିଚାରଣ କରିଥିଲେ । ମଞ୍ଚାସୀନ ପ୍ରଶାସନିକ ଅଧିକାରୀ ଡ. ଉମେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ସୁଶାନ୍ତ କୁମାର ପ୍ରଧାନ, ସିପୁନ ସେଠୀ, ମାନଭଞ୍ଜନ ପାଣିଗ୍ରାହୀ ପ୍ରମୁଖ ସହକାରୀ ପ୍ରଫେସର ବିଦାୟୀ ସହକର୍ମୀଙ୍କ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସଭାକୁ ଆମୂଳଚୂଳ ପରିଚାଳନା କରିଥିଲେ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଶେଷନ ବିଶି। ବିନୟ ମିଶ୍ର, ତନ୍ମୟ ମିଶ୍ର, ହରିହର ମିଶ୍ର, ପ୍ରିୟମ୍ବଦା ପ୍ରଧାନ, ଚୂଡ଼ାମଣି ପ୍ରଧାନ ପ୍ରମୁଖ ଅଣଶିକ୍ଷକ କର୍ମଚାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ପରିଶେଷରେ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ରାଜଶ୍ରୀ ଭଞ୍ଜ ନିଜର ଅଭିମତ ପ୍ରଦାନ ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ ।

**ପଦ୍ମପୁର (ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଜିଲାପାଳଙ୍କ ସଭାଗୃହଠାରେ ଉପଜିଲାପାଳ କାର୍ଯ୍ୟାଳୟର ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସଭାରେ କାର୍ଯ୍ୟାଳୟର ଅଧିକାରୀ ତଥା ସମସ୍ତ କର୍ମଚାରୀଙ୍କ ତରଫରୁ ଅତିରିକ୍ତ ଜିଲାପାଳ କୁନାଳ ମୋତିରାମ ଚୌହାନ ଓ ଉପଜିଲାପାଳ ସ୍ନେହା ଅରୁଗୁଲାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଚୋରି ସାଇକେଲ ଉଦ୍ଧାର

**ପାଇକମାଳ,୧।୭(ବଡ଼ ଶତପଥୀ):** ପାଇକମାଳ ସରକାରୀ ଡାକ୍ତରଖାନା ସମ୍ମୁଖରେ ଥିବା ପାନଦୋକାନୀ ନାରାୟଣ ସାହୁଙ୍କ ଚୋରି ହୋଇଥିବା ସାଇକେଲ ମଙ୍ଗଳବାର ପୋଲିସ ଉଦ୍ଧାର କରିଛି। ଚୋରି ଅଭିଯୋଗରେ ନୂଆପଡ଼ା ଜିଲା ବେଲଟୁକୁରି ଥାନା ଅଧୀନ ମସାନକୁଣ୍ଡା ଗ୍ରାମର କମଲେଶ ମଲ୍ଲିକ (୪୫)ଙ୍କୁ ଗିରଫକରି ପୋଲିସ ପଦ୍ମପୁର କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇଦିଆଯାଇଛି। ନାରାୟଣଙ୍କ ସୋମବାର ଅପରାହ୍ନରେ ସାଇକେଲ ଚୋରି ହୋଇଥିଲା। ଏ ନେଇ ସେ ପାଇକମାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୪୨/୨୫ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ପାଇକମାଳ ପୋଲିସ ଚୁହାପାଲି ନିକଟରୁ ଅଭିଯୁକ୍ତଙ୍କୁ ଚୋରି ସାଇକେଲ ସହ ଧରିଥିଲା।



ହେରାପଞ୍ଚମୀ ଅବସରରେ ପାଇକମାଳରେ ଶ୍ରୀଜଗନ୍ନାଥଙ୍କ ରଥ ଭାଙ୍ଗିବା ପାଇଁ ଲକ୍ଷ୍ମୀ ଠାକୁରାଣୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

# ହେରାପଞ୍ଚମୀରେ ଲକ୍ଷ୍ମୀ ଭାଙ୍ଗିଲେ ରଥ

**ପାଇକମାଳ, ୧।୭(ବଡ଼ ଶତପଥୀ)**

ପାଇକମାଳ ନୃସିଂହନାଥ ମନ୍ଦିରରୁ ମହାଲକ୍ଷ୍ମୀ ତାଙ୍କ ରଥରେ ବାହାରି ପାଇକମାଳ ମାଉସୀମା ମନ୍ଦିର ନିକଟକୁ ଆସିଥିଲେ। ମାଉସୀମା ଘର ସମ୍ମୁଖରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ରାଗରେ ଭାଙ୍ଗିଥିଲେ। ଦ୍ୱିତୀୟା ଦିନ ମହାପ୍ରଭୁ ଜଗନ୍ନାଥ ତାଙ୍କ ବଡ ଭାଇ ଭଉଣୀଙ୍କୁ ଧରି ମହାଲକ୍ଷ୍ମୀଙ୍କୁ ଛାଡି ଦେଇ ମାଉସୀ ଘରକୁ ଆସିଥିଲେ। ୫ ଦିନ ହେବ ମହାପ୍ରଭୁ ଜଗନ୍ନାଥ ଘରକୁ ନ ଫେରିବାରୁ ରାଗରେ ମହାଲକ୍ଷ୍ମୀ ମାଉସୀ ଘରକୁ ଯାଇ ରଥ ଭାଙ୍ଗିସାରିବା ପରେ ନିଜ ମନ୍ଦିରକୁ ଫେରି ଆସିଥିଲେ। ଏହି କାର୍ଯ୍ୟକ୍ରମରେ ନୃସିଂହନାଥ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ସୁନୀଲ ପୁରୋହିତ, ରୋଶନ ପାଣିଗ୍ରାହୀ, ଉମାକାନ୍ତ ପୁରୋହିତ,ମାତୃପ୍ରସାଦ ରଥ, ପ୍ରୀତେଶ ବଡ଼ପଣ୍ଡା, ଦୁର୍ଯ୍ୟୋଧନ ତ୍ରିପାଠୀ, ଅନିଲ ସାହୁ ତଥା ନୃସିଂହ ନାଥ ମନ୍ଦିର ପୂଜକମାନେ ସହଯୋଗ କରିଥିଲେ। ଫେରିବା ସମୟରେ ପାଇକମାଳ, ନରସିଂହପଡ଼ା, ଜର୍ଜଗଡ଼, ଦଣ୍ଡପାଟ, ଦୁର୍ଗାପାଲି ମା' ଭଉଣୀମାନେ ଏକତ୍ରିତ ହୋଇ ନିଜ ନିଜ ଘର ସମ୍ମୁଖରେ ମା'ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିଥିଲେ।

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

**ବୌଦ୍ଧ,୧।୭(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ବରୱେଲ ଖନନ କରିବା ନାଁରେ ଚାଷୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଛି। ଏ ନେଇ ମଙ୍ଗଳବାର ସେମାନେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି।

ସୂଚନା ମୁତାବକ, କେନ୍ଦୁଝର ଜିଲା ଡାଙ୍ଗରପଡାର ଏକ କମ୍ପାନୀ ବୌଦ୍ଧ ଜିଲାର ଡୁମ୍ବୁରିମୁଣ୍ଡା, ବ୍ରାହ୍ମଣୀ, ପଥରଖଣ୍ଡି ଗ୍ରାମରେ କିଛି ଚାଷୀଙ୍କ ବୋର୍‌ୱେଲ ଖନନ କରିଥିଲେ। ଆହୁରି ଅନେକ ଚାଷୀଙ୍କ ବୋର୍‌ୱେଲ ଖୋଳିବାକୁ ଉକ୍ତ କମ୍ପାନୀ ଚାଷୀ ପ୍ରତି ୨୧ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବାର ୩ ମାସ ବିତିଯାଇଥିଲେ ମଧ୍ୟ ଉକ୍ତ କମ୍ପାନୀ ବୋରୱେଲ ଖୋଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗଳବାର ଡୁମ୍ବୁରିମୁଣ୍ଡାର ଚାଷୀ ଜଗନ୍ନାଥ ସେଠୀ, ବ୍ରାହ୍ମଣୀ ଗାଁର ଚାଷୀ ସୁରେଶ କ୍ଷେତି, ପଥରଖଣ୍ଡି ଗାଁର ମୁରଲି ବଗର୍ତ୍ତୀଙ୍କ ସମେତ ବହୁ ଚାଷୀ ଜିଲାପାଳଙ୍କୁ ଫେରାଦ ହୋଇ ଏ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ।

**ଟଙ୍କା ନେଇ ବରୱେଲ ଖୋଳୁନି କମ୍ପାନୀ**

# ଚାକିରି ନାଁରେ ଠକେଇ ଅଭିଯୋଗ, ଜଣେ ଗିରଫ

**ଅତାବିରା,୧।୭(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଗୋଡ଼ଭଗା ଅଞ୍ଚଳରେ ଏମ୍‌ସିଏଲରେ ଚାକିରି କରାଇଦେବା ନାଁରେ ଜଣେ ବ୍ୟକ୍ତିଙ୍କଠାରୁ ୧୦ଲକ୍ଷ ଟଙ୍କା ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଛନ୍ତି ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ମହଖଣ୍ଡର ମନୋଜ କର୍ମୀ। ମନୋଜଙ୍କ ଏତଲା କ୍ରମେ ସ୍ଥାନୀୟ ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସମ୍ବଲପୁର ଜିଲା ଚିପିଲିମା ଫାଣ୍ଡି ଅଧୀନ ମାରାଙ୍ଗଗୋଲା ଗ୍ରାମର ପ୍ରକାଶ ଜଗଦଲା। ଏ ନେଇ ଅତାବିରା ଥାନା ପୋଲିସ ନଂ. ୨୨୧/୨୫ରେ ମାମଲା ରୁଜୁ କରିଛି।

ପ୍ରକାଶ ଯେ, ଗତ ଦୁଇ ବର୍ଷ ହେଲା ଗୋଡ଼ଭଗା ଅଞ୍ଚଳର କେତେକ ଲୋକଙ୍କୁ ଚାକିରି କରାଇଦେବା ଆଳ ଦେଖାଇ ପ୍ରକାଶ ସେମାନଙ୍କଠାରୁ ଟଙ୍କା ନେଉଥିଲେ। ଏପରି କି ଏମ୍‌ସିଏଲରେ ଯୋଗଦାନ ପାଇଁ ନିଯୁକ୍ତି ପତ୍ର ମଧ୍ୟ ଦେଇଥିଲେ। ତେବେ ଏମ୍‌ସିଏଲରେ ଯୋଗ ଦେବାକୁ ଯିବା ବେଳେ ତାହା ନକଲି ନିଯୁକ୍ତି ପତ୍ର ବୋଲି ଜଣାପଡିଥିଲା। ଠକେଇର ଶିକାର ହୋଇଥିବା ଜାଣି ସମ୍ପୃକ୍ତ ଲୋକମାନେ ଜଗଦଲାଙ୍କୁ ଟଙ୍କା ଫେରାଇବା ପାଇଁ କହିଥିଲେ। କିନ୍ତୁ ସେ ଟଙ୍କା ଫେରାଇବାକୁ ଦିନ ଗଡ଼ାଇ ଚାଲିଥିଲେ। ତେବେ ଟଙ୍କା ନ ମିଳିବାରୁ ବାଧ ହୋଇ ମନୋଜ କର୍ମୀ ଗତ ଜୁନ ୧୧ ତାରିଖରେ ଅତାବିରା ଥାନାର ଏତଲା ଦେଇଥିଲେ। ଏହି ଠକେଇ ଘଟଣାକୁ ଗୁରୁତ୍ୱ ସହ ନେଇ ଅତାବିରା ଥାନା ଆଇଆଇସି ପ୍ରକାଶ କର୍ଣ୍ଣଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ତଦନ୍ତ କରି ମଙ୍ଗଳବାର ସକାଳେ ଚିପିଲିମା ଚାରପାଲି ପାଖରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଜିଲାସ୍ତରୀୟ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା



ଯୋଗାସନ କ୍ରୀଡା ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ପ୍ରତିଯୋଗୀବୃନ୍ଦ।

**ବରଗଡ଼, ୧।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲା ଯୋଗାସନ କ୍ରୀଡ଼ା ସଂଘ ଏବଂ ବରଗଡ଼ର ଏଡିଭର୍ସ ହେଲପିଙ୍ଗ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ସଭାପତି ଦିବାକର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ଭେଡେନ ବ୍ଲକ ଶିକ୍ଷାଧିକାରୀ ମହେନ୍ଦ୍ର କୁମାର ମଲ୍ଲିକ, ବରଗଡ଼ ନିଶାମଣୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ଜିଲା ଶାରୀରିକ ନିରୀକ୍ଷକ ପ୍ରଦୀପ୍ତ କୁମାର ନାଏକ, ସମାଜିକ କର୍ମୀ ପ୍ରିତମ ସିଂ, ବାପୁଜୀ ସ୍ୱତନ୍ତ୍ର ବିଧାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଜିଲା ଯୋଗାସନ ଆସୋସିଏଶନର ସଭାପତି ରାକେଶ ସ୍ୱାଇଁ, ସମ୍ପାଦକ ଗୋପାଳ ପୋଡ଼ ମଧ୍ୟ ମଞ୍ଚାସୀନ ଥିଲେ। ସେହିପରି ଉଦ୍‌ଯାପନୀ ସଭାରେ ବରଗଡ଼ ଜିଲା ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ବାପୁଜୀ ମାନସିକ ଅନଅଗ୍ରସର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ, ଏଡିଭର୍ସ ହେଲପିଙ୍ଗ ଫାଉଣ୍ଡେସନର ସମ୍ପାଦକ ଭଗବାନ ପ୍ରଧାନ ଯୋଗଦାନ କରିଥିଲେ । କନକ ପ୍ରଧାନ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ବିଚାରକ ଭାବରେ କାର୍ତ୍ତିକ ସାମରଥ, ଯୋଗ ପ୍ରଶିକ୍ଷକ ଚିଣ୍ଟୁ ଗଡ଼ତିଆ, କେଶବ ପ୍ରଧାନ, ରଶ୍ମିରାଣି ନନ୍ଦ, ଲମ୍ବୋଦର ସାହୁ, ହେମନ୍ତ ସାହା ଏବଂ ସମ୍ବଲପୁରର ସୁରେନ୍ଦ୍ର କୁମାର ପଣ୍ଡା, ଝରଣା ଦାଶ, ଲେନିଶ ଯୋଶୀ, ରୋଶନ ଭୋଇ, ଅମିତ ଭୋଇ, ପ୍ରଜ୍ଞାନ ନନ୍ଦ, ପବିତ୍ର ମାହାପାତ୍ର, ସକଳ ମାଝୀ, ସଞ୍ଜୀବ କୁମାର ଯୋଶୀ, କୀର୍ତ୍ତିଚନ୍ଦ୍ର ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୱାର୍ଡମେମ୍ବରଙ୍କୁ ମାଡ଼ ଅଭିଯୋଗ

**ବରପାଲି,୧।୭(ଚିତ୍ତରଞ୍ଜନ ସାହୁ):** ବରପାଲି ଥାନା ଅନ୍ତର୍ଗତ ଭଟିଗାଁ ଗ୍ରାମପଞ୍ଚାୟତ ୧୩ ନମ୍ବର ୱାର୍ଡର ୱାର୍ଡମେମ୍ବର ପ୍ରଭାକର ଶିକାଙ୍କୁ ମଙ୍ଗଳବାର ସରପଞ୍ଚ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ୱାର୍ଡମେମ୍ବର ପ୍ରଭାକରଙ୍କ ଏତଲାକ୍ରମେ ସ୍ଥାନୀୟ ପୋଲିସ ଏକ ମକଦ୍ଦମା ( ନଂ. ୧୮୪/୨୫) ରୁଜୁ କରିଛି। ଅଭିଯୋଗ ଅନୁସାରେ, ଭଟିଗାଁ ଗ୍ରାମପଞ୍ଚାୟତ ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ରେଟା ମୁଣ୍ଡାରୁ ଗୁଲିହାପଦରର ରାସ୍ତାକୁ ବିଭାଗୀୟ ଅଧିକାରୀମାନେ ନିର୍ମାଣ କରୁଥିବା ବେଳେ ୱାର୍ଡମେମ୍ବର ହିସାବରେ ପ୍ରଭାକର କାର୍ଯ୍ୟର ତଦାରଖ କରୁଥିଲେ। ସକାଳେ ସେ କୌଣସି କାର୍ଯ୍ୟ ପାଇଁ ବରପାଲି ବ୍ଲକ୍ ଅଫିସକୁ ଆସିଥିବା ବେଳେ ଭଟିଗାଁ ସରପଞ୍ଚ ହିମାଞ୍ଚଳ ସାହୁ ସେଠାରେ ପହଞ୍ଚି ତାଙ୍କୁ ଜାତିଆଣ ଆକ୍ଷେପ ସହ ଗାଳିଗୁଲଜକରି ଆକ୍ରମଣ କରିଥିଲେ ବୋଲି ସେ ବରପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବରଗଡ଼ ଏସ୍‌ଡିପିଓଙ୍କୁ ଘଟଣାର ତଦନ୍ତ ପାଇଁ ସେ ଅନୁରୋଧ କରିଛନ୍ତି। ସେହିପରି ସରପଞ୍ଚ ହିମାଞ୍ଚଳ ସାହୁ ମଧ୍ୟ ୱାର୍ଡମେମ୍ବର ସିକାଙ୍କ ନାମରେ ଏକ ପାଲଟା ଅଭିଯୋଗ ଦେଇଥିବା ସୂଚନା ମିଳିଛି। ସ୍ଥାନୀୟ ପୋଲିସ ଉଭୟଙ୍କ ଏତଲାକୁ ଅଧାର କରି ତଦନ୍ତ ଚଳାଇଛି।

# ସମୂହ ଛୁଟିରେ ଯିବେ ଓଏଏସ୍ ଅଧିକାରୀ



ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଉଛି।

**ବୌଦ୍ଧ,୧।୭(ଅଜିତ କୁମାର ବାରିକ)**

**ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ର ପ୍ରତିବାଦ**

ବିଏମ୍‌ସିର ଅତିରିକ୍ତ କମିଶନରଙ୍କୁ ମାଡ ପ୍ରତିବାଦରେ ବୌଦ୍ଧ ଜିଲାରେ କାର୍ଯ୍ୟରତ ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ରହିବାକୁ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନଙ୍କ ନେତୃତ୍ୱରେ ଜିଲାରେ କାର୍ଯ୍ୟରତ ସମସ୍ତ ଓଏଏସ୍ ଅଧିକାରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରିବା ସହିତ ସମସ୍ତ ଅଧିକାରୀଙ୍କ ସହିତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ବୈଠକ କରି କୌଣସି ଅଧିକାରୀ ଜିଲା ମୁଖ୍ୟାଳୟ ଛାଡି ନ ଯିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସଂଘର ଆହ୍ୱାନକ୍ରମେ ଜିଲାରେ ସମସ୍ତ ଅଧିକାରୀ ଛୁଟିରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଅଧିକାରୀମାନେ ଛୁଟିରେ ରହିବା ଯୋଗୁ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଜନସାଧାରଣ ହଇରାଣ ହେବା ସମ୍ଭାବନା ରହିଛି।

# ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ଶ୍ରାଦ୍ଧବାର୍ଷିକୀ

**ବରପାଲି,୧।୭(ଚିତ୍ତରଞ୍ଜନ ସାହୁ)**

ବରପାଲି ଗଙ୍ଗାଧର କ୍ଲବ୍ ପରିସରରେ ବାନ୍ଧକଳାର ପ୍ରବାଦ ପୁରୁଷ ଶିଳ୍ପଗୁରୁ ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ସପ୍ତଦଶ ପୁଣ୍ୟତିଥି ଅବସରରେ ଏକ ଶ୍ରାଦ୍ଧସଭା ଗତ ସୋମବାର ରାତି ୮ଟାରେ ଅନୁଷ୍ଠିତ ହୋଇଥିଲା । ଏଥିସହ ପ୍ରତିଷ୍ଠିତ କଳା ଭାରତୀ ଟ୍ରଷ୍ଟ ସଂଗ୍ରହାଳୟ ଓ କଳାଭବନ ପରିବାର ତରଫରୁ ତାଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା। ଶ୍ରାଦ୍ଧସଭାରେ ମୁଖ୍ୟ ଅତିଥି ଭାବରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଯସ୍‌ୱାଲ, ବରଣ୍ୟ ଅତିଥି ଆଇଆଇଏଚ୍‌ଟି ବରଗଡ଼ର ନିର୍ଦ୍ଦେଶକ ପ୍ରଫେସର ବ୍ରିଜେଶ ଅବସ୍ଥି ତଥା ସମ୍ମାନିତ ଅତିଥି ଭାବରେ ନିଖିଳ ଓଡ଼ିଶା ଭୁଲିଆ ସମାଜର କାର୍ଯ୍ୟକାରୀ ସଭାପତି ସୁସାହିତ୍ୟିକ ସୁରେନ୍ଦ୍ର ମୋହନ ମେହେର ଏବଂ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ଶେଷଣ ବିଶି ଯୋଗଦାନ କରିଥିଲେ। ସଭାପତିତ୍ୱ କରିଥିଲେ କଳା ଭାରତୀର ସଭାପତି ଡ. ରବୀନ୍ଦ୍ର କୁମାର ଗଡ଼ତିଆ। ତାଙ୍କର ସୁପୁତ୍ର ବିଶିଷ୍ଟ ବାନ୍ଧଶିଳ୍ପୀ ଡ. ସୁରେନ୍ଦ୍ର ମେହେର ମଞ୍ଚାସୀନ ଥିଲେ । ପ୍ରାରମ୍ଭିକ ସୂଚନା ଅନୁଷ୍ଠାନର ସମ୍ପାଦକ ଅଧ୍ୟାପକ ଉତ୍ତର କୁମାର ଗଡ଼ତିଆ ପ୍ରଦାନକରିବା ସଙ୍ଗେ ଅନୁଷ୍ଠାନର ସଦସ୍ୟ ବୀରେନ୍ଦ୍ର ନାଥ ନାଗ ଧନ୍ୟବାଦ ଅର୍ପଣ କରିଥଲେ। ଏହି ଅବସରରେ ଡ. ସୁରେନ୍ଦ୍ରଙ୍କୁ ତାଙ୍କର ବାନ୍ଧକଳା ଏ ବର୍ଷ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା ।




ମଞ୍ଚାସୀନ ଅତିଥି।

# ଗୌଡଦେଇ ସଂରକ୍ଷିତ ଜଙ୍ଗଲରେ ବନ ମହୋତ୍ସବ



ଗୌଡଦେଇ ସଂରକ୍ଷିତ ଜଙ୍ଗଲରେ ବୃକ୍ଷରୋପଣ କରାଯାଉଛି ।

**ବଘିଆପଡା,୧।୭(ଶ୍ରୀକାନ୍ତ ସାହୁ):** ବୌଦ୍ଧ ବ୍ଲକ ଗୌଡଦେଇ ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ୭୬ତମ ବନ ମହୋତ୍ସବ ସହକାରୀ ବନ ସଂରକ୍ଷକ ଅର୍ଚ୍ଚନା ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଲିଟେକ୍‌ନିକ୍ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ସାହୁ, ଗୌଡଦେଇ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳ ଅମାତ, ବଘିଆପଡା ସରପଞ୍ଚ ଅନୁଜା ଦୀପ, ଫରେଷ୍ଟର ମାଳତି ମାଝୀ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବନରକ୍ଷୀ ପ୍ରଶାନ୍ତ ବାରିକ, ଉଷାରାଣୀ ଜୟଦେବ, ସନ୍ତୋଷ ମଲିକ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଏଥିରେ ସାମିଲ ହୋଇ ଫାଶୀ, ଶିଶୁ, ଲିମ୍ବ ଆଦି ୪୦୦ରୁ ଅଧିକ ବୃକ୍ଷଚାରା ରୋପଣ କରିଥିଲେ।

# ସାମୂହିକ ଛୁଟିରେ ଜିଲା ଓଏଏସ୍ ସଂଘ

**ବରଗଡ଼,୧।୭(ପ୍ରେମାନନ୍ଦ ଖମାରୀ)**

ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ(ବିଏମ୍‌ସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ସୋମବାର ହୋଇଥିବା ଆକ୍ରମଣକୁ ନେଇ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାର ପ୍ରଭାବ ବରଗଡ଼ ଜିଲାରେ ମଧ୍ୟ ପଡିଛି। ଆକ୍ରମଣ ଘଟଣାକୁ ବରଗଡ଼ ଜିଲା ଓଏଏସ ସଂଘ ଦୃଢ ନିନ୍ଦା କରିଛି। ଏହି କ୍ରମରେ ମଙ୍ଗଳବାର ସଂଘ ତଥା ଜିଲାରେ କାର୍ଯ୍ୟରତ ୪୨ ଜଣ ଓଏଏସ ଅଧିକାରୀ ଏବଂ ୨୨ ଜଣ ଓଆରଏସ ଅଧିକାରୀଙ୍କୁ ମିଶାଇ ସମୁଦାୟ ୬୫ ଜଣ ଅଧିକାରୀ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସାମୁହିକ ଛୁଟିରେ ରହିବା ପାଇଁ ଜିଲାପାଳଙ୍କୁ ଏକ ଆବେଦନପତ୍ର ପ୍ରଦାନ କରିଛନ୍ତି। ଆବେଦନ ପତ୍ର ପ୍ରଦାନ ସମୟରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କ ସମେତ ଜିଲାର ସମସ୍ତ ବରିଷ୍ଠ ଓଏଏସ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର ତଥା ଅନ୍ୟ ଓଏଏସ ଏବଂ ଓଆର୍‌ଏସ୍ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।



ବରଗଡ଼ ଜିଲା ଓଏଏସ୍ ସଂଘ ପକ୍ଷରୁ ଜିଲାପାଳଙ୍କୁ ଆବେଦନପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକ ମୃତ

ରାଉରକେଲା, ୧।୭(ଦିନେଶ ମିଶ୍ର)

ରାଉରକେଲା ଜିଆର୍‌ପି ଥାନା ଅଧୀନ ତେଲିପୋଷରେ ଟ୍ରେନ୍‌ରେ କଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ବିଜୟ ତିର୍କୀ(୩୦)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୩/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ତେଲିପୋଷ ବସ୍ତିର ବିଜୟ ମଙ୍ଗଳବାର ସକାଳେ ମାଛ ଧରିବା ପାଇଁ ତେଲିପୋଷ ବସ୍ତି ନିକଟ ରେଳ ଧାରଣା ପାର ହୋଇ ନଦୀରେ ଛଡ଼ ବସାଇଥିଲେ। ଛଡରେ ମାଛ ପଡିବାରେ ବିଳମ୍ବ ହେବାରୁ ସେ ରେଳ ଧାରଣା ଉପରେ ବସି ମୋବାଇଲ ଦେଖୁଥିବାବେଳେ ତାଙ୍କୁ ଏକ ମାଲବାହୀ ଟ୍ରେନ୍ ଧକ୍କା ଦେଇଥିଲା। ରାଉରକେଲା ଜିଆର୍‌ପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

### ଡକ୍ଟର ଦିବସ ପାଳିତ

ରାଉରକେଲା, ୧।୭(ବିପ୍ଳବ ରଞ୍ଜନ ଦାଶ)

ଇସ୍ପାତ ଜେନେରାଲ ହସ୍ପିଟାଲରେ ଇଣ୍ଡିଆନ ମେଡିକାଲ ଆସୋସିଏଶନ ରାଉରକେଲା ଶାଖା ପକ୍ଷରୁ ମଙ୍ଗଳବାର ଡକ୍ଟର ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଇନ୍‌ଚାର୍ଜ ଡା. ଜୟନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଇଣ୍ଡିଆନ ମେଡିକାଲ ଆସୋସିଏଶନ ରାଉରକେଲା ଶାଖା ସଭାପତି ଡା. ପି. କେ. ମହାପାତ୍ର ଓ ମୁଖ୍ୟ ପରାମର୍ଶଦାତା ତଥା ଆଇଏମ୍‌ଏ ରାଉରକେଲା ଶାଖାର ସଚିବ ଡା. ଜେ. ଆର୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଆଇଜିଏଚ୍ ଡାକ୍ତର, ଅବସରପ୍ରାପ୍ତ ଡାକ୍ତର, ସୁପର ସ୍ପେଶାଲିଟି ହସ୍ପିଟାଲ ଡାକ୍ତର, ଡିଏନ୍‌ବି ଡାକ୍ତର ଏବଂ ଆଇଏମ୍‌ଏ ଅନୁବନ୍ଧିତ ଇସ୍ପାତ ସହରର ବହୁ ଡାକ୍ତର ଯୋଗ ଦେଇଥିଲେ। ଡାକ୍ତର ଆଚାର୍ଯ୍ୟ ତାଙ୍କ ଅଭିଭାଷଣରେ ନିଃସ୍ୱାର୍ଥପର ସେବା ଏବଂ ସମର୍ପଣକୁ ପ୍ରଶଂସା କରିବା ସହ ସମାଜରେ ଡାକ୍ତରମାନଙ୍କ ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସ୍ୱାସ୍ଥ୍ୟସେବାରେ କ୍ରମବିକଶିତ ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତାର ଲାଭ ନେବା ପାଇଁ ଡା. ଆଚାର୍ଯ୍ୟ କହିଥିଲେ। କାର୍ଯ୍ୟକ୍ରମରେ ଆଇଜିଏଚ୍‌ର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଓ ଭେଷଜ ଡାକ୍ତର ସଞ୍ଜୀବ ମହାନ୍ତି ଏବଂ ଆଇଜିଏଚ୍ ଶିଶୁ ନିଦାନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଆଶିଷ ସାହାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଡା. ପି. କେ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ ଏବଂ ଡା. ଜେ. ଆର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜ୍ଞାନେନ୍ଦ୍ର ଦାସ ରାଉରକେଲା ଡିସିସି ସଭାପତି



ରାଉଲକେଲା, ୧।୭(ସଙ୍ଗୀତା ଜେନା)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓଡିଶାର ସମସ୍ତ ସାଙ୍ଗଠନିକ ଜିଲା ସଭାପତିମାନଙ୍କ ନାମ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଉରକେଲା ଜିଲା କଂଗ୍ରେସ ସଭାପତି ଭାବେ ଜ୍ଞାନେନ୍ଦ୍ର କୁମାର ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଦାୟିତ୍ୱ ମିଳିବା ପରେ ଦାସ କହିଛନ୍ତି, ସେ କଂଗ୍ରେସ ଦଳର ଜଣେ ସକ୍ରିୟ ଏବଂ ଶୃଙ୍ଖଳିତ କର୍ମୀ। ତାଙ୍କୁ ଦଳ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛି ସେ ନିଷ୍ଠାର ସହ ସମ୍ପାଦନ କରିଛନ୍ତି । ବର୍ତ୍ତମାନ ଦଳ ଯେଉଁ ଗୁରୁ ଦାୟିତ୍ୱ ଦେଇଛି ତାକୁ ସେ ସମସ୍ତ ବରିଷ୍ଠ ଏବଂ କନିଷ୍ଠ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦଙ୍କୁ ସାଙ୍ଗରେ ନେଇ ସୁଚାରୁ ରୂପେ ସମ୍ପାଦନ କରିବେ। ଏହି ଦାୟିତ୍ୱ ପାଇଁ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ପିସିସି ସଭାପତିଙ୍କ ସମେତ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ସେହନୱାଜ ଚୌଧୁରୀ, ଡ. ବିଶ୍ୱ ରଞ୍ଜନ ମହାନ୍ତି, ବିଧାୟକ ଡା. ସି. ଏସ୍. ରାଜନ ଏକ୍କା ଏବଂ ଯୁବ ବିଧାୟକ ସାଗର ଚରଣ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲିକାର୍ଜୁନ ଖଡ଼ଗେ, ସୋନିଆ ଗାନ୍ଧୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ସଙ୍ଗଠନ ସମ୍ପାଦକ କେ. ସି. ବେଣୁଗୋପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ୬୨ ସ୍କୁଲ ଯାନବାହନ ଅନ୍‌ଫିଟ୍

- ଫିଟ୍‌ନେସ୍ ଆବେଦନ କରୁନାହାନ୍ତି ଗାଡ଼ି ମାଲିକ
- ବିଭାଗ ପକ୍ଷରୁ ହେଉନି ନିୟମିତ ଯାଞ୍ଚ

ରାଉରକେଲା, ୧।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ବିନା ଫିଟ୍‌ନେସ୍‌ରେ ୬୨ରୁ ଊର୍ଦ୍ଧ୍ୱ ଯାନବାହନ ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ନେବାଆଣିବା କରୁଛନ୍ତି। ତେବେ ଉକ୍ତ ଯାନଗୁଡିକ ନିୟମକୁ ବେଖାତିର କରି ଛାତ୍ରୀଛାତ୍ରମାନଙ୍କୁ ପରିବହନ କରୁଥିବାରୁ ସେମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସ୍ଥାନୀୟ ପରିବହନ ବିଭାଗର ସୂଚନା ଅନୁସାରେ, ସହରର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେବା ଆଣିବା ପାଇଁ ୨୨୪ଟି ବସ ଏବଂ ଭ୍ୟାନ ପଞ୍ଜୀକୃତ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମାତ୍ର ୧୨୩ଟି ଭ୍ୟାନ୍ ଓ ବସ୍ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେବା ଆଣିବା ପାଇଁ ସକ୍ରିୟ ଥିବା ବେଳେ ଅନ୍ୟ ସବୁ ଯାନବାହନ ନିଷ୍କ୍ରିୟ। ମାତ୍ର ପରିତାପର ବିଷୟ ସହରରେ ପରିବହନ ବିଭାଗର ନିୟମକୁ ଅମାନ୍ୟ କରି ୬୨ଟି ଯାନ ବିନା ଫିଟ୍‌ନେସ ଓ ପରମିଟ୍‌ରେ ସ୍କୁଲ ପିଲାମାନଙ୍କୁ ନେବା ଆଣିବା କରୁଛନ୍ତି।



ସ୍କୁଲ ଛାତ୍ରୀଛାତ୍ରଙ୍କ ନେବାଆଣିବା ପାଇଁ ରହିଥିବା ଭ୍ୟାନ୍।

ଉକ୍ତ ଯାନଗୁଡିକ ଅବୈଧ ଭାବେ ସ୍କୁଲ ପିଲାମାନଙ୍କୁ ନେବାଆଣିବା କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ରାସ୍ତାରେ ଯାତାୟାତ କରୁଥିବା ପ୍ରତ୍ୟେକ ଯାନର ଫିଟନେସ ଯାଞ୍ଚ ଆରଟିଓ ପକ୍ଷରୁ ହେବା କଥା। ମାତ୍ର ରାଉରକେଲା ସହରରେ ସ୍କୁଲ ପିଲାମାନଙ୍କୁ ନେବା ଆଣିବା କରୁଥିବା ଯାନଗୁଡିକୁ ଯାଞ୍ଚ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ରାଉରକେଲା ପରିବହନ ବିଭାଗ ପକ୍ଷରୁ ଉକ୍ତ ଯାନବାହନ ଗୁଡିକର ମାଲିକମାନଙ୍କୁ ଫିଟ୍‌ନେସ୍ ପ୍ରମାଣପତ୍ର ନେବାକୁ ସମୟ ଦିଆଯାଉଛି। ଏହାସତ୍ତ୍ୱେ ଗାଡ଼ି ମାଲିକ ନିଜ ଯାନବାହନ ଗୁଡିକର ଦସ୍ତାବିଜ୍ ରିପୋର୍ଟ ଆରଟିଓଙ୍କ ପାଖରେ ଦାଖଲ କରୁ ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ଆର୍‌ଟିଓ ପକ୍ଷରୁ ମଧ୍ୟ ଉକ୍ତ ଗାଡ଼ି ମାଲିକଙ୍କୁ ନୋଟିସ କରାଯାଉନାହିଁ। ଏଣୁ ଏ ଦିଗରେ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ରାଉରକେଲା ପରିବହନ ବିଭାଗ ଅଧିକାରୀ ଭି. ସାମନ୍ତସିଂହାରଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲା ସହରର ୬୨ଟି ସ୍କୁଲ ଯାନର ଫିଟ୍‌ନେସ ଯାଞ୍ଚ ହୋଇନାହିଁ। ବାରମ୍ବାର ତାଗିଦା ସତ୍ତ୍ୱେ ମାଲିକ ଫିଟନେସ ପାଇଁ ଆବେଦନ କରୁନାହାନ୍ତି। ଆଗକୁ ଏ ନେଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ। ଭ୍ୟାନ୍ ଏବଂ ବସ୍‌ରେ ଛାତ୍ରୀଛାତ୍ରଙ୍କ ଯିବାଆସିବା ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରାଯିବ ବୋଲି ସେ କହିଥିଲେ।

# ୬୪ ଆର୍‌ଏସ୍‌ପି ଅଧିକାରୀଙ୍କୁ ପଦୋନ୍ନତି ପତ୍ର ପ୍ରଦାନ



ଡିଆଇସିଙ୍କ ଦ୍ୱାରା ପଦୋନ୍ନତି ପତ୍ର ପ୍ରଦାନ କରାଯାଉଛି।

ରାଉରକେଲା, ୧।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିରେ ଜିଏମ୍ ଏବଂ ଡିଜିଏମ୍ ପଦବୀକୁ ପଦୋନ୍ନତି ପାଇଥିବା ଅଧିକାରୀମାନଙ୍କୁ ମଙ୍ଗଳବାର ଆର୍‌ଏସ୍‌ପି ମନ୍ଥନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଡିଆଇସି ଆଲୋକ ବର୍ମା ପଦୋନ୍ନତି ପତ୍ର ପ୍ରଦାନ କରିଛନ୍ତି। ଆର୍‌ଏସ୍‌ପି ଓ ଡିଏସ୍‌ପିର ଡିଆଇସି (ଭାରପ୍ରାପ୍ତ ନିର୍ଦ୍ଦେଶକ) ବର୍ମା ଜିଏମ୍ ପଦବୀକୁ ଉନ୍ନୀତ ହୋଇଥିବା ମୋଟ ୨୩ଜଣ ଅଧିକାରୀ ଓ ଡିଜିଏମ୍ ଭାବେ ପଦୋନ୍ନତି ପାଇଥିବା ୪୧ଜଣ ଅଧିକାରୀଙ୍କୁ ପଦୋନ୍ନତି ପତ୍ର, ମିଷ୍ଟାନ୍ନ ଏବଂ ଦ ଆର୍ଟ ଅଫ୍ ଥିଙ୍କିଙ୍ଗ କ୍ଲିୟରଲି ପୁସ୍ତକ ପ୍ରଦାନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି ସିଂହ ଏବଂ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଇନ୍‌ଚାର୍ଜ ଡା. ଜେ. କେ. ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଡିଆଇସି ବର୍ମା ବରିଷ୍ଠ ଅଧିକାରୀମାନଙ୍କୁ ଉନ୍ନତିମୂଳକ କାର୍ଯ୍ୟ କରିବା ସହ ଜରୁରୀ ସ୍ଥଳେ ସାହସିକତାର ସହ ନିଷ୍ପତ୍ତି ନେବାକୁ ଉତ୍ସାହିତ କରିଥିଲେ। ସେ ଆହୁରି କହିଥିଲେ, ନୂତନ ପଦୋନ୍ନତି ଆପଣଙ୍କ କାନ୍ଧରେ ଏକ ବୃହତ୍ ଦାୟିତ୍ୱ ଆଣିଥାଏ। ଆପଣଙ୍କ ନିୟମିତ କାର୍ଯ୍ୟ ସତ୍ତ୍ୱେ ଆଜିଠୁ ଆପଣଙ୍କ ଆଗ୍ରହ ଆପଣଙ୍କୁ ପ୍ରେରଣା ଦେବା ଉଚିତ ଏବଂ ପ୍ରତିଦିନ ଉନ୍ନତିର ଛୋଟ ଛୋଟ ପଦକ୍ଷେପ ନିଅନ୍ତୁ। ଡିଆଇସି ବରିଷ୍ଠ ଅଧିକାରୀମାନଙ୍କୁ ସାହସ, ସାଧୁତା ଏବଂ ଦୃଢତାର ସହ ନେତୃତ୍ୱ ଗ୍ରହଣ କରିବାକୁ ମଧ୍ୟ ଉତ୍ସାହିତ କରିଥିଲେ। ୨୦୩୦ ସୁଦ୍ଧା ସେଲ୍‌କୁ ଦେଶର ସବୁଠୁ କମ୍ ମୂଲ୍ୟର ଇସ୍ପାତ ଉତ୍ପାଦକ ଭାବେ ଗଢିବାରେ ଅଧିକାରୀମାନଙ୍କ ପ୍ରମୁଖ ଭୂମିକା ରହିବ ବୋଲି ବର୍ମା ଆଶାପ୍ରକାଶ କରିଥିଲେ। ବିଭିନ୍ନ ବିଭାଗର ନିର୍ବାହୀ ନିର୍ଦ୍ଦେଶକମାନେ ପଦୋନ୍ନତି ପାଇଥିବା ଜିଏମ୍ ଏବଂ ଡିଜିଏମମାନଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ। ଏହାସହ କମ୍ପାନୀର ଲକ୍ଷ୍ୟ ପୂରଣ କରି ସେମାନଙ୍କ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାକୁ ଉତ୍ସାହିତ କରିଥିଲେ। ପଦୋନ୍ନତି ପାଇଥିବା ବହୁ ଅଧିକାରୀ ସେମାନଙ୍କ ପ୍ରୟାସକୁ ସ୍ୱୀକୃତି ଦେବା ପାଇଁ ସେଲ ପ୍ରବନ୍ଧନଠାରେ କୃତଜ୍ଞତା ପ୍ରକାଶ କରିଥିଲେ। ସେମାନେ ଇସ୍ପାତ କାରଖାନାର କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରିବା ପାଇଁ ଯଥାସମ୍ଭବ ପ୍ରୟାସ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଚ୍‌ଆର ବିଭାଗର ଜିଏମ୍ ଏସ୍. ବଡପଣ୍ଡା ଏବଂ ଡେପୁଟି ମ୍ୟାନେଜର ସୁଶ୍ରୀ ସିମ୍ପି ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ, ୧୯୦ଜଣ ଅଧିକାରୀ ଏବଂ ୧୦୪୭ଜଣ କର୍ମଚାରୀଙ୍କୁ ସୋମବାର ପରବର୍ତ୍ତୀ ଉଚ୍ଚଗ୍ରେଡକୁ ପଦୋନ୍ନତି ଦିଆଯାଇଛି।

# ରାଉରକେଲାରେ ଓଏଏସ୍ ଅଫିସରଙ୍କ କଲମ ଛାଡ଼ ଆନ୍ଦୋଳନ



ଉପଜିଲାପାଳଙ୍କ ଅଫିସରେ ଆଲୋଚନାରତ ଓଏଏସ୍ ଅଧିକାରୀ।

**ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା**

ରାଉରକେଲା, ୧।୭(ବିପ୍ଳବ ରଞ୍ଜନ ଦାଶ)

ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଅମାନୁଷିକ ଆକ୍ରମଣର ପ୍ରତିବାଦ କରି ଜିଲା ଓଏଏସ୍ ସଂଘ ମଙ୍ଗଳବାର ଅନିର୍ଦ୍ଦିଷ୍ଟ କାଳ କଲମ ଛାଡ ଆନ୍ଦୋଳନ ଡାକରା ଦେଇଛି। ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ରାଉରକେଲାରେ ଓଏଏସ୍ ଅଧିକାରୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରାଉରକେଲାର ଓଏଏସ୍ ଅଧିକାରୀମାନେ ଏକାଠି ହୋଇ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଘଟଣାରେ ସମସ୍ତ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରାଯାଇଥିଲା। ବୈଠକରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କ ସମେତ ଅନ୍ୟ ଓଏଏସ୍ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଓଏଏସ୍ ସଂଘ ଜିଲା ଶାଖା ସଭାପତି ତଥା ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝିଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏ ନେଇ ସୁନ୍ଦରଗଡ଼ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ବସିବା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକ ପରେ ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଭେଟି ସଂଘର ନିଷ୍ପତ୍ତି ଜଣାଇବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

# ଲଘୁଚାପ: ତଳି ଅଞ୍ଚଳ ଘରେ ପଶିଲା ବର୍ଷାପାଣି

ରାଉରକେଲା, ୧।୭(ଦିନେଶ ମିଶ୍ର)

ରାଉରକେଲାରେ ଲଘୁଚାପ ବର୍ଷା ଯୋଗୁ ସହରର ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯାଇଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷା ଯୋଗୁ ପାନପୋଷସ୍ଥିତ ବାଲୁଘାଟ ବସ୍ତି, ଜାମିଆ କଲୋନି, ମଛଲି ବସ୍ତି ଅଞ୍ଚଳରେ ବର୍ଷାଜଳ ଲହଡି ମାରୁଛି। ଜାମିଆ କଲୋନି ଅଞ୍ଚଳରେ ଘରେ ପାଣି ପଶିଯିବାରୁ ଲୋକମାନଙ୍କ ଆସବାବପତ୍ର ନଷ୍ଟ ହୋଇଛି। ଉକ୍ତ ଅଞ୍ଚଳରେ ଡ୍ରେନେଜ ସଫେଇ ହୋଇ ନ ଥିବାରୁ ବର୍ଷାଜଳ ରାସ୍ତାରେ ଜମି ଭାସୁଛି। ସେହିଭଳି ରେଲୱେ ଷ୍ଟେଶନ ନିକଟ ମଛଲି ବସ୍ତିରେ ନାଳ ପାଣି ଲୋକଙ୍କ ଘରେ ପଶିଯାଇଛି। ସୋମବାର ବିଳମ୍ବିତ ରାତିରେ ହୋଇଥିବା ବର୍ଷାରେ ଅଞ୍ଚଳବାସୀ ବିଶେଷ ପ୍ରଭାବିତ ହୋଇଛନ୍ତି। ସହରରେ ୩ଦିନ ଧରି ବର୍ଷା ଲାଗିରହିଥିବା ଦେଖିବାକୁ ମିଳିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ମନ୍ଦିରା ଡ୍ୟାମ୍‌ର ୩ଟି ଗେଟ୍ ଖୋଲାଯାଇଛି। ଏଥିଯୋଗୁ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ ନଦୀକୂଳ ଅଞ୍ଚଳବାସୀ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ଏକତା ଗ୍ରୁପ୍‌ର ପଞ୍ଚମ ବାର୍ଷିକୋତ୍ସବ ପାଳନ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା, ୧।୭(ବିପ୍ଳବ ରଞ୍ଜନ ଦାଶ)

ଝିରପାଣି ଅଞ୍ଚଳର ଅନ୍ୟତମ ମହିଳା ଅନୁଷ୍ଠାନ ଏକତା ଗ୍ରୁପ୍‌ର ପଞ୍ଚମ ବାର୍ଷିକୋତ୍ସବ କୋଏଲନଗରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏକତା ଗ୍ରୁପ୍‌ର ସଭାପତି ପୂର୍ଣ୍ଣିମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଦିଲ ମେହେମୁଦ, ଜାହାଙ୍ଗୀର ହକ୍, ନିର୍ମଳ ଘଡ଼େଇ, ଗ୍ରେସି ଡେଭିଡ, କଲ୍ୟାଣୀ ଦାସ, ତିଳୋତ୍ତମା ସ୍ୱାଇଁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ନୃତ୍ୟ ଓ ମଡେଲିଂ ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ଶାନ୍ତିଲତା ବେହେରା ପ୍ରଥମ, ଲକ୍ଷ୍ମୀ ପରିଡ଼ା ଦ୍ୱିତୀୟ, ମନୋରମା ଧଳ ତୃତୀୟ ଓ ସୁପ୍ରଭା ମିଶ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ରଶ୍ମିତା ପଣ୍ଡା, ଝୁନୁ ନାୟକ ଓ ଆକାଶ ମୁନି ବିଚାରକ ଦାୟିତ୍ୱ ତୁଲାଇଥିଲେ। ସୁଚିସ୍ମିତା ପଣ୍ଡା, ବନଜା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ରୋଟାରି କ୍ଲବ୍ ରାଉରକେଲା ରିଭର ସାଇଡ୍‌ର ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା, ୧।୭(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରରେ ସୋମବାର ରୋଟାରୀ କ୍ଲବ ରାଉରକେଲା ରିଭର ସାଇଡ୍‌ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାରେ ପୌରାହିତ୍ୟ କରି କ୍ଲବର ବିଦାୟୀ ସଭାପତି ସନ୍ତୋଷ କୁମାର ମିଶ୍ର ବିଗତ ବର୍ଷର ସମାଜସେବା କାର୍ଯ୍ୟଗୁଡିକର ବିବରଣୀ ଦେଇଥିଲେ। ନବ ନିର୍ବାଚିତ ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀ ଆଗାମୀ ବର୍ଷରେ ସଦସ୍ୟମାନଙ୍କ ସହଯୋଗ କାମନା କରିଥିଲେ। ସଦସ୍ୟ ମିହିର ରାୟ, ନବଘନ ସାହୁ, ସୁଶାନ୍ତ ଦାସ, ଦୀପକ ଦାସ ପ୍ରମୁଖ ସହଯୋଗ କରିଥିଲେ। ଡ. ପି. କେ. ସାହୁ, ଡିମ୍ପଲ ସାହୁ, ବିଜୟ ଲକ୍ଷ୍ମୀ ମିଶ୍ର, ଅନିତାରାଣୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ରାଜ୍ୟସ୍ତରୀୟ ପୁରସ୍କାର ପ୍ରାପ୍ତ ଦୀପାଞ୍ଜଳି ଓ ସ୍ୱୟଂପୂର୍ଣ୍ଣା ନୃତ୍ୟ ପରିବେଷଣ କରି ସମସ୍ତଙ୍କ ମନୋରଞ୍ଜନ କରିଥିଲେ। ପ୍ରାକ୍ତନ ସଭାପତି ଡାକ୍ତର ପି. ସି. ମହାପାତ୍ର, କୋଷାଧ୍ୟକ୍ଷ ବସନ୍ତ ପାଠୀ, ଡାକ୍ତର ସୁଧାରାଣୀ ପ୍ରଧାନ, ସୁଖବିନ୍ଦର ସିଂ, ପରମେଶ୍ୱର ପ୍ରଧାନ, ଡ. ଭକ୍ତିପ୍ରସାଦ ମହାପାତ୍ର, ଶଶୀକାନ୍ତ ସ୍ୱାଇଁ, ମଞ୍ଜୁଳା ପାତ୍ର, ଘନଶ୍ୟାମ ଗିରି, ରବୀନ୍ଦ୍ର କୁମାର ଦାସ, ଲଲାଟେନ୍ଦୁ ପ୍ରଧାନ, ସିମ୍‌ରନ୍ ଜିତ, ଲିଲି ସ୍ୱାଇଁ, ଅଜୟ ସାହୁ, କାଶୀନାଥ ସାହୁ, ପ୍ରତିମା ମହାପାତ୍ର, ହରିହର ଶତପଥୀ ଓ ଲକ୍ଷ୍ମଣନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିଷ୍ଠା ଦିବସରେ ଉପସ୍ଥିତ କ୍ଲବ ସଦସ୍ୟ।

# ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ

ରାଉରକେଲା, ୧।୭(ବିପ୍ଳବ ରଞ୍ଜନ ଦାଶ)

ପବିତ୍ର ହେରାପଞ୍ଚମୀ ଅବସରରେ ମଙ୍ଗଳବାର ରାଉରକେଲା ସହରର ବିଭିନ୍ନ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଏହି କ୍ରମରେ ସହରର ଅନ୍ୟତମ ପୁରାତନ ନୟାବଜାର ଶ୍ରୀଗୁଣ୍ଡିଚା ମନ୍ଦିରରେ ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଶ୍ରୀ ଗୁଣ୍ଡିଚା ମନ୍ଦିର କମିଟି ସଭାପତି ଗୌରାଙ୍ଗ ଚରଣ ସ୍ୱାଇଁ ଓ ସାଧାରଣ ସମ୍ପାଦକ ପ୍ରଭାତ କବି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇ, ଭାଜପା ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ପ୍ରଶାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହି ମହାପ୍ରଭୁଙ୍କ ଦର୍ଶନ ସହ ପ୍ରସାଦ ବଣ୍ଟନରେ ସାମିଲ ହୋଇଥିଲେ। ଶ୍ରବଣ କୁମାର ମିଶ୍ର, କମିଟିର ପ୍ରଦୀପ ପଟ୍ଟନାୟକ, ଗଗନ ବିହାରୀ ବାରିକ, ସୌରଭ ଆଚାର୍ଯ୍ୟ, ନୀଳକଣ୍ଠ ପରିଡା, ପ୍ରଶାନ୍ତ ରାଉତ, ସଦାଶିବ ମହଲ ପ୍ରମୁଖ ସହଯୋଗ କରିଥିଲେ।



ପ୍ରସାଦ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଛିଡା ହୋଇଛନ୍ତି।

# ବଢୁଛି ଅପମିଶ୍ରିତ ଖାଦ୍ୟ ବେପାର

- ନିୟମ ଉଲ୍ଲଂଘନ କରୁଛନ୍ତି ରାସ୍ତାକଡ଼ ବିକାଳି
- ୬ ମାସରେ ୬୨ ହଜାର ଟଙ୍କା ଜରିମାନା ଆଦାୟ
- ସହରବାସୀ ସଚେତନ ହେବା ଆବଶ୍ୟକ: ଆର୍‌ଏମ୍‌ସି

ରାଉରକେଲା, ୧।୭(ଦିନେଶ ମିଶ୍ର)



ଆର୍‌ଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀ ଫାଷ୍ଟଫୁଡ୍ ଦୋକାନରେ ଯାଞ୍ଚ କରୁଛନ୍ତି।

ରାଉରକେଲା ସହରରେ ଫାଷ୍ଟଫୁଡ ବିକାଳି ଓ ରାସ୍ତାକଡ଼ ହୋଟେଲରେ ଅପମିଶ୍ରିତ ଖାଦ୍ୟ ବେପାର ଦିନକୁ ଦିନ ବଢିବାରେ ଲାଗିଛି। ରାଉରକେଲା ରେଳ ଷ୍ଟେଶନ ରୋଡ୍, ବାସନ୍ତୀ କଲୋନି ଭେଣ୍ଡିଂ ଜୋନ୍, ପାନପୋଷ, ସିଭିଲଟାଉନଶିପ୍, କୋଏଲନଗର, ସେକ୍ଟରର ବିଭିନ୍ନ ଅଞ୍ଚଳରେ ଥିବା ଫାଷ୍ଟଫୁଡ୍ ଦୋକାନ ଓ ଛେଣ୍ଡ ରାସ୍ତା କଡ଼ରେ ଏଭଳି ଅପମିଶ୍ରିତ ଖାଦ୍ୟ ବ୍ୟବସାୟ ଚାଲିଛି। ବ୍ୟବସାୟୀମାନେ ବିଭିନ୍ନ ଖାଦ୍ୟରେ ରାସାୟନିକ ରଙ୍ଗ ଓ ପୋଡ଼ା ତେଲ ମିଶ୍ରଣ କରୁଥିବା ଦେଖାଯାଉଛି। ସେମାନେ ଅଧିକ ଲାଭ ଆଶାରେ ଖାଦ୍ୟ ପ୍ରସ୍ତୁତି ସମୟରେ ନିମ୍ନମାନର ତେଲ ଓ ନକଲି ସସ୍ ମିଶାଉଛନ୍ତି। ଫଳରେ ଲୋକେ ଏହି ଅପମିଶ୍ରିତ ଖାଦ୍ୟ ଖାଇ ନାନା ରୋଗରେ ପଡୁଛନ୍ତି। ସହରର ଆମ୍ବଗାନସ୍ଥିତ ଫାଷ୍ଟଫୁଡ ଦୋକାନଗୁଡିକରେ କିଛି ବ୍ୟବସାୟୀ ବାସି ଖାଦ୍ୟକୁ ଗରମ କରି ଫାଷ୍ଟଫୁଡ୍‌ରେ ମିଶାଉଥିବା ଅଭିଯୋଗ ହେଉଛି। ସେହିଭଳି ଛେଣ୍ଡ ଅଞ୍ଚଳରେ ପୋଡା ତେଲ ସାଙ୍ଗକୁ ୩୦ ଟଙ୍କିଆ ନକଲି ଟମାଟୋ ସସ୍ ଓ ଚିଲି ସସ୍ ମିଶାଇ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ରାସ୍ତାକଡ ଫାଷ୍ଟଫୁଡ ଦୋକାନୀ ଓ ହୋଟେଲ ବ୍ୟବସାୟୀମାନେ ଖାଦ୍ୟରେ କେମିକାଲଯୁକ୍ତ ରଙ୍ଗ ଦେଉଛନ୍ତି। ବର୍ଷାଦିନ ହୋଇଥିବାରୁ ମଶା, ମାଛି ବସି ଖାଦ୍ୟକୁ ଦୂଷିତ କରୁଛନ୍ତି। ସନ୍ଧ୍ୟାହେଲେ ମସଲାଯୁକ୍ତ ଖାଦ୍ୟ ପ୍ରତି ଲୋକଙ୍କ ଆଗ୍ରହ ରହୁଥିବାରୁ ଫାଷ୍ଟଫୁଡ ଦୋକାନୀ ଏହାର ଫାଇଦା ନେଉଛନ୍ତି। ଏହି ଅପମିଶ୍ରିତ ଖାଦ୍ୟ ଶରୀର ପ୍ରତି କେତେ ଉପଯୋଗୀ ତାକୁ ଯାଞ୍ଚ ନ କରି ଲୋକେ ଖାଉଛନ୍ତି। ଫାଷ୍ଟଫୁଡ ଖାଦ୍ୟରେ ବ୍ୟବହାର ହେଉଥିବା ବିଭିନ୍ନ ରାସାୟନିକ ରଙ୍ଗ, ତେଲ ମସଲା ଓ ନକଲି ସସ୍ ଶରୀର ପାଇଁ କ୍ଷତିକାରକ। ବଜାରରେ ବ୍ରାଣ୍ଡେଡ୍ ସସ୍ ଦାମ୍ ଓ ତେଲର ମୂଲ୍ୟ ଅଧିକ ଥିବାରୁ ଦୋକାନୀମାନେ ନକଲି ସସ୍ ଓ ନିମ୍ନମାନର ତେଲ ବ୍ୟବହାର କରୁଛନ୍ତି। କୌଣସି ହୋଟେଲ ଓ ଫାଷ୍ଟଫୁଡ ବ୍ୟବସାୟୀ ଦୋକାନକୁ ନିୟମିତ ସଫାସୁତୁରା ରଖିବା ଦରକାର। ଖାଦ୍ୟକୁ ଖୋଲା ନ ରଖିବା ସହ ସ୍ୱାସ୍ଥ୍ୟ ବିଭାଗର ଅନୁମତି ଓ ପ୍ରମାଣପତ୍ର ନେବା ଦରକାର। ମାତ୍ର ସହରରେ ଏଭଳି ଅନେକ ବ୍ୟବସାୟୀ ଖାଦ୍ୟ ବିଭାଗର ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଲୋକଙ୍କୁ ଖାଦ୍ୟ ବିକୁଛନ୍ତି। ଏ ନେଇ ଆର୍‌ଏମ୍‌ସି ଖାଦ୍ୟ ବିଭାଗ ନିରୀକ୍ଷକ ସ୍ୱାଗତିକା ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଆର୍‌ଏମ୍‌ସି ପକ୍ଷରୁ ନିୟମିତ ବ୍ୟବଧାନରେ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଗତ ୬ ମାସ ଭିତରେ ରାଉରକେଲାର ୮୦ଟି ଦୋକାନରେ ଚଢ଼ାଉ କରି ୬୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ଏହି ଚଢାଉ ଜାରି ରହିବ। ଏଥିସହ ଚଢ଼ାଉ ସମୟରେ ବାସି ଖାଦ୍ୟ, ପୋଡାତେଲ ଓ ନକଲି ସସ୍ ଧରାପଡିଲେ ସେଗୁଡିକୁ ନଷ୍ଟ କରାଯାଉଛି। ଖାଦ୍ୟ ବିଭାଗ ନିୟମିତ ଯାଞ୍ଚ କରୁଥିବାବେଳେ ସହରବାସୀ ଏଥିପ୍ରତି ସଚେତନ ହେବା ଆବଶ୍ୟକ ବୋଲି ବେହେରା କହିଛନ୍ତି।



ଅତିଥିଙ୍କ ଗହଣରେ ଅଧ୍ୟାପକ ଏବଂ କର୍ମଚାରୀ।

# ଭିସୁଟ୍‌ର ଭବିଷ୍ୟତ ଗୌରବମୟ କର

**ଭିସୁଟ୍‌ର ୭୦ତମ ପ୍ରତିଷ୍ଠା ଦିବସ**

ସମ୍ବଲପୁର,୧୭(ଭବାନୀ ଶଙ୍କର ଭୋଇ)

ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ୭୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଭିସୁଟ୍ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସେମିନାର ହଲରେ ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ସଭାରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଓଡ଼ିଶାର ସର୍ବପୁରାତନ ଯାନ୍ତ୍ରିକ ପ୍ରତିଷ୍ଠାନର ବିକାଶ ନେଇ ଖୁସି ପ୍ରକଟ କରିଥିଲେ। ୟୁନିଭର୍ସିଟି କଲେଜ ଅଫ ଇଞ୍ଜିନିୟରିଂ(ୟୁସିଇ) ବୁର୍ଲାରୁ ଯାତ୍ରା ଆରମ୍ଭ କରି ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପର୍ଯ୍ୟନ୍ତ ଅନେକ ସଫଳତା ହାସଲ କରି ପାରିଥିବା ସେ କହିଥିଲେ। ବିଶ୍ୱବିଦ୍ୟାଳୟର ଅନେକ ପୂର୍ବତନ ଛାତ୍ର ବର୍ତ୍ତମାନ ଦେଶ ଏବଂ ବିଦେଶରେ ବିଭିନ୍ନ ଦାୟିତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଭିସୁଟର ଇତିହାସ ସ୍ମରଣୀୟ ରହିଥିବା ବେଳେ ଭବିଷ୍ୟତରେ ମଧ୍ୟ ଗୌରବ ବୃଦ୍ଧି କରିବାକୁ ଭିସୁଟ ଛାତ୍ରୀଛାତ୍ରଙ୍କୁ ସେ ଆହ୍ୱାନ କରିଥିଲେ।

କୁଳ ସଚିବ ପ୍ରଦୀପ ଡାଙ୍ଗ ସମ୍ବଲପୁରୀ ଭାଷାରେ ନିଜର ବକ୍ତବ୍ୟ ରଖି ଭିସୁଟର ଗୌରବ ବିଷୟରେ କହିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଆମେ ବିଶ୍ୱବିଦ୍ୟାଳୟରୁ ପାଠ ପଢି ସାରିବା ପରେ ସମାଜ ପାଇଁ କ'ଣ କରିପାରିବା ତାହା ଚିନ୍ତା କରିବା ଉଚିତ। ଆମେ ଅଧ୍ୟାପକ, ଶିକ୍ଷକ କିମ୍ବା ଅଣଶିକ୍ଷକ, ପୂର୍ବତନ ଛାତ୍ର କିମ୍ବା ଛାତ୍ର ଭାବେ ଆମ ବିଶ୍ୱବିଦ୍ୟାଳୟର ନାମ ଏବଂ ଖ୍ୟାତି ବୃଦ୍ଧି କରିବାର ସୁଯୋଗ ଖୋଜିବା ଉଚିତ। ଏହି ଅବସରରେ ଭିସୁଟ କୁଳପତି ପ୍ରଫେସର ଦୀପକ କୁମାର ସାହୁ କହିଥିଲେ, ଏହି ଅଞ୍ଚଳରେ ମା' ପାର୍ବତୀ, ମା' ଲକ୍ଷ୍ମୀ ଏବଂ ମା' ସରସ୍ୱତୀଙ୍କ ଆଶୀର୍ବାଦ ରହିଛି। ଗୋଟିଏ ସ୍ଥାନରେ ୭ଟି ବିଶ୍ୱ ବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ରହିଛି। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟରେ ଅନେକ ନୂତନ ପ୍ରକଳ୍ପ ହାତକୁ ନିଆଯିବା ବିଷୟରେ ଭିସୁଟ କୁଳପତି ସୂଚନା ଦେଇଥିଲେ । ଶେଷରେ ଡକ୍ଟର ସସ୍ମିତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଚିଣ୍ଡା-ଇଷ୍ଟକୋଷ୍ଟ ରେଲୱେ ଫାଇନାଲ ଆଜି

**ଡା.ସନାତନ ବେହେରା ସ୍ମାରକୀ ଫୁଟ୍‌ବଲ୍ ପ୍ରତିଯୋଗିତା**

ସମ୍ବଲପୁର,୧୭(ବି.ଶଙ୍କର)

ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜିତ ଡା.ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗୀତାର ମଙ୍ଗଳବାର ସେମିଫାଇନାଲ ମ୍ୟାଚରେ କୁଚିଣ୍ଡା ଓ ଇଷ୍ଟକୋଷ୍ଟ ରେଲୱେ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲ ମ୍ୟାଚ ସମ୍ବଲପୁର ଫୁଟବଲ ଏକାଡେମୀ ବନାମ କୁଚିଣ୍ଡା ମଧ୍ୟରେ ହୋଇଥିଲା । ମ୍ୟାଚ ଅମୀମାଂସିତ ରହିବାରୁ ରେଫରୀ ଟ୍ରାଇବ୍ରେକରର ସହାୟତା ନେଇଥିଲେ। ଏଥିରେ କୁଚିଣ୍ଡା ୪-୩ ଗୋଲରେ ବିଜୟୀ ହୋଇଥିଲା । ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଇଷ୍ଟକୋଷ୍ଟ ରେଲୱେ ବନାମ ହିନ୍ଦ କ୍ଲବ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା । ମ୍ୟାଚର ୪୬ତମ ମିନିଟରେ ରେଲୱେ ଦଳର ଖେଳାଳି ଜର୍ସି ନମ୍ବର ୧୫ ସନ୍ତୋଷ କୁମାର ଏକ ଦର୍ଶନୀୟ ଗୋଲ ସ୍କୋର କରିଥିଲେ। ଫଳରେ ଦଳ ୧-୦ ଗୋଲ ସ୍କୋରରେ ବିଜୟୀ ହୋଇ ଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ମ୍ୟାଚକୁ ସନ୍ତୋଷ ପଧାନ, କର୍ଣ୍ଣ ବେହେରା, ପଙ୍କଜ ମିର୍ଦ୍ଧା ଏବଂ ସୁମନ୍ତ ରାଉତ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା ।



ବୁଧବାର ରାତିରେ ସମ୍ବଲପୁର ମାଉସୀ ମା' ମନ୍ଦିରରେ ବ୍ରହ୍ମପୁରା ଠାକୁରଙ୍କ କୃଷ୍ଣ ଓ ବଳରାମ ବେଶ ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ,୧୭(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ପାଣିମୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତାଲବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଘନେନ୍ଦ୍ର କୁମାର ବେହେରାଙ୍କୁ ସୋମବାର ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସହକାରୀ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ପାଣିମୁରା ଗ୍ରାମ ପଞ୍ଚାୟତର ସରପଞ୍ଚ ଜଗନ୍ନାଥ ସାହୁ, ସମ୍ମାନିତ ଅତିଥିଭାବେ କିସିଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ପ୍ରଧାନ, ଡଙ୍ଗଚା ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷୀରୋଦ କୁମାର ପଣ୍ଡା, ବଞ୍ଜାଗୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବ୍ରଜଚନ୍ଦ୍ର ସାହୁ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ମହେଶ୍ୱର ପ୍ରଧାନ, ମାଚ୍ଛୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଗୋବର୍ଦ୍ଧନ ଦେହୁରୀ ଏବଂ ସଭାନେତ୍ରୀ ସୁମିତ୍ରା ବେହେରା ଯୋଗଦେଇଥିଲେ। ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ବେହେରାଙ୍କ କର୍ମମୟ ଜୀବନ, ସମୟାନୁବର୍ତ୍ତିତା, କାର୍ଯ୍ୟଶୈଳୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଅବସର ପରବର୍ତ୍ତୀ ଜୀବନର ମଙ୍ଗଳ କାମନା କରିବା ସହ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ବେହେରା ଛାତ୍ରୀଛାତ୍ରୀମାନଙ୍କ ଭଲ ପାଇବା ଏବଂ ସହକର୍ମୀମାନଙ୍କ ସହଯୋଗକୁ ସେ କେବେ ଭୁଲି ପାରିବେ ନାହିଁ ବୋଲି କହିଥିଲେ। ଏହି ଅବସରରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବେହେରାଙ୍କୁ ଫାଇନାଲ ପେନସନ କାଗଜପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ରମଣୀକାନ୍ତ ସେଠୀ ଏବଂ ଅଶ୍ୱିନୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିମାନେ।

# ଅସମ୍ପୂର୍ଣ୍ଣ ପ୍ରକଳ୍ପ କାମ ଶୀଘ୍ର ସାରିବାକୁ ଗୁରୁତ୍ୱ



ସମୀକ୍ଷା ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଓ ଅନ୍ୟମାନେ।

**ଜିଲା ପରିଷଦ ଅନୁଦାନରେ କାର୍ଯ୍ୟକାରୀ ପ୍ରକଳ୍ପର ସମୀକ୍ଷା**

ନାକଟିଦେଉଳ,୧୭(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହରେ ମଙ୍ଗଳବାର ଜିଲା ପରିଷଦ ଅଧ୍ୟକ୍ଷାଙ୍କ ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ବିଭିନ୍ନ ବିଭାଗର ଯୋଜନା ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ଜିଲା ପରିଷଦ ଅନୁଦାନରେ ବ୍ଲକରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ପ୍ରକଳ୍ପଗୁଡିକ ଉପରେ ଅଧ୍ୟକ୍ଷା ନାୟକ ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟ ଶୀଘ୍ର ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ସାମାଜିକ ସୁରକ୍ଷା ଯୋଜନାରେ ବର୍ଦ୍ଧିତ ଭତ୍ତା ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ଉପରେ ଅଧ୍ୟକ୍ଷା ନାୟକ ସମୀକ୍ଷା କରିଥିଲେ। ଏଥି ସହିତ ନାକଟିଦେଉଳଠାରେ ଥିବା ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଏଥିଯୋଗୁ ଅଞ୍ଚଳର ଚାଷୀମାନଙ୍କୁ ଠିକ୍ ଭାବେ ବିହନ ସହିତ ଅନ୍ୟାନ୍ୟ ଉପକରଣ ବଣ୍ଟନ କରାଯାଇ ପାରୁ ନଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଅବଗତ କରାଇବାକୁ ଅଧ୍ୟକ୍ଷା ନାୟକ ବ୍ଲକ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବ୍ଲକ କର୍ମଚାରୀମାନେ ନିଜ ବିଭାଗ ମଧ୍ୟରେ ସମନ୍ୱୟ ରଖି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମୀକ୍ଷା ବୈଠକରେ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଜିଲା ପରିଷଦ ସଭ୍ୟା ପ୍ରିୟମ୍ବଦା ସାହୁ, ବିଡିଓ କ୍ଷମାନିଧି ଭୋଇ ଏବଂ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଧର ରାଉତରାୟ, ବ୍ଲକର ସମସ୍ତ ଲାଇନ ବିଭାଗ ଅଧିକାରୀ, ଗ୍ରାମ ପଞ୍ଚାୟତର ପିଇଓମାନେ ଉପସ୍ଥିତ ଥିଲେ।

# ଶିବିରରେ ୧୫୧ ୟୁନିଟ ରକ୍ତ ସଂଗ୍ରହ

ସମ୍ବଲପୁର,୧୭(ବି.ଶଙ୍କର)

ରୋଟାରୀ କ୍ଲବ ଅଫ ସମ୍ବଲପୁର ଆୟୋଜନରେ ମଙ୍ଗଳବାର ବିଶାଳ ରକ୍ତଦାନ ଶିବିର ସ୍ଥାନୀୟ ହୀରାକୁଦ ନିକଟସ୍ଥ କ୍ଲବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ କ୍ଲବ ସଭ୍ୟା, ସଭ୍ୟଙ୍କ ସମେତ ସେମାନଙ୍କର ପରିବାରର ସଦସ୍ୟମାନେ ଏବଂ ଏବଂ ଜନସାଧାରଣ ରକ୍ତଦାନ କରିଥିଲେ । କ୍ଲବ ଅଧ୍ୟକ୍ଷ ରଶ୍ମିରଞ୍ଜନ ମହାପାତ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସଚିବ ଦେବାଶିଷ ରାୟଗୁରୁ ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ଏବଂ ରକ୍ତାଦାତାମାନଙ୍କୁ ସ୍ୱାଗତ କରିଥିଲେ। ଉପସଭାପତି ଶ୍ରୀକାନ୍ତ ମୁଖାର୍ଜୀ, କୋଷାଧ୍ୟକ୍ଷ ରଞ୍ଜିତ ସିଂହ, ବରିଷ୍ଠ ସଦସ୍ୟ ରାଜକିଶୋର ଦାସ, ଉଦିତ ପ୍ରସାଦ ବାବୁ, ଡ.ପ୍ରମୋଦ ରଥ, ଏଏମ ତରାଜ, ଦାମୋଦର କର, ପ୍ରବୀଣ ସୁରୀ, ତୁଷାର ପ୍ରଧାନ, ଟି.ଏସ. ମଣି, ବିକ୍ରମ ସେନାପତି, ସୁଜିତ ପାଣିଗ୍ରାହୀ, ଡାକ୍ତର ଦୁର୍ଗାଶଙ୍କର ଶତପଥୀ, ଅନନ୍ୟା ନାଏକ, ସୋନୁ ମହାପାତ୍ର ଶିବିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ ୧୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଆଜି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ, ଡାକ୍ତର ଦିବସ ଉପଲକ୍ଷେ କ୍ଲବର ସଦସ୍ୟ ଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଡାକ୍ତରମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।




ମଙ୍ଗଳବାର ଆୟୋଜିତ ରକ୍ତଦାନ ଶିବିରରେ ଆୟୋଜକ କର୍ମକର୍ତ୍ତା ଓ ରକ୍ତଦାତା ।

# ହିନ୍ଦ୍ ମଜଦୁର ସଭାର ପ୍ରସ୍ତୁତି ବୈଠକ

**୪ରେ ଇଣ୍ଡଲ ହୀରାକୁଦ ପାୱାର ୱାର୍କର୍ସ ୟୁନିୟନ ନିର୍ବାଚନ**

**ହୀରାକୁଦ ହିଣ୍ଡାଲ୍‌କୋର ଶ୍ରମିକ ନେତାଙ୍କୁ ସମ୍ବର୍ଦ୍ଧନା**

ସମ୍ବଲପୁର,୧୭(ବି.ଶଙ୍କର)

ଆଗାମୀ ୪ତାରିଖରେ ଇଣ୍ଡଲ ହୀରାକୁଦ ପାୱାର ୱାର୍କର୍ସ ୟୁନିୟନର ନିର୍ବାଚନ ହେବାକୁ ଯାଉଛି । ଏନେଇ ମଙ୍ଗଳବାର ହୀରାକୁଦ ସ୍ଥିତ ୟୁନିୟନର କାର୍ଯ୍ୟାଳୟରେ ହିନ୍ଦ ମଜଦୁର ସଭା(ଏଚ୍‌ଏମ୍‌ଏସ) ପକ୍ଷରୁ ନିର୍ବାଚନୀ ପ୍ରସ୍ତୁତି ବୈଠକ, ଆଲୋଚନାଚକ୍ର ଏବଂ ଅବସରପ୍ରାପ୍ତ ଶ୍ରମିକ ନେତାଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଚ୍‌ଏମ୍‌ଏସ୍ ସଙ୍ଗଠନ ସଭାପତି ମହମ୍ମଦ ମୁର୍ତ୍ତୁଜା ଏଥିରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶ୍ରମିକ ନେତା ଇଲେକ୍ଟ୍ରିକାଲ ବିଭାଗର ଦୁର୍ଯ୍ୟୋଧନ ମହାନ୍ତି, ଅପରେଶନ ବିଭାଗର ବିଜୟ ପଣ୍ଡା, କଣ୍ଟ୍ରାକ୍ଟର କର୍ମଚାରୀ ଡମ୍ବରୁ ବନଛୋର, ପ୍ରତାପ ମହାନ୍ତି, ଅଶୋକ ମହାନ୍ତିଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଏବଂ ପ୍ରଶଂସା ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ହିନ୍ଦ ମଜଦୁର ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି, ଉପ ସାଧାରଣ ସମ୍ପାଦକ ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ତଥା ପାୱାର ୟୁନିୟନର ଉପଦେଷ୍ଟା ସଞ୍ଜିତ ମହାନ୍ତି, ଛାତ୍ର ନେତା ମିଳନ ହୋତା ଯୋଗଦେଇ ଶ୍ରମିକ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଆସନ୍ତା ୪ତାରିଖରେ ହେବାକୁ ଥିବା ଶ୍ରମିକ ସଂଗଠନ ନିର୍ବାଚନରେ ଇଣ୍ଡଲ ହୀରାକୁଦ ପାୱାର ୱାର୍କର୍ସ ୟୁନିୟନ କିପରି ବିଜୟୀ ହେବ ସେନେଇ ମତବ୍ୟକ୍ତ କରିଥିଲେ । ଅନ୍ୟତମ କାର୍ଯ୍ୟକାରୀ ସଭାପତି ରୋଶନ ସିଂ, ସାଧାରଣ ସମ୍ପାଦକ ଯୋଗୀନ୍ଦ୍ର ବେହେରା, ଯୁବନେତା ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ, ଟିକନ ଶର୍ମା, ତୁଷାର ନାଥ, ଜିକୁନ ପାତ୍ର, ବିଭୁତି ଭୂଷଣ ପାଣିଗ୍ରାହୀ, ମନୋଜ ବିଶ୍ୱାଳ, ହରେକୃଷ୍ଣ ସା, ପୂର୍ଣ୍ଣଚନ୍ଦ୍ର ବିଶୋଇ, ରାଜୀବ ଲୋଚନ ସାହୁ, ପି ଏମ ଦୋରା, ପ୍ରଫୁଲ୍ଲ କୁମାର ନାୟକ, ସଞ୍ଜୀବ ବାରିକ, ବିଭୁତି ଦାସ, ଆର୍ଯ୍ୟନ ବେହେରା, ହୃଦାନନ୍ଦ ପରିଜା, ହେମନ୍ତ ମକର, ଦୁଷ୍ମନ୍ତ ପରିଡା, ଗଙ୍ଗାଧର ମହାନନ୍ଦିଆ, ଚିରଞ୍ଜିତ ପରିଡା, ପ୍ରଣବ ସାହୁ, ସୁଶାନ୍ତ ପାତ୍ର ଆଲୋଚନାରେ ଭାଗ ନେଇଥିଲେ।



ପ୍ରସ୍ତୁତି ବୈଠକ ଓ ଆଲୋଚନାଚକ୍ରରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଶ୍ରମିକ ନେତା ।

# ଟଙ୍କା ନେଣଦେଣକୁ ନେଇ ହତ୍ୟା

**ହୀରାକୁଦ ଶଶୀ ପାଗଡ଼ ହତ୍ୟା ଘଟଣା**

- ଦେଢବର୍ଷ ପରେ ଅଭିଯୁକ୍ତ ଗିରଫ
- ରିମାଣ୍ଡରେ ଆଣିବ ପୋଲିସ

ସମ୍ବଲପୁର,୧୭(ପ୍ରମୋଦ ବହିଦାର)



ଗିରଫ ଅଭିଯୁକ୍ତ।

ସମ୍ବଲପୁର ଜିଲା ପୋଲିସ ଦୀଘ ଦେଢ଼ବର୍ଷ ପରେ ହୀରାକୁଦର ଶଶୀ ପାଗଡ଼(୫୫) ନାମ୍ନୀ ମହିଳା ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପେଶାରେ ଡ୍ରାଇଭର ଥିବା ବୁର୍ଲା ଗୋଧିପଡ଼ାର ରାମଚନ୍ଦ୍ର ଶାସନୀ(୪୧)। ଟଙ୍କା ନେଣଦେଣକୁ ନେଇ ଶଶୀଙ୍କୁ ରାମଚନ୍ଦ୍ର ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ ବୋଲି ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆଇଜିଙ୍କ ଉପସ୍ଥିତିରେ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି।

ଏସ୍‌ପି ଭାମୁଙ୍କ ସୂଚନା ଅନୁସାରେ ୨୦୨୪ ଫେବୃଆରୀ ୧୦ରେ ଜମାଦାରପାଲି ବିମାନ ଅବତରଣ କେନ୍ଦ୍ର ନିକଟରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଥିଲା। ମୃତା ହୀରାକୁଦର ଶଶୀ ପାଗଡ଼ ବୋଲି ଚିହ୍ନଟ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପ୍ରମାଣିତ ହୋଇଥିଲା। ମାତ୍ର ମହିଳାଙ୍କର କିପରି ମୃତ୍ୟୁ ହେଲା ଓ ଏହା ଅର୍ଦ୍ଧଦଗ୍ଧ ହେଲା ତାହାର କୌଣସି ତଥ୍ୟ ମିଳି ନ ଥିଲା। ଏ ନେଇ ଶାସନ ଥାନାରେ ଏକ ମାମଲା(ନଂ.୩୧/୨୪)ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଆଖପାଖ ଅଞ୍ଚଳରେ ପଚରାଉଚରା ଓ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ଅବଲମ୍ବନ କରି ପରିଶେଷରେ ପୋଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିଥିଲା। ଏସ୍‌ପି ଭାମୁ ଆହୁରି କହିଥିଲେ, ତଦନ୍ତରୁ ଅଭିଯୁକ୍ତ ଶାସନୀ ଓ ମୃତା ଶଶୀଙ୍କ ମଧ୍ୟରେ ପୂର୍ବରୁ ଚିହ୍ନା ପରିଚୟ ଥିଲା। ଶାସନୀଙ୍କଠାରୁ ଶଶୀ ଧାର ସୂତ୍ରରେ ଟଙ୍କା ନେଇ ଦୀର୍ଘଦିନ ପର୍ଯ୍ୟନ୍ତ ଫେରସ୍ତ କରୁ ନ ଥିଲେ। ପରବର୍ତ୍ତିକାଳରେ ରାମଚନ୍ଦ୍ର ଟଙ୍କା ଫେରାଇବାକୁ ତାଙ୍କ ଉପରେ ଚାପ ପକାଇଥିଲେ। ଶେଷରେ କୌଶଳକ୍ରମେ ୨୦୨୪ ଫେବୃଆରୀ ୧୦ରେ ରାମଚନ୍ଦ୍ର ଆଉ କିଛି ଟଙ୍କା ଦେବାକୁ କହି ଶଶୀଙ୍କୁ ତାଙ୍କ ଘରୁ ବାଇକ୍‌ରେ ନେଇ ଯାଇଥିଲେ। ଶଶୀଙ୍କୁ ସାଙ୍ଗରେ ନେଇ ସେ ଜମାଦାରପାଲି ନିକଟସ୍ଥ ଏକ ମନ୍ଦିର ପାଖରେ ପହଞ୍ଚିଥିଲେ। ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ସେ ଏହାର ପ୍ରତିବାଦ କରି ରାମଚନ୍ଦ୍ରଙ୍କୁ ଚାପୁଡ଼ା ମାରିବା ସମୟରେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ପଡିବା ବେଳେ ପାଖରେ ଏକ ପଥରରେ ଶଶୀଙ୍କ ମୁଣ୍ଡ ପିଟି ହୋଇ ଯାଇଥିଲା। କାଳେ ସେ ଚିତ୍କାର କରିବେ ମନେ କରି ଅଭିଯୁକ୍ତ ଏକ ମଫଲରରେ ତାଙ୍କ ଗଳାକୁ ଚିପି ଧରିବାରୁ ଶଶୀଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ଅଭିଯୁକ୍ତ ନିଜ ବାଇକ୍‌ରୁ ପେଟ୍ରୋଲ କାଢ଼ି ଶଶୀଙ୍କ ଉପରେ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ପରେ ସେ ପିନ୍ଧିଥିବା ଲୁଗାପଟାକୁ ନଷ୍ଟ କରି ସେଠାରୁ ପଳାଇ ଯାଇଥିଲେ। ପରେ ଉକ୍ତ ସ୍ଥାନରେ ଅର୍ଦ୍ଧଦଗ୍ଧ ଅବସ୍ଥରେ ପଡ଼ିଥିବା ମହିଳାଙ୍କ ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଏହି ଘଟଣାର ଅଧିକ ତଦନ୍ତ ଚାଲୁ ରହିଛି। ତଦନ୍ତ ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ ସବିଶେଷ ତଥ୍ୟ ଦିଆ ଯାଉନାହିଁ। ଅଧିକ ତଥ୍ୟ ହାସଲ ପାଇଁ ରାମଚନ୍ଦ୍ରଙ୍କୁ ରିମାଣ୍ଡରେ ଆଣିବାକୁ ଆଦାଲତରେ ଆବେଦନ କରାଯିବ ବୋଲି ଏସ୍‌ପି ଭାମୁ କହିଛନ୍ତି।

# କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ପାରିତ




ବଲାଙ୍ଗୀର ଜିଲା ପରିଷଦ ବୈଠକରେ ଉପସ୍ଥିତ ସଦସ୍ୟା ସଦସ୍ୟ ଓ ଅଧିକାରୀ।

**ବଲାଙ୍ଗୀର ଜିଲା ପରିଷଦ ବୈଠକ**

- ସରକାରଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ପାରିତ କରାଗଲା
- ବୈଠକ ୬ ମାସ ବିଳମ୍ବକୁ ନେଇ ଅସନ୍ତୋଷ ଜାହିର
- ଜିଲାର ବିକାଶ ଠପ୍ ହୋଇଯାଇଛି କହି ଗର୍ଜିଲେ ସଦସ୍ୟ

ବଲାଙ୍ଗୀର,୧୭(ବୀରେନ୍ଦ୍ର କୁମାର ଝାଙ୍କର)

ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବଲାଙ୍ଗୀର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଭାପତି ବେବେକୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପାଧ୍ୟକ୍ଷ ମିଥିଳା ମାଝି, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଜିଲାପାଳ ଗୌରବ ଶିଖାଜୀ ଇସଲାୱାର, ଟିଟିଲାଗଡ ଉପଜିଲାପାଳ ରେହାନ ଖତ୍ରୀ, ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ ବିଧାୟକଙ୍କ ପ୍ରତିନିଧି, ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଲୋଇସିଂହା ବିଧାୟକ, ଲୋକସଭା ଏମ୍ପିଙ୍କ ପ୍ରତିନିଧି, ଜିଲା ପରିଷଦ ସଦସ୍ୟା ସଦସ୍ୟ , ବିଭିନ୍ନ ବ୍ଲକର ଅଧ୍ୟକ୍ଷା, ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରୁ ରାଜ୍ୟ ସରକାର ଅସହଯୋଗ କରୁଥିବା ଅଭିଯୋଗ ଅଣାଯାଇଥିଲା। ନିୟମିତ ଜିଲା ପରିଷଦ ବୈଠକ ବସୁ ନ ଥିବା ଏବଂ ୬ ମାସ ପରେ ଜିଲା ପରିଷଦ ବୈଠକ ବସିଥିବାରୁ ଘୋର ଅସନ୍ତୋଷ ପ୍ରକାଶ କରାଯାଇଥିଲା। ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଅନୁଦାନ ଯୋଗାଇ ଦିଆଯାଇ ନ ଥିବାରୁ ଜିଲାର ବିକାଶ ପ୍ରକ୍ରିୟା ଠପ୍ ହୋଇଯାଇଥିବା ଅଭିଯୋଗ କରିଥିଲେ। କେବିକେ ବିକାଶ ଯୋଜନା ଅନୁଦାନ ଯୋଗାଣ କାହିଁକି ବନ୍ଦ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନିଯୁକ୍ତ କରୁ ନ ଥିବାରୁ ଜିଲାର ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଉଛି ବୋଲି କହିଥିଲେ। ଏହାକୁ ନେଇ ବୈଠକରେ ସରକାରଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ ଓ ପାରିତ ହୋଇଥିଲା। ଜିଲାର ବିଭିନ୍ନ ବ୍ଲକରେ ସମିତି ସଭ୍ୟ ଓ ସରପଞ୍ଚମାନେ ଧାରଣାରେ ବସିଥିଲେ ମଧ୍ୟ ସେମାନଙ୍କ ପାଖକୁ କୌଣସି ଅଧିକାରୀ ଯାଇ ଆଲୋଚନା କରୁନଥିବା ଅଭିଯୋଗ ହୋଇଥିଲା। ସଦସ୍ୟା ସଦସ୍ୟମାନେ ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ କରି ଅସନ୍ତୋଷ ଜାହିର କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଉପରେ ଆଲୋଚନା ହୋଇଥିଲା। ଏନେଇ ସମସ୍ତଙ୍କ ସହମତିରେ ରାଜ୍ୟ ସରକାରଙ୍କ ପାଖକୁ ସୁପାରିଶ ପଠାଯିବାକୁ ନିଷ୍ପତ୍ତି ହୋଇଥିଲା। ରାଜ୍ୟସଭା ସଦସ୍ୟ ବିଶି ବୈଠକରେ ଜିଲାର ୫୦ ପ୍ରତିଶତ ଡାକ୍ତର ପଦବୀ ଖାଲି ପଡିଥିବାରୁ ଜିଲାର ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଥିବା କହିଥିଲେ। ଜିଲାର ବିଭିନ୍ନ ସ୍କୁଲ, କଲେଜରେ ଶିକ୍ଷକ, ଅଧ୍ୟାପକ ଅଭାବ କାରଣରୁ ଶିକ୍ଷା ବ୍ୟବସ୍ଥା ବି ଭୁଶୁଡି ପଡିଛି ବୋଲି କହିଥିଲେ। ବିଧାୟକ କଳିକେଶ ସିଂଦେଓ ଜିଲାରେ ଚଳିତ ଖରିଫରେ ୩ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହୋଇଥିବା ବେଳେ ସାଢେ ୫ ଲକ୍ଷ କୁଇଣ୍ଟାଲ ଧାନ ଯୋଗାଣ ବିଭାଗ କିଣିଥିବାରୁ ଏହା କିଭଳି ସମ୍ଭବ ହୋଇଛି ବୋଲି ପ୍ରଶ୍ନ କରିଥିଲେ। ୨ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ କେଉଁଠୁ ଆସିଲା ତାର ତଦନ୍ତ କରାଯାଉ ବୋଲି କହିଥିଲେ । ବୈଠକରେ ମୁଖ୍ୟ ଜିଲା କୃଷି ଅଧିକାରୀ ବାବୁଲି ଚରଣ ସେଠୀ ତଥ୍ୟରେ ଭୁଲ ହୋଇଥିବା କହିଥିଲେ। ଜିଲା ପରିଷଦ ବୈଠକକୁ ଭୁଲ ତଥ୍ୟ ଦେଇଥିବାରୁ କୃଷି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଧାୟକ ସିଂଦେଓ ଦାବି କରିଥିଲେ। ବଲାଙ୍ଗୀରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶକୁ ଜିଲା ପରିଷଦ ସଭାପତିଙ୍କୁ ଆମନ୍ତ୍ରଣ କରି ନ ଥିବାରୁ ମୁଖ୍ୟ କୃଷି ଅଧିକାରୀଙ୍କ ଦୁଇ ମାସର ଦରମା ବନ୍ଦ କରିବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ତେବେ ବୈଠକରେ କୃଷି ଅଧିକାରୀ ଏନେଇ କ୍ଷମା ପ୍ରାର୍ଥନା କରିଥିବା ଜଣାପଡିଛି। ଏହି ବୈଠକରେ ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ବିଭିନ୍ନ ବିଭାଗର ଅନୁଦାନ ଓ ଉନ୍ନୟନକୁ ନେଇ ଆଲୋଚନା ହୋଇଥିଲା। ବୈଠକରେ ସଦସ୍ୟା ସଦସ୍ୟଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଜଗନ୍ନାଥଙ୍କ ରଥ ଭାଙ୍ଗିଲେ ମହାଲକ୍ଷ୍ମୀ



ମହାଲକ୍ଷ୍ମୀଙ୍କୁ ବିମାନରେ ନିଆଯାଉଛି।

**ଧଣ୍ଡାମୁଣ୍ଡାରେ ହେରାପଞ୍ଚମୀ ପାଳିତ**

ଖପ୍ରାଖୋଲ,୧୭(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁରେ ମଙ୍ଗଳବାର ହେରାପଞ୍ଚମୀ ପାଳିତ ହୋଇଯାଇଛି। ଗାଁ ଜଗନ୍ନାଥ ମନ୍ଦିରରୁ ମହାଲକ୍ଷ୍ମୀଙ୍କୁ ବିମାନରେ ମାଉସୀ ମା' ମନ୍ଦିରକୁ ନିଆଯାଇଥିଲା। ସେଠାରେ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭାଙ୍ଗିଥିଲେ। ଏହି ଅବସରରେ ପୂଜକ ବଶିଷ୍ଠ ମିଶ୍ର, ରୋହନ ମିଶ୍ର, କିଷନ ମିଶ୍ର ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। କ୍ଷମାନିଧି ଭୋଇ, କର୍ଣ୍ଣ ହଂସ, ବୁଢୁ ବାଗ, ମକରଧ୍ୱଜ କଠାର, ଆନନ୍ଦ ହଂସ, ଗୋପାଳ ହଂସ, ଗୋବର୍ଦ୍ଧନ ବାଗ, ମନୋହର ହଂସ, ଚଞ୍ଚଳା ଭୋଇ, ପ୍ରଜ୍ଞା ମିଶ୍ର, ସନ୍ଧ୍ୟା ଭୋଇ, ରାଧିକା ପଧାନ, ଚନ୍ଦ୍ରକାନ୍ତି ପଧାନ, ସୀମନ୍ତିନୀ ମିଶ୍ର, ସୁଜାତା ପଧାନ, ଶୋଭାମୟୀ ମିଶ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିଓଏନ୍-ଆର୍‌ଓୟୁ-ଟିଏଟିଆଇ-କେଏନ୍‌ଆର୍‌ଏନ୍-ଏଏଲ୍‌ଟି୨ ତାରିଖ: ୩୦।୦୬।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ସିଓଏନ୍/ଏଚ୍‌କ୍ୟୁ, ଗାର୍ଡେନ୍ ରିଚ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଦକ୍ଷିଣ ପୂର୍ବ ରେଳପଥର ରାଞ୍ଚି ମଣ୍ଡଳରେ ହାଟିଆ (ଏଚ୍‌ଟିଇ) – ଓର୍ଗା (ଓଆରକିଏ) ସେକ୍ସନରେ କନରୋଆଁ–ଟାଟି–ପରବୋଟୋନିଆ ମଧ୍ୟରେ ଦୋହରୀକରଣ ସଂକ୍ରାନ୍ତରେ କନରୋଆଁ (କେଏନ୍‌ଆର୍‌ଏନ୍), ଟାଟି (ଟିଏଟିଆଇ) ଏବଂ ପରବୋଟୋନିଆ (ପିବିବି) ଷ୍ଟେଶନଠାରେ ୟାର୍ଡ ରିମଡେଲିଂ କାର୍ଯ୍ୟ ସମେତ ଉଭୟ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଏସ୍ ଆଣ୍ଡ ଟି କାର୍ଯ୍ୟ ଏବଂ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ପ୍ରଣାଳୀରେ ପରିବର୍ତ୍ତନ ପାଇଁ ଡିଜାଇନ, ଯୋଗାଣ, ସ୍ଥାପନ, ନିର୍ବାହ, ପରୀକ୍ଷଣ ଏବଂ କମିଶନିଂ କାର୍ଯ୍ୟ । **ଟେଣ୍ଡରର ବିଜ୍ଞାପିତ ମୂଲ୍ୟ:** ₹୭,୨୪,୪୯,୦୬୦.୯୪ । **ଅମାନତ ରାଶି:** ₹୫,୧୨,୩୦୦/– । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦ । **ଟେଣ୍ଡରର ପ୍ରକାର:** ଖୋଲା । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ୨୩।୦୭।୨୦୨୫, ୧୫.୦୦ ଘଟିକା । ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ସବିଶେଷ ବିବରଣୀ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ । (PR-336)


# ଯୁବ ଉଦ୍ୟୋଗୀ ସିତମଙ୍କ ନିଆରା ପ୍ରୟାସ

ଟିଟିଲାଗଡ଼,୧୭(ଶରତ ମିଶ୍ର)

ଏକଦା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଜଣେ ସଫଳ ଆଙ୍କର ଭାବରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ମାଟିର ଯୁବ ପ୍ରତିଭା ସୀତମ ବେଦବାକ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ତେବେ କରୋନା ମହାମାରୀ ଅନେକ କଳାକାରଙ୍କ ଭଳି ତାଙ୍କ ଜୀବିକା ଉଜାଡି ଦେଇଥିଲା । ଏଥିରେ ନିରାଶ ନ ହୋଇ ସେ ସମ୍ବଲପୁରୀ କଳାର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ । ଏପରି କି ଟିଟିଲାଗଡ ଅଞ୍ଚଳର ଚଳଚ୍ଚିତ୍ର ଜଗତର ଜଣାଶୁଣା ନିର୍ଦ୍ଦେଶକ ଜିତେନ୍ଦ୍ର ମିଶ୍ରଙ୍କ ପୂର୍ଣ୍ଣ ସହଯୋଗରେ ସୀତମ ନିଜକୁ ଜଣେ ସଫଳ ଉଦ୍ୟୋଗୀ ଭାବରେ ପ୍ରତିପାଦିତ କରି ପାରିଛନ୍ତି । କରୋନା ସମୟରେ ସୀତମଙ୍କ ଦ୍ୱାରା ପ୍ରସ୍ତୁତ ମାସ୍କ, ପୋଷାକ ଆଦିର ପ୍ରଚାର ପ୍ରସାର ପାଇଁ ଜିତେନ୍ଦ୍ର ସହଯୋଗର ହାତ ବଢାଇ ଥିଲେ । ସେ ଏସବୁ ସାମଗ୍ରୀ ଅନ୍ତର୍ଜାତୀୟ କ୍ୟାନ୍ସ ଚଳଚ୍ଚିତ୍ର ଉତ୍ସବ ହେଉ ବା ବିଭିନ୍ନ ଦେଶରେ ଆୟୋଜିତ ଅନେକ ବିଶ୍ୱସ୍ତରୀୟ ଫିଲ୍ମ ଉତ୍ସବରେ ପ୍ରଦର୍ଶନ କରି ଏହାର ପ୍ରଚାର କରି ଆସିଛନ୍ତି। ଜିତେନ୍ଦ୍ର କ୍ୟାନ୍ସ ଉତ୍ସବର ରେଡ କାର୍ପେଟକୁ ସୀତମଙ୍କ ଦ୍ୱାରା ଡିଜାଇନ କରାଯାଇଥିବା ସମ୍ବଲପୁରୀ ବ୍ଲେଜର ପିନ୍ଧି ଓହ୍ଲାଇଥିଲେ। ବିଶ୍ୱର ଖ୍ୟାତନାମା ମାଷ୍ଟର ସେଫ୍ ବିକାଶ ଖାନ୍ନାଙ୍କ ବରାଦ ଅନୁଯାୟୀ ସିତମ ୧୦୦୦ଟି ସମ୍ବଲପୁରୀ ରୁମାଲ ମଧ୍ୟ ଆମେରିକା ରପ୍ତାନି କରିଥିଲେ। ବିକାଶ ସମ୍ବଲପୁରୀ ରୁମାଲକୁ ନେଇ ଏକ ଭିଡିଓ ତିଆରି କରିଥିଲେ। ଯାହାକି ସୋସିଆଲ ମିଡ଼ିଆରେ ବେଶ ଆଦୃତ ହୋଇଥିଲା। ସେହିପରି ସୀତମଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବଲପୁରୀ ମୋବାଇଲ ଖୋଳ ବଜାରରେ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରିଛି । ଏପରି କି ଚଳଚ୍ଚିତ୍ର ତାରକା ଓ ରାଜନେତାଙ୍କ ପାଇଁ ପୋଷାକ ଡିଜାଇନ କରିବା ଦେଖିବାକୁ ମିଳିଛି । ଏହାଦ୍ୱାରା ତାଙ୍କ ମନୋବଳ ବୃଦ୍ଧି ପାଇବା ସହ ସମ୍ବଲପୁରୀ କଳାର ବିକାଶ ତଥା ବ୍ୟବସାୟକୁ ଆଗେଇ ନେବା ପାଇଁ ସେ ଅଣ୍ଟା ଭିଡିଛନ୍ତି । ସଂପ୍ରତି ସେ ଟିଟିଲାଗଡ଼ ସହରରେ ଏକ ଶୋରୁମ କରି ନିଜର ଜୀବିକା ନିର୍ବାହ କରିବା ସହ ସ୍ଥାନୀୟ ଯୁବବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସୀତମଙ୍କୁ ତାଙ୍କ ସ୍ତ୍ରୀ ଫେଶନ ଡିଜାଇନର ସନ୍ତୋସ୍ମିତା ହୋତା ସର୍ବଦା ଏହି କାର୍ଯ୍ୟରେ ସହଯୋଗ କରି ଆସିଛନ୍ତି।

## କିଶନ ସବୁଜ ସପ୍ତାହର ଶୁଭାରମ୍ଭ

ବଲାଙ୍ଗୀର,୧୭(ବୀରେନ୍ଦ୍ର କୁମାର ଝାଙ୍କର): ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ମଙ୍ଗଳବାର ଠାରୁ କିଶନ ସବୁଜ ସପ୍ତାହ ପାଳନର ଶୁଭାରମ୍ଭ ହୋଇଛି। ବଲାଙ୍ଗୀର ସହର ସନ୍ନିକଟ ପଥରଚେପା ଗାଁରେ ଏହାର ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଆବାହକ ସୁନୀଲ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଜଙ୍ଗଲ ଫୋରମ୍‌ର ଆବାହକ କୁଳମଣି ସାହୁ, ପରିବେଶ କର୍ମୀ ସତ୍ୟ ବନ୍‌ଛୋର, ପଥରଚେପା ବନ ସୁରକ୍ଷା ସମିତି ସଭାପତି ଅଶ୍ୱିନୀ ବିଶ୍ୱାଳ, ଫରେଷ୍ଟ ଗାର୍ଡ ଭାରତୀ ଜାନୀ ଓ ଶୁଭସ୍ମିତା ମେହେର, ବୀରେନ୍ଦ୍ର କୁମାର ଝାଙ୍କର ଉପସ୍ଥିତ ଥିଲେ। ବିଶିଷ୍ଟ ସମାଜବାଦୀ ବିଚାରକ ସ୍ୱର୍ଗତ କିଶନ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିବର୍ଷ ଜୁଲାଇ ୧ରୁ କିଶନ ସବୁଜ ସପ୍ତାହ ପାଳନ କରାଯାଇଆସୁଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ମୁରିବାହାଲ,୧୭(ଶ୍ରୀବତ୍ସ ବେହେରା)

